

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୯୩ ଭୁବନେଶ୍ୱର ମଙ୍ଗଳବାର, ଡ଼ିସେମ୍ବର ୧୦.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.93 Bhubaneswar, Tuesday, December 10, 2024


## ରାଜ୍ୟସଭା ପାଇଁ ନାମାଙ୍କନ ଦାଖଲ କଲେ ସୁଜିତ କୁମାର



ଭୁବନେଶ୍ୱର, ୯/୧୨ : ରାଜ୍ୟସଭା ଉପନିର୍ବାଚନ ଲାଗି ବିଜେପି ପ୍ରାର୍ଥୀ ଭାବେ ସୁଜିତ କୁମାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ୩୦ଜଣ ବିଧାୟକ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ରହିଛନ୍ତି। ଆଜି ବିଜେପି ସଂସଦୀୟ ବୋର୍ଡ କମିଟି ରାଜ୍ୟସଭା ଉପନିର୍ବାଚନ ପ୍ରାର୍ଥୀ ଭାବେ ସୁଜିତ କୁମାରଙ୍କ ନାଁରେ ମୋହର ମାରିଛି। ଏନେଇ ଦଳର ବରିଷ୍ଠ ନେତା ପ୍ରଦୀପ୍ତ ନାୟକ ସୂଚନା ଦେଇଛନ୍ତି। ଏଣେ ଆଜି ପୂର୍ବାହ୍ନରେ ସୁଜିତ କୁମାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ସୂଚନାଯୋଗ୍ୟ, ଆଜି ବିଜେପି ସଂସଦୀୟ ବୋର୍ଡ କମିଟି ରାଜ୍ୟସଭା ଉପନିର୍ବାଚନ ପ୍ରାର୍ଥୀ ଭାବେ ସୁଜିତ କୁମାରଙ୍କ ନାଁରେ ମୋହର ମାରିଛି। ଏନେଇ ଦଳର ବରିଷ୍ଠ ନେତା ପ୍ରଦୀପ୍ତ ନାୟକ ସୂଚନା ଦେଇଛନ୍ତି। ଏଣେ ଆଜି ପୂର୍ବାହ୍ନରେ ସୁଜିତ କୁମାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପହଞ୍ଚି ସଭାପତି ମନମୋହନ ସାମଲଙ୍କୁ ଭେଟିଛନ୍ତି। ତାପରେ ସେ ବିଧାନସଭାକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ସହହ ସାକ୍ଷାତ ଆଲୋଚନା କରିଛନ୍ତି। ସୁଜିତଙ୍କର କାର୍ଯ୍ୟକାଳ ଏପ୍ରିଲ ୨, ୨୦୨୬ରେ ଶେଷ ହେବାକୁ ଥିବାବେଳେ ସେ ଗତ ସେ ?ପ୍ଟେମ୍ବର ୬ ତାରିଖରେ ରାଜ୍ୟସଭା ସାଂସଦ ଓ ବିଜେଡିରୁ ଇସ୍ତଫା ଦେଇଥିଲେ। ସେ ବିଜେପିରେ ଯୋଗ ଦେଇଥିଲେ। ତେଣୁ ଏବେ ପୂର୍ବରୁ ମମତା ମହନ୍ତ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ସହ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ। ଏହାପରେ ବିଜେପି ତାଙ୍କୁ ପୁଣି ରାଜ୍ୟସଭାକୁ ପଠାଇଥିଲା। ସୁଜିତ କୁମାର ବି ସେହି ସମାନ ପନ୍ଥା ଆପଣାଇଥିଲେ। ସାଂସଦ ପଦରୁ ଇସ୍ତଫା ଦେବା ପରେ ଦିଲ୍ଲୀରେ ବିଜେପିରେ ଯୋଗଦେଇଥିଲେ। ତେଣୁ ଏବେ ବିଜେପି ସୁଜିତ କୁମାରଙ୍କୁ ପୁଣି ରାଜ୍ୟସଭାକୁ ପଠାଇବ ନା ଦଳର ଆଉ କେଉଁ ନେତାଙ୍କୁ ପଠାଇବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ମାତ୍ର ଦଳ ସୁଜିତ କୁମାରଙ୍କ ନାଁରେ ମୋହର ମାରିଛି। ଆସନ୍ତା ଡିସେମ୍ବର ୨୦ତାରିଖରେ ୪ଟି ରାଜ୍ୟରେ ଖାଲି ପଡ଼ିଥିବା ୬ଟି ରାଜ୍ୟସଭା ଆସନ ପାଇଁ ଉପନିର୍ବାଚନ ହେବ। ଏନେଇ ଭାରତ ନିର୍ବାଚନ କମିସନ ଆଜି କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏଥିରେ ଓଡ଼ିଶାର ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ। ବିଜେଡିରୁ ରାଜ୍ୟସଭା ଯାଇଥିବା ସୁଜିତ କୁମାର ସେପଟ୍ଟେମ୍ବର ୬ରେ ହଠାତ୍ ରାଜ୍ୟସଭା ସାଂସଦ ପଦ ଓ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ପରେ ଏହି ପଦବିଟି ଖାଲି ପଡ଼ିଛି। ସୂଚନାଯୋଗ୍ୟ ଯେ, ଡିସେମ୍ବର ୨୦ରେ ହେବାକୁ ଥିବା ରାଜ୍ୟସଭା ଉପନିର୍ବାଚନ ପାଇଁ ଡିସେମ୍ବର ୩ରେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ୧୧ରେ ନାମାଙ୍କନ ଯାଞ୍ଚ ଓ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି।

# ଭୋକର ଭୂଗୋଳରେ ଦାଦନ ଏକ୍ସପ୍ରେସ୍

## ପିଠିରେ ଗରିବୀ ବୋଝ / ପେଟରେ ଭୋକର ଜ୍ୱାଳା / ରାତି ଅଧରେ ଦାଦନ ପରିବହନ

ଭୁବନେଶ୍ୱର, ୯/୧୨ : ଦାନା ପାଇଁ ଦାଦନ ଯାଇ, କେତେ ଯେ ମଣିଷ ଶବ ପାଲଟିଗଲେଣି, ତଥାପି ବଦଳୁନି ବ୍ୟବସ୍ଥାର ଚିତ୍ର । ନାନା ଆଲୋଚନା, ନାନା ଯୋଜନା ସତ୍ତ୍ୱେ ଦାଦନ ଦହନରୁ ମିଳୁନି ଉପଶମ । ନିଇତି ଦାଦନଙ୍କୁ ବୋହି ରାଜ୍ୟ ବାହାରକୁ ଦୌଡୁଛି ଟ୍ରେନ୍ । ଭୋକର ଭୂଗୋଳ ବଲାଙ୍ଗିରରୁ ନିଇତି ଛୁଟୁଛି ଦାଦନ ଏକ୍ସପ୍ରେସ । କଣ୍ଟାବାଞ୍ଜିରୁ ଟ୍ରେନ୍ ଧରି ଦାନା ପାଇଁ ହାଇଦ୍ରାବାଦକୁ ଦାଦନ ଯାଉଛନ୍ତି ଶ୍ରମିକ । କିଏ ପରିବାରକୁ ସାଙ୍ଗରେ ନେଇଯାଉଛନ୍ତି ତ ଆଉ କିଏ ବୁଢ଼ା ବାପା, ମା'ଙ୍କୁ ଛାଡ଼ି ଦାଦନ ଯାଉଛନ୍ତି । କଣ୍ଟାବାଞ୍ଜି ରେଳ ଷ୍ଟେସନ ପ୍ଲାଟଫର୍ମରେ ଆଖି ଯେ ପର୍ଯ୍ୟନ୍ତ ପାଉଛି, ସେ ଯାଏଁ ଲମ୍ବିଛି ଦାଦନ ଶ୍ରମିକଙ୍କ ସୁଅ । ପେଟରେ ଭୋକର ଜ୍ୱାଳା । ପିଠିରେ ଗରିବୀର ବୋଝ । ଆଉ ବା କ'ଣ କରିଥାନ୍ତେ, ଶେଷରେ ଭିଟାମାଟିକୁ ପର କରି ଥଣ୍ଡା ଆଉ ଜାଡ଼ ଭିତରେ ରାତି ଅଧିଆ ବାହାରିଛନ୍ତି ଟ୍ରେନରେ । ଗତ ରାତି ତମାମ କଣ୍ଟାବାଂଜି ଷ୍ଟେସନରେ ଦେଖିବାକୁ ମିଳିଥିଲା ଶ୍ରମିକ ପରିବହନର ଏଭଳି ଦୃଶ୍ୟ । ତାହାରି ଭିତରେ ଭୋକିଲା ମଣିଷଙ୍କୁ ପଚାରିବାରୁ ସିଧା ସିଧା କହିଥିଲେ, କାମ ନାହିଁ କି ମଜୁରୀ ନାହିଁ । ତେଣୁ ଯାଉଛୁ ଇଟା ଗଢ଼ିବାକୁ । ଚା'ଖଣ୍ଡେ ପେଟକୁ ଦି' ମୁଠା ଦାନା ସନ୍ଧାନରେ ରାଜ୍ୟ ବାହାରକୁ ବଲାଙ୍ଗିର ସମେତ ସାରା ପଶ୍ଚିମ ଓଡ଼ିଶାରୁ ନିଇତି



ଦୌଡୁଥିବା ଏହି ମଣିଷଙ୍କୁ ରୋକିବ କିଏ ? ଶାସନ ଅଛି ସତ, କିନ୍ତୁ ଏଠି ତ ପ୍ରଶାସନ ହିଁ ଢିଲା । ସେଥିପାଇଁ ଦାଦନ କଳଙ୍କର ଟୀକା ପିନ୍ଧିଥିବା ବଲାଙ୍ଗିର ଜିଲ୍ଲାରେ ଥମୁନି ଦାଦନ ଶ୍ରମିକଟିଏ ଶବ ପାଲଟି ଯାଉଥିବାର ସଂଖ୍ୟା । ଏ ଯେମିତି ବେଲପଡ଼ା ବ୍ଲକ ବାଗଦୋର ଗାଁର ଅମ୍ବିକା ତାଣ୍ଡି । ସ୍ୱାମୀଙ୍କ ସହ ବାହାର ରାଜ୍ୟକୁ ଯାଇଥିଲେ ଦାଦନ ଖଟି । କିନ୍ତୁ ଦାନା କମ୍-କାମ ଅଧିକ ପାଇଁ ରୋଗରେ ପଡ଼ି ଶେଷରେ ଆଖିବୁଜିଲେ ଅମ୍ବିକା । ପାଟଣାଗଡ଼ ବ୍ଲକ୍ ତମିଆଁ ଗାଁର ପୁରଣ କୁମୁରି । ସେ ବି ଦାଦନ ଖଟିବାକୁ ଯାଇ ପ୍ରାଣ ହରାଇଛନ୍ତି । ଦାଦନ ପ୍ରବଣ ଟିଟିଲାଗଡ଼ ଉପଖଣ୍ଡରେ ଗତ ୨ ଦିନ ଭିତରେ ୩ ଜଣ ଏବଂ ପାଟଣାଗଡ଼ ଉପଖଣ୍ଡରେ ୩ ଦିନରେ ୨ଜଣ ଦାଦନ ଶ୍ରମିକ ଶବ ହୋଇ ଫେରିଲେଣି । ଦାଦନ ଚାଲାଣ ରୋକିବା ପାଇଁ ଗଠନ ହୋଇଛି ଟାକ୍ସଫୋର୍ସ । ବଲାଙ୍ଗିର ଜିଲ୍ଲା ପ୍ରଶାସନ କହୁଛି, ଆମେ ସଚେତନ କରୁଛୁ, ଲୋକଙ୍କୁ କାମ ଯୋଗାଉଛୁ । କିନ୍ତୁ ଗ୍ରାଉଣ୍ଡ ଜିରୋରେ ଏସବୁ କଥା, ଫମ୍ପା ମାଠିଆ ପାଲଟିଛି । ବଲାଙ୍ଗିର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଆଗରେ କୋଡ଼ି, କୋଦାଳ ସହ ଗାଣ୍ଡୁଆ ଧରି ଏଭଳି କାମ ମାଗିବାକୁ ଆସିଥିଲେ ଶ୍ରମିକ । କିନ୍ତୁ, କାମର ନାଁ ଗନ୍ଧ ନାହିଁ। ଶ୍ରମିକଙ୍କୁ ୩ ଶହ ଦିନର କାମ ଯୋଗାଇବାକୁ ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଦଲିଲ ଦସ୍ତାବିଜରେ କାମ ବଣ୍ଟାଯାଉଛି ସିନା ହିତାଧିକାରୀଙ୍କ ହାତକୁ କାମ ନାହିଁ । ପଚାରିଲେ ଅଧିକାରୀଙ୍କ ଟାଣ ଉତ୍ତର, ସଚେତନ କରୁଛୁ, କାମ ଦେଉଛୁ ।

## ରାଜ୍ୟର ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ



ରାଜ୍ୟର ସବୁ ଜିଲ୍ଲାରେ ଖୋଲିବ ମେଡିକାଲ କଲେଜ। ଭଦ୍ରକ ସମେତ ସମସ୍ତ ୩୦ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ନେଇ ଗୃହରେ ଘୋଷଣା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସେହିଭଳି ମେଡିକାଲ ରିକ୍ରୁଟମେଣ୍ଟ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ୨ଟି ସଂଶୋଧନ କରାଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଆମ ସଂକଳ୍ପ ପତ୍ରରେ ଥିଲା। ଲୋକଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇଦେବା ପାଇଁ ସବୁ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ଜରୁରୀ। ଏହା ସହିତ ମେଡିକାଲ ଗୁଡ଼ିକରେ ଯେଉଁ ଡାକ୍ତରଙ୍କ ଅଭାବ ରହିଛି, ତାହାକୁ ମଧ୍ୟ ପୂରଣ କରିବା ଜରୁରୀ। ତେଣୁ ଖୁବଶୀଘ୍ର ୫ ହଜାର ଡାକ୍ତର ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇବ। ଏଥିସହ ୩ ହଜାର ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି ପାଇଁ ମଧ୍ୟ ବିଜ୍ଞାପନ ବାହାରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ୨୦୧୪ ମସିହା ପରେ ଯେତେ ସବୁ ୧୦୦ ବେଡ୍ ବିଶିଷ୍ଟ ମେଡିକାଲ କଲେଜ ଖୋଲିଛି, ସେସବୁର ଉନ୍ନତିକରଣ ପାଇଁ ୨୫୦ରୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ଗୃହରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ।

## ମହାମାରୀ ନାଁରେ ମହା ଘୋଟାଲା



ଭୁବନେଶ୍ୱର୯/୧୨ :ଘୋଟାଲା । ତାପୁଣି ମହାମାରୀ ନାଁରେ । କୋଭିଡ୍ ପରିଚାଳନା ପାଇଁ ପୂର୍ବ ବିଜେଡି ସରକାର ଜିଲ୍ଲା କୋଭିଡ୍ ହସ୍ପିଟାଲକୁ ବେପରୁଆ ଭାବେ ଅର୍ଥ ଦେଇଥିଲେ । ତାପୁଣି ବିନା ବିଲ୍ ଯାଞ୍ଚ ପରତାଲରେ । ଯାହାକୁ ଧରିଛନ୍ତି ସିଏଜି । ରିପୋର୍ଟରେ ମୋଟ୍ ୧୪୪ କୋଟି ୮୮ ଲକ୍ଷ ଟଙ୍କାର ଅନିୟମିତତା କଥା କୁହାଯାଇଛି । ସେପଟେ ସିଏଜି ରିପୋର୍ଟ ଆସିବା ପରେ ରାଜନୀତି ତେଜିଛି । କୋଭିଡ୍ ପରିଚାଳାନାରେ ବ୍ୟାପକ ଅନିୟମିତତା । ବିଲ୍ ଯାଞ୍ଚ ନକରି କୋଭିଡ୍ ପରିଚାଳନା ଲାଗି ଘରୋଇ ହସ୍ପିଟାଲକୁ ଦିଆଯାଇଛି କୋଟି କୋଟି ଟଙ୍କା । ସିଏଜି ଧରିଲେ ଅନିୟମିତତା । ଖୋର୍ଦ୍ଧା ଓ କଟକ ଜିଲ୍ଲାର ୮ଟି ଘରୋଇ କୋଭିଡ୍ ହସ୍ପିଟାଲ୍ ବିଲ୍‌ରେ ଏହି ଅନିୟମିତତା ହୋଇଥିବା ଗତକାଲି ପ୍ରକାଶିତ ସିଏଜି ରିପୋର୍ଟରେ ଉଲ୍ଲେଖ ହୋଇଛି । ଭୁବନେଶ୍ୱରର ସମ୍ ହସ୍ପିଟାଲ୍, ହାଇଟେକ୍, ବ୍ଲୁହ୍ୱିଲ୍, କିଡସ୍ ହସ୍ପିଟାଲ୍, ସଞ୍ଜିବନୀ, ଆଦିତ୍ୟ ଅଶ୍ୱିନୀ ଏବଂ ସ୍ୱର୍ଣ୍ଣ ହସ୍ପିଟାଲ୍ ସହ କଟକର ସନ୍ ହସ୍ପିଟାଲ୍‌ର କୋଭିଡ୍ ପରିଚାଳନା ବିଲ୍‌କୁ ନେଇ ପ୍ରଶ୍ନ ଉଠାଇଛନ୍ତି ସିଏଜି । ମୋଟ୍ ୧୪୪ କୋଟି ୮୮ ଲକ୍ଷ ଟଙ୍କାର ଅନିୟମିତତା ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି । ବିନା ବିଲ୍ ଯାଞ୍ଚରେ ଏସବୁ କୋଭିଡ୍ ହସପିଟାଲଗୁଡିକର ବିଲ୍ ପାସ୍ କରିଥିଲେ ତତ୍କାଳୀନ ବିଜେଡି ସରକାର । ତେବେ ଏ ନେଇ ସଂପୃକ୍ତ ହସପିଟାଲ୍ କର୍ତ୍ତୃପକ୍ଷଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ । କୋଭିଡ୍ ହସପିଟାଲ୍ ବିଲ୍ ପୈଠ ଅନିୟମିତତାକୁ ନେଇ ସିଏଜି ରିପୋର୍ଟ ଆସିବା ପରେ ବିଜେଡି ସରକାରର ଘରୋଇ ହସପିଟାଲ ପ୍ରତି ଅହେତୁକ ଅନୁକମ୍ପା ପଦାରେ ପଡିଛି । ପ୍ରଶ୍ନ ଉଠୁଛି କାହିଁକି ଏସବୁ ଘରୋଇ ହସ୍ପିଟାଲ୍‌ର କୋଭିଡ ପରିଚାଳନା ବିଲ୍ ଯାଞ୍ଚ ନକରି ପାସ୍ କରାଗଲା ଏହା ପଛରେ କି ଉଦ୍ଦେଶ୍ୟ ଥିଲା ତାକୁ ନେଇ ବିଜେପି ପ୍ରଶ୍ନ ଉଠାଇଥିବା ବେଳେ ଦୋଷୀଙ୍କ ବିରୋଧରେ ମୋହନ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଦଳ କହିଛି । ସେପଟେ ବିଜେଡି କହିଛି କୋଭିଡ୍ ପରିଚାଳନାରେ ଆମେ ଆଗରେ ଥିଲୁ । ଏହା ତଥ୍ୟ ଆଧାରିତ ନୁହେଁ । ଏବେ ଦେଖିବାର କଥା ଦୁର୍ନୀତି ପାଇଁ ଶୂନ୍ୟ ସହନଶୀଳତା ନୀତି ଆପଣାଇଥିବା ମୋହନ ସରକାର ତତ୍କାଳୀନ ଅଧିକାରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ।

## ସରକାରୀ ମେଡିକାଲ କଲେଜରେ ୮୬ ପ୍ରଫେସର ପଦବୀ ଖାଲି

ଭୁବନେଶ୍ୱର,୯/୧୨: ରାଜ୍ୟରେ ଥିବା ସରକାରୀ ମେଡିକାଲ କଲେଜଗୁଡିକରେ ୮୬ଟି ପ୍ରଫେସର ପଦବୀ ଖାଲି ପଡିଛି। ଏଥି ମଧ୍ୟରେ ଭିମସାରରେ ୧୩ଟି ପ୍ରଫେସର ପଦବୀ ଖାଲିଥିବାବେଳେ କଟକ ଏସ୍‌ସିବିରେ ୧୧ଟି ପ୍ରଫେସର ପଦବୀ ଖାଲି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ସରକାରୀ ମେଡିକାଲ କଲେଜଗୁଡିକରେ ୮୬ଟି ପ୍ରଫେସର ପଦବୀ ସହିତ ୧୬୩ ଆସୋସିଏଟ ପ୍ରଫେସର, ୮୩ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୪୨ଜଣ ଟ୍ୟୁଟର, ୩୪୩ ଜଣ ସିନିୟର ରେସିଡେଣ୍ଟ ଓ ୪୬ଜଣ ଜୁନିୟର ରେସିଣ୍ଟେ ପଦବୀ ଖାଲି ପଡିଛି । ସେହିଭଳି ରାଜ୍ୟରେ ଥିବା ୬୯୦ଟି ଆୟୁର୍ବେଦିକ ମେଡିକାଲ ଅଫିସର ପଦବୀ ମଧ୍ୟରୁ ୧୭୧ଟି ଖାଲି ପଡିଛି । ମୟୁରଭଞ୍ଜରେ ସର୍ବାଧିକ ୧୫ଟି ଆୟୁର୍ବେଦିକ ମେଡିକାଲ ଅଫିସର ପଦବୀ ଖାଲି ପଡିଥିବାବେଳେ ଗଞ୍ଜାମରେ ୧୨, କେନ୍ଦୁଝରରେ ୧୧ ଓ ସୁନ୍ଦରଗଡରେ ଏହି ସଂଖ୍ୟା ୧୦ରହିଛି ।

## ପଦାରେ ପଡିଲା କଂଗ୍ରେସ କନ୍ଦଳ

ଭୁବନେଶ୍ୱର,୯/୧୨: ପଦାରେ ପଡିଲା କଂଗ୍ରେସ କନ୍ଦଳ। ପ୍ରଶ୍ନକାଳରେ ଦୁଇ ବରିଷ୍ଠ କଂଗ୍ରେସ ବିଧାୟକ କଥା କଟାକଟି। କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା ଏବଂ ଦାଶରଥୀ ଗମାଙ୍ଗଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତି ଦେଖି ତାରାପ୍ରସାଦ ବାହିନୀପତି ଏବଂ ପବିତ୍ର ସଉଁତା ହସ୍ତକ୍ଷେପ କରିବା ଦେଖିବାକୁ ମିଳିଥିଲା। କିନ୍ତୁ କେଉଁ ପ୍ରସଙ୍ଗ ନେଇ ଉଭୟ ମୁହାମୁହିଁ ହୋଇଥିଲେ ତାହା ଜଣାପଡିନାହିଁ। ତେବେ କଥା କଟାକଟି ହେବାକୁ ରାଜନ ଏକ୍କା ଅସ୍ୱୀକାର କରିଥିବାବେଳେ ବରିଷ୍ଠ ବିଧାୟକ ତାରା ବାହିନୀପତି ଓ ଦାଶରଥୀ ଗମାଙ୍ଗ ଏଥିରେ ଦୁଃଖ ପ୍ରକାଶ କରିଛନ୍ତି। ବିଧାନସଭାରେ ଦଳର ଦୁଇ ବରିଷ୍ଠ ବିଧାୟକ ଏପରି ମୁହାଁମୁହିଁ ହେବା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ତାରା। ସେ କହିଛନ୍ତି ଯେ ଦଳରେ ଆଉ ଶୃଙ୍ଖଳା ନାହିଁ। ବରିଷ୍ଠ ବିଧାୟକମାନେ ଏଭଳି ହେଉଛନ୍ତି। ଏଥିରେ ମର୍ମାହତ ହୋଇ ମୁଁ ଆଉ ଅଂଶ ଗ୍ରହଣ ନକରି ଚାଲି ଆସିଲି। ସେପଟେ ଦାଶରଥୀ ଗମାଙ୍ଗ କହିଛନ୍ତି ଯେ, ରାଜନ ଏକ୍କା ମୋତେ ଯାହା କହିଲେ ତାହା ମୋ ମନରେ ଦୁଃଖ ଦେଇଛି। ସେ ଗୃହରେ ମୋତେ ଅସଭ୍ୟ ଭାଷାରେ ଗାଳି ଦେଇଛନ୍ତି। ଜଣେ ଉଚ୍ଚଶିକ୍ଷିତ ହୋଇ ବିଧାନସଭାରେ ଖରାପ ଭାଷା ବ୍ୟବହାର କରିବା ଉଚିତ କି ? ଏହା ଦଳକୁ କ୍ଷତି ପହଞ୍ଚାଇଛି। କଂଗ୍ରେସ ବିଧାୟକ ଦଳ ନେତା ଏନେଇ କଣ ନିଷ୍ପତ୍ତି ନେଉଛନ୍ତି ତାକୁ ଅପେକ୍ଷା କରିଛି ବୋଲି କହିଛନ୍ତି ଦାଶରଥୀ। ଅନ୍ୟପଟେ ରାଜନ ଏକ୍କା ପ୍ରତିକ୍ରିୟାରେ କହିଛନ୍ତି ସେମିତି କିଛି ବିବାଦ ନାହିଁ। ଗୋଟିଏ ପ୍ରସଙ୍ଗରେ ଆମ ଭିତରେ ଆଲୋଚନା ହେଉଥିଲା।

## ସଂସଦରେ ଉପସ୍ଥାପନ ହେବ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍



ନୂଆଦିଲ୍ଲୀ, ୯/୧୨: ସଂସଦର ଶୀତ ଅଧିବେଶନ ଚାଲିଥିବା ବେଳେ କେନ୍ଦ୍ର ସରକାର ଗୃହରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଆଗତ କରିବାକୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଡିସେମ୍ବର ୨୦ରେ ଶୀତ ଅଧିବେଶନ ସରିବାକୁ ଥିବା ବେଳେ ସରକାର ଏହା ପୂର୍ବରୁ ଏହି ବିଲକୁ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି। ଗୋଟିଏ ଥରରେ ପୂରା ଦେଶରେ ଉଭୟ ଲୋକସଭା ଓ ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କରିବାକୁ ବିଲରେ ବ୍ୟବସ୍ଥା ହୋଇଛି। ଏହାକୁ ବାସ୍ତବ ରୂପ ଦେବାକୁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗୋଟିଏ କମିଟି ଗଠନ କରାଯାଇଥିଲା। କମିଟି ରିପୋର୍ଟ ଦେବା ପରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବିସିଥିବା କ୍ୟାବିନେଟ ଅନୁମୋଦନ ଦେଇଥିଲା। ଏବେ ସରକାର ଏହାକୁ ସଂସଦରେ ଉପସ୍ଥାପନ କରିବାକୁ ଯାଉଛନ୍ତି। ଲୋକସଭାରେ ଏହାକୁ ଆଗତ କରି ସରକାର ବିସ୍ତୃତ ଆଲୋଚନା ପାଇଁ ବିଲକୁ ଯୁଗ୍ମ ସଂସଦୀୟ କମିଟି ବା ଜେପିସି ନିକଟକୁ ପଠାଇବେ। ଜେପିସିରେ ଥିବା ସବୁ ରାଜନୀତିକ ଦଳର ସଦସ୍ୟ ଏହା ଉପରେ ବିସ୍ତୃତ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ। ସେହିପରି ଚୂଡ଼ାନ୍ତ ବିଲ ପୁଣି ଗୃହରେ ଉପସ୍ଥାପନ କରାଯିବା ପୂର୍ବରୁ ସରକାର ବିଭିନ୍ନ ଅଂଶୀଦାରଙ୍କୁ ମଧ୍ୟ ସାମିଲ କରିବାକୁ ଯୋଜନା କରିଛନ୍ତି। ବୁଦ୍ଧିଜୀବୀ, ବିଶେଷଜ୍ଞ, ସାମାଜିକ ସଂସ୍ଥାର ସଦସ୍ୟ ଓ ସମସ୍ତ ରାଜ୍ୟର ବିଧାନସଭା ବାଚସ୍ପତିମାନେ ମଧ୍ୟ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପରେ ନିଜର ମତ ରଖିବେ। ଅତିରିକ୍ତ ଭାବେ ବିଲ୍‌କୁ ଆଇନରେ ପରିଣତ କରିବା ପୂର୍ବରୁ ସରକାର ସାଧାରଣ ଲୋକଙ୍କ ମତ ମଧ୍ୟ ନେବେ। ସରକାର ସମସ୍ତଙ୍କୁ ସାମିଲ କରି 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବ୍ୟବସ୍ଥା ଲାଗୁ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ୭୧୫ ସରକାରୀ ହାଇସ୍କୁଲରେ ବିଚିତ୍ର ସ୍ଥିତି: ନିଜ ନାଁରେ ଜମି ନାହିଁ



ଭୁବନେଶ୍ୱର,୯/୧୨: ନାଁକୁ ସରକାରୀ ବିଦ୍ୟାଳୟ। ହେଲେ ନିଜସ୍ୱ ଜମି ନାହିଁ। ଅନ୍ୟ ଜମି ଉପରେ ଛିଡ଼ା ହୋଇଛି କୋଠା। ସେଠାରେ ପ୍ରତିବର୍ଷ ଶତାଧିକ ପିଲା ପଢୁଛନ୍ତି। ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ଗ୍ରହଣ କରିବାକୁ ଯାଉଛନ୍ତି। ରାଜଧାନୀର ଚନ୍ଦ୍ରଶେଖରପୁର ଫେଜ୍-୧ରେ ଥିବା ସରକାରୀ ହାଇସ୍କୁଲ ଅବସ୍ଥା ଏଭଳି। କେବଳ ଏହି ଗୋଟିଏ ସ୍କୁଲ ନୁହେଁ, ରାଜ୍ୟର ୭୧୫ଟି ସରକାରୀ ଉଚ୍ଚବିଦ୍ୟାଳୟର ନିଜସ୍ୱ ନାମରେ ଜମି ନାହିଁ। ରାଜ୍ୟର ମୋଟ ୪,୧୭୭ ସରକାରୀ ଉଚ୍ଚବିଦ୍ୟାଳୟ ନିଜସ୍ୱ ଜାଗାରେ ଗଢ଼ିଉଠିଛି। ବାକିଗୁଡ଼ିକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଜିଲ୍ଲା ପ୍ରଶାସନ ଅଧୀନରେ ରହିଛି। ବିଦ୍ୟାଳୟଗୁଡ଼ିକୁ ନିଜସ୍ୱ ନାମରେ ରେକର୍ଡଭୁକ୍ତ କରିବାକୁ ଆଲୋଚନା ଓ ବିଚାରବିମର୍ଶ ଜାରି ରହିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। କେବଳ କୋରାପୁଟ ଜିଲ୍ଲାର ସମସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ(ହାଇସ୍କୁଲ) ନିଜସ୍ୱ ନାମରେ ଜାଗା ରେକର୍ଡଭୁକ୍ତ କରିଛି। ନ ହେଲେ ଅନ୍ୟ ସମସ୍ତ ଜିଲ୍ଲାରେ କିଛି ନା କିଛି ବିଦ୍ୟାଳୟରେ ସମସ୍ୟା ରହିଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩୭୧ଟି ହାଇସ୍କୁଲ ରହିଥିବା ବେଳେ ସେଥିରୁ ୮୦ଟି ବିଦ୍ୟାଳୟର ନିଜସ୍ୱ ନାମରେ ରେକର୍ଡ ନାହିଁ। ଏହାବ୍ୟତୀତ ପୁରୀ ଜିଲ୍ଲାରେ ୫୯, ଯାଜପୁରରେ ୪୫, କନ୍ଧମାଳରେ ୪୪, ଜଗତ୍‌ସିଂହପୁରରେ ୪୧, ନବରଙ୍ଗପୁର ଓ ସୁବର୍ଣ୍ଣପୁରରେ ୪୦ଟି ଲେଖାଏଁ, ସୁନ୍ଦରଗଡ଼ରେ ୩୫, ଗଜପତିରେ ୩୩ଟି ବିଦ୍ୟାଳୟରେ ଏଭଳି ସମସ୍ୟା ଲାଗିରହିଛି। ବଲାଙ୍ଗୀର ଓ ଢେଙ୍କାନାଳ ଜିଲ୍ଲାର ଦୁଇଟି ଲେଖାଏଁ ବିଦ୍ୟାଳୟର ନିଜସ୍ୱ ନାମରେ ରେକର୍ଡ ନ ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବର୍ଷ ବର୍ଷ ଧରି ବିଦ୍ୟାଳୟ ଚାଲୁଥିଲେ ମଧ୍ୟ କେତେକ ସ୍ଥାନରେ ନିଜସ୍ୱ ଗୃହ ନାହିଁ। ଏହାର ଏକ ଉଦାହରଣ ଭାବେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀକୁ ନିଆଯାଇପାରେ। ଏଠାରେ ଗଣଶିକ୍ଷା ବିଭାଗ ଅଧୀନ ୪୨୪ଟି ସରକାରୀ ପ୍ରାଥମିକ ଓ ଗୋଟିଏ ଉଚ୍ଚବିଦ୍ୟାଳୟ ପରିଚାଳିତ ହେଉଛି। ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ୪୦୫ଟି ପ୍ରାଥମିକ ବିଦ୍ୟାଳୟ ନିଜସ୍ୱ ଗୃହରେ ଚାଲୁଥିବା ବେଳେ ୧୯ଟି ବିଦ୍ୟାଳୟର ନିଜସ୍ୱ ଗୃହ ନାହିଁ। ଯେଉଁ ବିଦ୍ୟାଳୟଗୁଡ଼ିକରେ ଜରାଜୀର୍ଣ୍ଣ ଶ୍ରେଣୀଗୃହ ରହିଛି ତାହାକୁ ଭାଙ୍ଗି ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ୨୦୨୩ ଅକ୍ଟୋବର ୬ରେ ଓସେପା ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ରାଜ୍ୟ ବଜେଟ୍‌ରୁ ଗଣଶିକ୍ଷା ବିଭାଗ ଦ୍ୱାରା ସରକାରୀ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ବ୍ୟୟବରାଦ ହୋଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦିଆଯାଉଛି। ସମଗ୍ର ଶିକ୍ଷା ଯୋଜନାରେ ମଧ୍ୟ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀଗୃହ, ଶୌଚାଳୟ ନିର୍ମାଣ ତଥା ପାନୀୟ ଜଳ ଯୋଗାଣ, ବିଦ୍ୟୁତକରଣ ନିମନ୍ତେ ଅର୍ଥ ବ୍ୟୟବରାଦ ହୋଇ ନିର୍ମାଣ ଚାଲୁଛି। ତେବେ ତାହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଗୋଟିଏ ଯୋଡ଼ିଏ ବିଦ୍ୟାଳୟ ସ୍ଥିତିରୁ ଦେଖିଲେ ସ୍ପଷ୍ଟ ଅନୁମେୟ। ଏହାବ୍ୟତୀତ ରାଜ୍ୟ ବଜେଟ୍‌ରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ବିଭିନ୍ନ ସରକାରୀ ବିଦ୍ୟାଳୟର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ରହିଛି। ଅନୁଦାନପ୍ରାପ୍ତ ହାଇସ୍କୁଲର ଭିତ୍ତିଭୂମି ବିକାଶ ପାଇଁ ଭିତ୍ତିଭୂମି ସହାୟତା ଯୋଜନାରେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ବ୍ୟୟବରାଦ କରାଯାଇ ନିର୍ମାଣର ବ୍ୟବସ୍ଥା ରହିଛି। 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାରେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଉନ୍ନତିମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠିରୁ ଅର୍ଥ ବ୍ୟୟବରାଦ ହୋଇଛି। ପିଏମ୍‌ଶ୍ରୀ ଯୋଜନାରେ ମଧ୍ୟ ବିଦ୍ୟାଳୟଗୁଡ଼ିକର ଉନ୍ନତିମୂଳକ କାର୍ଯ୍ୟର ବ୍ୟବସ୍ଥା ରହିଛି। ଏଥିସହ ଏମ୍‌ଜିଏନ୍‌ଆରଇଜିଏ ପାଣ୍ଠିରୁ ପାଚେରି ନିର୍ମାଣ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବଣାଇର କଳିଙ୍ଗ କନ୍ୟା ହେଲେ ବିଦେଶିନୀ ପଟେଲ



ବଣାଇ,୯/୧୨ (ନି.ପ୍ର):ବଣାଇର ବିଦେଶିନୀ ପଟେଲ କଳିଙ୍ଗ କନ୍ୟାରେ ସମ୍ମାନିତ ହୋଇ ଥିବା ଜଣାପଡିଛି । ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର ସଭାଗୃହରେ ପ୍ରତିଭା ସମ୍ମାନ ଓଡିଶା ଅନୁଷ୍ଠାନ ତରଫରୁ କଳିଙ୍ଗ କନ୍ୟା ସମ୍ମାନ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ଡ଼ଃ ଅଶୋକ କୁମାର ମହାପାତ୍ର ପୂର୍ବତନ ନିର୍ଦ୍ଦେଶକ ଏମସ ଭୁବନେଶ୍ୱର ଏହି ସଭାରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପ ସଭାପତି ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ କୁମରବର ଦାସ,ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ଼ଃ ସବିତା ଆଚାର୍ଯ୍ୟ ଯୋଗଦେଇ କହିଲେ ନାରୀ ସବୁବେଳେ ସମାଜର ମଙ୍ଗଳ ଚାହେଁ । ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ଼ଃ ସବିତା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜିର ସଭାରେ ଉପସ୍ଥିତ ୧୦୦ କଳିଙ୍ଗ କନ୍ୟା ପ୍ରକୃତରେ ଓଡ଼ିଶାର ସଫଳ ଅଭିନେତ୍ରୀ ସେମାନଙ୍କ ମଧ୍ୟରେ ବିଦେଶିନୀ ପଟେଲ ବଣାଇର ସୁନାମ ଅର୍ଜ୍ଜୁନ କରିଛନ୍ତି । ସଂଗଠନର ଟ୍ରଷ୍ଟୀ ଶ୍ରୀମତୀ ଅପର୍ଣ୍ଣା ନାୟକ ଏହି ସଭାରେ ଉପସ୍ଥିତ ରହିବା ସହିତ ସଂଗଠନର ସମ୍ପାଦକ କ୍ଷେତ୍ରମୋହନ ବେହେରା, କୃଷକ ସମାଜସେବୀ ତାଙ୍କର ସମ୍ପାଦକୀୟରେ ରଖି ଥିଲେବି ଗୋଟିଏ ବର୍ଷର ତପସ୍ୟାର ଅନ୍ତ ଘଟିଛି । ଗତ ବର୍ଷ ସେପଟେମ୍ବର ୧୫ ତାରିଖରୁ କଳିଙ୍ଗ କନ୍ୟା ଚୟନ କାର୍ଯ୍ୟ ଆରମ୍ଭ ହୋଇଥିଲା । ପିଲାଟି ଦିନରୁ ଝିଅ ଟିଏ ହେଉ କି ମହିଳା ଟିଏ ହେଉ ଗୋଟିଏ କାମ ରେ ନିଜକୁ ନିୟୋଜିତ କରି ଅଭାବ ଅସୁବିଧା, ଦୁଃଖ କଷ୍ଟ, ଅପମାନ ନିର୍ଯ୍ୟାତନା ସହ୍ୟ କରି ସେହି କାମରେ ସମୟ କ୍ରମେ ନିଜକୁ ପ୍ରତିଷ୍ଠିତ କରି ଆଜି ଶହ ଶହ ପରିବାର ପାଇଁ ସାମାଜିକ ବା ଅର୍ଥନୈତିକ ରାହା ସାଜିଛନ୍ତି ବିଦେଶିନୀ ପଟେଲ । ଏହା ଥିଲା କଳିଙ୍ଗ କନ୍ୟା ଚୟନର ବିଶେଷତ୍ୱ । ସାରା ରାଜ୍ୟ ଓଡ଼ିଶାର ୩୦ ଜିଲା ରୁ ୧୦୦ ଜଣ ପ୍ରତିଭା ଧାରୀ ମହିଳାଙ୍କୁ ଚୟନ କରାଯାଇଥିଲା । ସମସ୍ତ ମହିଳାଙ୍କର ସଂଘର୍ଷ କାହାଣୀ କୁ ସଂଗ୍ରହ କରି ଏକ ପୁସ୍ତକ 'କଳିଙ୍ଗ କନ୍ୟା' ନାମରେ ପ୍ରକାଶିତ ପୁସ୍ତକ ଏହି ସଭାରେ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପ୍ରାୟ ୨୭ ପ୍ରକାର କାର୍ଯ୍ୟରୁ ଏହି ବ୍ୟକ୍ତିତ୍ୱ ମାନଙ୍କୁ ସଂଗ୍ରହ କରାଯାଇ ଥିଲା । ବଣ ମଲ୍ଲୀ ବନରେ ଫୁଟି ସେହି ଠାରେ ତାର ବାସ୍ନା ସୀମିତ ନରହୁ ଏବଂ ତାର କାହାଣୀ ସାରା ରାଜ୍ୟରେ ଲୋକମାନେ ଜାଣନ୍ତୁ ଏହି ପ୍ରୟାସଟି ହେଉଛି ଆମ କଳିଙ୍ଗ କନ୍ୟା ବିଦେଶିନୀଙ୍କର । ବିଶିଷ୍ଟ ସମାଜସେବୀ ପ୍ରମୋଦ କୁମାର ଦେବ ସଭା ପରିଚାଳନା କରିଥିଲେ । ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଇଞ୍ଜିନିୟର କାହ୍ନୁ ଚରଣ ବେହୁରା, ରବି ନାରାୟଣ ପଣ୍ଡା, ସୁବ୍ରତ କୁମାର ନାୟକ, ଅଶୋକ କୁମାର ବାରିକ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ଶୁଦ୍ଧିରଞ୍ଜନ ବାରିକ,ଅର୍ପିତା ବରାଳ ,ବନସ୍ମିତା ବାରିକ ଙ୍କର୍ ଅବଦାନ ଅତୁଳନୀୟ । ଶେଷରେ ଚେନ୍ନାଇ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ସିନିରୁଦ୍ଧ ଦାସ ଜନ ଗଣ ମନ ଜାତୀୟ ସଙ୍ଗୀତ ଗାନ ପରେ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ସୂଚନାରୁ ପ୍ରକାଶ ।

# ପଦାସାହି ସରକାରୀ ଉଚ୍ଚପ୍ରାଥମିକବିଦ୍ୟାଳୟରେ ଚୋରୀ ହୋଇଥିବା ଅଭିଯୋଗ




ଘୁ ଉଦୟଗିରି, ୯/୧୨ (ନି.ପ୍ର):ସ୍ଥାନୀୟ ପଦାସାହି ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ କେହି ଚୋର ତାଲା ସ୍କୁଲ୍ ଭିତରେ ପଶି ଚୋରି କରିଥିବା ନେଇ ସ୍କୁଲ୍ ପ୍ରଧାନ ଶିକ୍ଷୟତ୍ରୀ ଅନୁଷୟା ବେହେରା, ଏସଏମସି ସଭ୍ୟ ସଭ୍ୟା ଓ ଗ୍ରାମବାସୀ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ପାଇବା ପରେ ତୁରନ୍ତ ସ୍ଥାନୀୟ ପୋଲିସର ଏ ଏସ ଆଇ ଅନନ୍ତ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍କୁଲ୍ ପହଞ୍ଚି ତଦନ୍ତ କରିଥିବା ସୂଚନା ରହିଛି । ସୂଚନା ପ୍ରକାରେ ସକାଳେ ଆଜି ପ୍ରଧାନ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ସ୍କୁଲ୍ ଆସିବା ପରେ ଅଫିସର ତାଲା ଖୋଲିଥିଲେ ହେଲେ ଭିତରେ ପଶି ଦେଖିଲା ବେଳକୁ ଖାତା,ବହି ପତ୍ର ଏପଟେ ସେପଟେ ପଡ଼ି ଛିନ ଛତ୍ର ହୋଇଥିବା ଦେଖିଥିଲେ ଓ ତୁରନ୍ତ ଅନ୍ୟାନ୍ୟ ଜିନିଷ ଖୋଜିଥିଲେ ଓ ବଡ଼ ହାଣ୍ଡ ଗୋଟିଏ,ଚାଉଳ ଦୁଇ ବସ୍ତା,ପ୍ରେସର୍ କୁକର,କାନ୍ଥ ଘଣ୍ଟା, ଶାବଳ,କୋଡ଼ି,କୋଦାଳ, ସାନ ଗ୍ୟାସ୍ ଚୁଲା ଓ ସିଲିଣ୍ଡର,ବଡ କଡ଼େଇ, ତାଲା ଦୁଇଗୋଟି, ଚୋରି ହୋଇଥିବା ଦେଖିବାକୁ ପାଇଥିଲେ ।ତେବେ ତୁରନ୍ତ ସ୍କୁଲ୍ କମିଟି ଓ ପ୍ରଧାନ ଶିକ୍ଷୟତ୍ରୀ ଆଲୋଚନା କ୍ରମେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ଓ ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଯାଞ୍ଚ ପ୍ରକ୍ରିୟା ଚଳାଉଥିବା ସୂଚନା ରହିଛି ।

# ଅଙ୍ଗନୱାଡ଼ି କର୍ମୀ ପାଇଲେ ସ୍କାର୍ଟ ନବରତ୍ନ ସମ୍ମାନ



ପାତ୍ରପୁର, ୯/୧୨ (ନି.ପ୍ର):ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଡୁଙ୍ଗୁରୁଗୁଡ଼ା ଗ୍ରାମର ଅଙ୍ଗନୱାଡି କର୍ମୀ ଗୁଣ୍ଡା ରେଣୁ ସ୍କାର୍ଟ୍ ନବରତ୍ନ ସମ୍ମାନ ୨୦୨୪ ପାଇଛନ୍ତି । ଏହି ସମ୍ମାନ ପାଇଁ ରାଜ୍ୟ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ତା ୧୪/୦୪/୨୦୨୪ ରିଖ ରେ ମନୋନୀତ କରାଯାଇଥିଲା । କଳା ବିକାଶ କେନ୍ଦ୍ର କଟକ ଠାରେ କଟକ ବିଧାୟିକା, ବିଭାଗୀୟ ସଚୀବ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଙ୍କ ଗହଣ ରେ ଜି ରେଣୁ ଙ୍କୁ ଆଦର୍ଶ ଅଙ୍ଗନୱାଡି କର୍ମୀ ପୁରସ୍କାର ପ୍ରଦାନ କରାଯାଇଥିଲା । ଜି ରେଣୁ ଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ର ସୁଅ ଛୁଟିଛି ।

# ଏମକେସିଜି ସୁରକ୍ଷା କର୍ମଚାରୀ ସଙ୍ଘ ବୈଠକ

## ନୂତନ କର୍ମକର୍ତ୍ତା ଚୟନ ସହ ବିଭିନ୍ନ ସମସ୍ୟା ଗୁଡିକୁ ସମାଧାନ ଦାବି



ବ୍ରହ୍ମପୁର,୯/୧୨ (ନି.ପ୍ର):ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଭଳି ସ୍ୱାସ୍ଥ୍ୟ ବିଭାଗରେ ଦୀର୍ଘଦିନ ଧରି ବିଭିନ୍ନ ସର୍ଭିସ ପ୍ରୋଭାଇଡ଼ର ସଂସ୍ଥା ଦ୍ୱାରା କାର୍ଯ୍ୟ କରି ଆସୁଥିବା ସୁରକ୍ଷା କର୍ମଚାରୀ ମାନଙ୍କ ର ଏଜେନ୍ସି ପରିବର୍ତନ ହେଲେ ଚାକିରୀ ର ସୁରକ୍ଷା ଓ ବର୍ତ୍ତମାନ ବଜାର ଦର ଅନୁସାରେ ସର୍ବନିମ୍ନ ମଜୁରୀ ର ବୃଦ୍ଧି ଭଳି ଅନେକ ଦାବୀକୁ ନେଇ ସଙ୍ଘ ମାଧ୍ୟମରେ ସମାଧାନ କରିବାକୁ ସମସ୍ତ ସୁରକ୍ଷା କର୍ମଚାରୀ ଙ୍କୁ ନେଇ ଓଡିଶା ମେଡିକାଲ ସୁରକ୍ଷା କର୍ମଚାରୀ ସଙ୍ଘ ଗଠନ ସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି ।ସ୍ଥାନୀୟ ମେଡିକାଲ କ୍ୟାମ୍ପସ ସ୍ଥିତ ଚକ୍ଷୁ ହସ୍ପିଟାଲ ସମ୍ମୁଖରେ ଆୟୋଜିତ ବୈଠକରେ ୨୨ ଜଣିଆ କମିଟି ଗଠିତ ହୋଇଥିଲା । ବର୍ତ୍ତମାନ ସୁରକ୍ଷା ସେବା ଯୋଗାଉଥିବା ସଂସ୍ଥା ର ଟେଣ୍ଡର ଅବଧି ସରି ଆସୁଥିବା ବେଳେ, ପରବର୍ତୀ ସମୟରେ ନୂତନ ସଂସ୍ଥା ଆସିଲେ ବେଆଇନ ଆର୍ଥିକ କାରବାର ସହ କର୍ମଚାରୀଙ୍କୁ ବିନା କାରଣରେ ଛଟେଇ କରାଯାଉଛି । ଇପିଏଫ/ଇଏସଆଇ ର ପୈଠ ରେ ଅସଂଗତି ଲାଗି ରହୁଥିବା ବେଳେ ଦରମା ମଧ୍ୟ ସଠିକ ସମୟରେ ମିଳି ପାରୁନାହିଁ ଯାହାକୁ ନେଇ କର୍ମଚାରୀ ମାନଙ୍କ ଭିତରେ ଅସନ୍ତୋଷ ଲାଗି ରହିଛି ମହିଳା କର୍ମଚାରୀ ମାନଙ୍କ ପାଇଁ ରେଷ୍ଟ ରୁମ ଓ ଶୌଚାଳୟ ର ବ୍ୟବସ୍ଥା ନଥିବା ବେଳେ, କାର୍ଯ୍ୟ କ୍ଷେତ୍ର ରେ ରୋଗୀ ସମ୍ପର୍କୀୟ ଙ୍କ ଠାରୁ ଅଶାଳୀନ ବ୍ୟବହାର ଓ ଆକ୍ରମଣ ଭଳି ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ସୁରକ୍ଷା କର୍ମଚାରୀ ମାନେ । ମେଡିକାଲ ରେ ରୋଗୀ ଓ ସମ୍ପର୍କୀୟ ମାନଙ୍କ ସୁରକ୍ଷା ସହ ସେମାନଙ୍କ ଠାରୁ ଚୋରୀ ଘଟଣା ବୃଦ୍ଧି ପାଉଛି କିନ୍ତୁ ଆବଶ୍ୟକୀୟ ସିସିକ୍ୟାମେରା ଓ ବୈଷୟିକ ବ୍ୟବସ୍ଥା ନ ଥିବା କାରଣ ରୁ ଏହି ସୁରକ୍ଷା କର୍ମଚାରୀ ଙ୍କୁ ଦୋଷ ଦେଇ ଛଟେଇ ଭଳି କାର୍ଯ୍ୟାନୁଷ୍ଠାନ ସହ ମେଡିକାଲ ପ୍ରଶାସନ ଚୁପ ରହୁଛି । ତେଣୁ ଏ ସବୁ ବ୍ୟବସ୍ଥା ର ସ୍ଥାୟୀ ସମାଧାନ ପାଇଁ ସଙ୍ଘ ଦାବୀ ରଖିଛି । ମେଡିକାଲ କର୍ମଚାରୀ ନେତା ପି. ରମେଶ ରାଓ ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ରେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । କେ.ମଧୁସୂଦନ ରାଓ ଙ୍କୁ ସଭାପତି, ବିଚିତ୍ର ସାହୁ, ସମ୍ପାଦକ, ଶ୍ରୀନିବାସ ପଟ୍ଟନାୟକ ଉପସଭାପତି, ପିଣ୍ଟୁ ପ୍ରଧାନ ଯୁଗ୍ମ ସମ୍ପାଦକ, କେ. ଦାନ୍ନାମା କୋଷାଧକ୍ଷ, ସୁନିତା ଡାକୁଆ ଉପ -କୋଷାଧକ୍ଷ ଓ ୨୨ ଜଣିଆ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଘ ର ଉପଦେଷ୍ଟା ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ଅନୁବନ୍ଧିତ ସର୍ବଭାରତୀୟ ଶ୍ରମିକ ସଙ୍ଘ ଇଫଟୁ ର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ପି. ରମେଶ ରାଓ, ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ଭରତ ବେହେରା, ଚିତ୍ତରଞ୍ଜନ ନାୟକ, ବିଜୟ କୁମାର ଗୌଡ଼, ଓ ସମସ୍ତ ସୁରକ୍ଷା କର୍ମଚାରୀ ଉପସ୍ଥିତ ଥିଲେ ।

# କଳିଙ୍ଗନଗର ଟାଟାଷ୍ଟିଲରେ ଅଗ୍ନିକାଣ୍ଡରେ ଦୋକାନ ଭସ୍ମୀଭୂତ !



କଳିଙ୍ଗନଗର,୯/୧୨ (ନି.ପ୍ର): ଯାଜପୁର ଜିଲ୍ଲା ର କଳିଙ୍ଗନଗରରେ ଥିବା ଟାଟା ଷ୍ଟିଲ ସଦାସର୍ବଦା ନିଜର ସେଫ୍ଟି କୁ ନେଇ ବଡ଼ ବଡ଼ ବୟାନ ଦେଉଛି । ମାତ୍ର ତାହାର କାର୍ଯ୍ୟ କଳାପ ଦେଖିବାକୁ ସମ୍ପୂର୍ଣ୍ଣ ଓଲଟା କିଛି ଦିନ ହେବ ଟାଟା ଷ୍ଟିଲ ଓ ଅଧିଗ୍ରହଣ କରିଥିବା ନୀଳାଚଳ ଇସ୍ପାତ କୁ ଲକ୍ଷ୍ୟ କଲେ ସବୁ ଠାରୁ ଖରାପ ମ୍ୟାନେଜମେଣ୍ଟ ଭାବରେ ଟାଟା ଷ୍ଟିଲ କୁ ମୁଲ୍ୟାଅଙ୍କ କରାଯାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି । ନୀଳାଚଳ ଇସ୍ପାତ ବିରୁଦ୍ଧରେ ବିସ୍ଥାପିତ ପରିବାର ସାତଦିନ ହେବ ରାଜରାସ୍ତାରେ ବସିଥିବା ବେଳେ ?ଗତ ? କିଛି ଦିନ ହେବ ଟାଟା ଷ୍ଟିଲ ରେ ବହୁ ଘଟଣା,ଦୁର୍ଘଟଣା ଘଟି ନିରୀହ ଜୀବନ ଯାଉଥିବା ଦେଖିବାକୁ ମିଳିଛି । ଯାହା କୁ ନେଇ ସ୍ଥାନୀୟ ପ୍ରଶାସନ ଓ କମ୍ପାନୀ ର କାର୍ଯ୍ୟ କଳାପ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ର ବିଷୟ ପାଲଟିଛି । ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ ମଧ୍ୟ କାରଖାନାକୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ସବୁ ପରେ ଆଜି ର ଘଟଣାକୁ ଦେଖିଲେ ଲାଗୁଛି ଟାଟା ଷ୍ଟିଲ ପକ୍ଷରୁ ବହୁ କିଛି ଘଟଣାକୁ ପ୍ରଶାସନକୁ ମଧ୍ୟ ଅନ୍ଧକାରରେ ରଖିଛନ୍ତି । ଯାହା ର ଉଦାହରଣ ଆଜି ର ?ଅଗ୍ନିକାଣ୍ଡ? ଓ ପୂର୍ବରୁ ?କିଛି ଘଟଣା କୁ ଦେଖିଲେ ଲାଗୁଛି । ଆଜିର ଅଗ୍ନିକାଣ୍ଡ ? ? ? ସକାଳ ସମୟରେ ଘଟିଥିଲା ଯାହା କି ଟାଟା ଷ୍ଟିଲ କାରଖାନାର ଚାରି ନମ୍ବର ଗେଟ ସ୍କିଲ ଆସେସମେଣ୍ଟ ସେଣ୍ଟର ପାଖରେ, ଅଚାନକ ନିଆଁ ଲାଗି ଏକ ତେଜରାତି ଦୋକାନ ପୋଡି ଛାରଖାର ହୋଇଯାଇଛି, ଯାହା କି ଖବର ମତେ ଏହି ଦୋକାନ ଟିରେ କୌଣସି କାରଣ ରୁ ହଟାତ ନିଆଁ ଲାଗି ଯାଇଥିଲା, ନିଆଁକୁ ସଙ୍ଗେ ସଙ୍ଗେ ଆୟତ କରିପାରିଲେ ନାହିଁ, ବହୁତ କଳା ଧୂଆଁ ବାହାରିଲା, ଦମକଳ ଆସି ନିଆଁ ଲିଭାଇଲା ବେଳେକୁ ଦୋକାନ ସହ ସମସ୍ତ ସୋଉଦା, ଚାଉଳ, ଟଙ୍କା ପୋଡି ଜଳି ପାଉଁଶ ହୋଇ ଯାଇଥବା ସୂଚନା ମିଳିଥିଲା । ମାତ୍ର ଅଗ୍ନିକାଣ୍ଡ କୁ ନେଇ ?ଟାଟା ଷ୍ଟିଲ ପକ୍ଷରୁ କୌଣସି ସ୍ପଷ୍ଟିକରଣ ଦେଇନଥିବାରୁ ଅଗ୍ନିକାଣ୍ଡର ପ୍ରକୃତ କାରଣ କ'ଣ ଅଗ୍ନିକାଣ୍ଡ ରେ କ'ଣ ସବୁ ନଷ୍ଟ ହୋଇଛି ତାହା ଜାଣିବା ସମ୍ଭବ ହେଉନାହିଁ ।

# ପୂଜ୍ୟପୂଜା ସଂସଦ ସୋର ପକ୍ଷରୁ ଦୁଇ ଜଣଙ୍କୁ ସହଯୋଗ ରାଶି ପ୍ରଦାନ



ବାସୁଦେବପୁର, ୯/୧୨ (ନି.ପ୍ର): ଦୀର୍ଘ ୨୫ ବର୍ଷ ତଳେ ସ୍ୱାମୀ କୈଳାଶ ନାୟକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିଲେ । ଦୁଇ ବର୍ଷ ତଳେ ଏକ ମାତ୍ର ପୁତ୍ରବଧୂ ମଧ୍ୟ ବୃକକ ବେଗରେ ପିଡିତ ହୋଇ ମୃତ୍ୟୁ ବରଣ କରିଥିଲେ । ଏକ ମାତ୍ର ପୁଅ ପୂର୍ଣ୍ଣ ଚନ୍ଦ୍ର ନାୟକ ଯିଏକି ଜନ୍ମରୁ ବଧିର । ବର୍ତ୍ତମାନ ଗୋଡ଼ରେ କେନସର ହୋଇ ଗୋଟିଏ ଗୋଡ ହରାଇ ଅସହାୟ ହୋଇ ବଧିର ପୁଅ ର ସାହାରା ଖୋଜୁଛି ମାଆ । ଭଗବାନ ଏହି ମାଆ ଓ ପୁଅ ଦୁଇ ଜଣ ଥିବା ଏକ ଗରିବ ପରିବାରକୁ ଦୁଃଖରେ ବୁଡ଼ାଇ ଦେଇଛି । ଯାହାର ସାହା ଭରଷା କେହି ନାହାନ୍ତି । ବହୁ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି ମାଆ ପୁଅ । ଏହି ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ୭ ନମ୍ବର ୱାର୍ଡ ର କୌଶଲ୍ୟା ନାୟକଙ୍କ ପରିବାରରେ । ସୂଚନା ଅନୁଯାୟୀ କୌଶଲ୍ୟା ନାୟକ(୬୦)ଙ୍କ ଗୋଡ଼ରେ ଦୀର୍ଘ ଦିନ ଧରି ଯନ୍ତ୍ରଣା ଭୋଗି ଆସୁଥିଲେ । ବାରମ୍ବାର ଡାକ୍ତରଖାନାକୁ ଦୌଡ଼ି ଦୌଡ଼ି ତାଙ୍କ ଗୋଡର ଯନ୍ତ୍ରଣା କମିନଥିଲା । ବନ୍ଧୁବାନ୍ଧବ ଓ ଗାଁ ଲୋକଙ୍କ ସାହାଯ୍ୟ କ୍ରମେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ସେଠାରେ ଡାକ୍ତର ସମସ୍ତ ପରୀକ୍ଷା କରିବାପରେ ଜାଣିବାକୁ ପାଇଲେ କୌଶଲ୍ୟା ଙ୍କ ଗୋଡ଼ ରେ କ୍ୟାନସର ହୋଇଛି । ଫଳରେ ତାଙ୍କ ଗୋଡ କାଟିବାକୁ ପଡ଼ିବ । ଅସ୍ତ୍ରୋପଚାର କରିବା ପାଇଁ ବହୁତ ଅର୍ଥ ଆବଶ୍ୟକ । ଏକ ମାତ୍ର ବଧିର ପୁଅ ରୋଜଗାର ରେ ପରିବାର ଚଳୁଛି , କେଉଁଠୁ ଆଣିବ ଏତେ ଅର୍ଥ ଓ କେମିତି କରିବ ମା'ର ଚିକିତ୍ସା ? ତଥାପି ଗାଁ ପଡିଶା ସାହି ଭାଇ ସମସ୍ତ ଙ୍କର ସାହାଯ୍ୟ ରେ ବହୁ କଷ୍ଟ ରେ ଅସ୍ତ୍ରୋପଚାର ହୋଇଗଲା । ଡାକ୍ତର ଗୋଟିଏ ଗୋଡ କାଟି ଦେଲେ । ଏବେ ମା'ର ଔଷଧ ଖର୍ଚ୍ଚ ଏବଂ ପରିବାର ପ୍ରତିପୋଷଣ କରିବାକୁ ଭାରି କଷ୍ଟ ହେଉଛି । 'ମାନବ ସେବା ହିଁ ମାଧବ ସେବା' ରେ ବ୍ରତୀ ହୋଇଥିବା ପୂଜ୍ୟପୂଜା ସଂସଦ ସୋର ପକ୍ଷରୁ ସାହାଯ୍ୟର ହାତ ବଢ଼ାଇ ଗତକାଲି କୌଶଲ୍ୟା ନାୟକଙ୍କ ଘରେ ପହଞ୍ଚି ଥିଲେ ଏବଂ ଆର୍ଥିକ ସାହାଯ୍ୟ ମଧ୍ୟ କରିଥିଲେ । ଏହି ପୂଜ୍ୟପୂଜା ସଂସଦ ର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହିତ ଆଗାମୀ ଦିନରେ ମଧ୍ୟ ସାହାଯ୍ୟ କରିବାକୁ ସଂସଦର ସମ୍ପାଦକ ଅଜୟ କୁମାର ଦାସ କହିଛନ୍ତି । ସେହିପରି ପୂଜ୍ୟପୂଜା ସଂସଦ ସୋର ପକ୍ଷରୁ ଉକ୍ତ ୭ ନମ୍ବର ୱାର୍ଡ ର ଆଉ ଜଣେ ବ୍ୟକ୍ତି ବ୍ରଜ କିଶୋର ନାୟକ( ୪୫) ବ୍ରେନ୍ ଷ୍ଟ୍ରୋକ ରେ ପିଡିତ ହୋଇ ପଇସା ଅଭାବରୁ ଚିକିତ୍ସାରେ ବାଧା ସୃଷ୍ଟି ହେଉଥିବା ଖବର ପାଇ ତାଙ୍କ ଘରେ ପହଞ୍ଚି ଆର୍ଥିକ ସାହାଯ୍ୟ କରିଥିଲେ ।

# ନୂତନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ଆବେଦନ ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ



ଜମନକିରା,୯/୧୨ (ନି.ପ୍ର): ଜମନକିରା ବିଡ଼ିଓ ରବୀନ୍ଦ୍ର ସେଠି ଙ୍କ ଅଧକ୍ଷତା ରେ ଜମନକିରା ବ୍ଲକ ଅନ୍ତର୍ଗତ ବଡ଼ମାଳ, ଭୋଜପୁର, ଡିମିରିମୁଣ୍ଡା, ଜମନକିରା, କଟଙ୍ଗପାଣି, କେନାଢିପା, ସର୍ଡା, ସିରିଡ଼ି, ସୁବର୍ଣ୍ଣପାଲି ଟିକିବା, ଟିକିଲିପଡ଼ା ପଞ୍ଚାୟତ ରେ ନୂତନ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଆବେଦନ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପଞ୍ଚାୟତର ସମସ୍ତ ଜନସାଧାରଣ ଉପସ୍ଥିତ ରହିଥିଲେ ଓ କିଭଳି ନିଜେ ଏହି ଯୋଜନାରେ ଆବେଦନ ସହ ସର୍ଭେ କରିପାରିବେ ଏ ସମ୍ପର୍କରେ ଅବଗତ କରାଇଥିଲେ । ଗ୍ରାମାଞ୍ଚଳ ର ପ୍ରତ୍ୟେକ ପରିବାରଙ୍କ ମୁଣ୍ଡ ଉପରେ ପକ୍କା ଛାତଟିଏ ଗଢି ତୋଳି ସେମାନଙ୍କୁ ନିରାପଦ ଆଶ୍ରୟସ୍ଥଳୀ ଯୋଗେଇଦେବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରାଥମିକତା ଥିବାରୁ ସରକାର ବଳକା ଥ?ିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଂଜୁର ଲକ୍ଷ ରେ ନୂତନ ସର୍ଭେ ଆରମ୍ଭ କରିବା ପୂର୍ବରୁ ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ନ ହୋଇ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ କରି ଯୋଜନରେ ସାମିଲ ହୋଇ ପାରିବେ । ଏହି କର୍ମଶାଳା ରେ ହିତାଧାକାରୀଙ୍କୁ ନିଜ ଦ୍ୱାରା ସର୍ଭେ କରିବାର ପ୍ରଣାଳୀ ବୁଝାଇବା ସହିତ ସର୍ଭେ ସମୟରେ ଆବଶ୍ୟକ ହେଉଥ?ିବା ପରିବାର ସଦସ୍ୟ ଙ୍କ ଆଧାର, ଜବ କାର୍ଡ, ବ୍ୟାଙ୍କ ଜମା ଖାତା ବିବରଣୀ ଇତ୍ୟାଦି ସଂକ୍ରାନ୍ତୀୟ ତଥ୍ୟ କୁ ପ୍ରସ୍ତୁତ ରଖିବା ପାଇଁ ଜଣେଇ ଦିଆଯାଇଥିଲା । ବିଭିନ୍ନ ପଞ୍ଚାୟତ ରେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀ ମାନେ ଏହି ତାଲିମ ପ୍ରଦାନ କରିଥିବା ବେଳେ ବିଡ଼ିଓ ଶ୍ରୀ ରବୀନ୍ଦ୍ର ସେଠି ନିଜେ କଟଙ୍ଗପାଣି ପଞ୍ଚାୟତ ଓ ଜମନକିରା ପଞ୍ଚାୟତ ରେ ଜନ ସାଧାରଣଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଜିଅନ୍ତା ଘୁଷୁରି ଝୁଣି ଖାଇବା ପ୍ରସଙ୍ଗ: ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

ହିଞ୍ଜିଳିକାଟୁ,୯/୧୨ (ନି.ପ୍ର): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ରାଳବ ଗ୍ରାମ କାଞ୍ଜିଅଁଳା ଯାତ୍ରାରେ ରାମାୟଣ ବାଦି ନାଟକରେ ଜିଅନ୍ତା ଘୁଷୁରିକୁ ଝୁଣି ଖାଇବା ଘଟଣାରେ ଜଣଙ୍କୁ ଗିରଫ କରିଛି ହିଞ୍ଜିଳି ପୋଲିସ । ନାଟ ମଞ୍ଚରେ ୨ ବିଷଧର ସାପକୁ ଖେଳାଇବା ଓ ଜିଅନ୍ତା ଘୁଷୁରିର ଅନ୍ତବୁଜୁଳା ଖାଇବା ଏକାଧିକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିବାଦ ଓ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ସୃଷ୍ଟି ଓ ଖବର ପ୍ରକାଶ ପରେ ସୋମବାର ହିଞ୍ଜିଳି ପୋଲିସ ଅଭିଯୁକ୍ତ ରାକ୍ଷସ ଭୂମିକାରେ ଅଭିନୟ କରୁଥିବା ଜଣେ କଳାକାରଙ୍କୁ ଗିରଫ କରିଛି । ଗିରଫ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ବଡଖରିଡା ଗ୍ରାମର ବିମ୍ବାଧର ଗୌଡ(୫୦) । ସେ ଚିକିଳି ରାମାୟଣ ଦଳରେ ରାକ୍ଷସ ଭୂମିକାରେ ଅଭିନୟ କରି ଏହି ବର୍ବରତା ଅଭିନୟ କରିଥିବା ନେଇ ପୋଲିସ ଥାନାରେ କେସ ନଂ- ୯୮୫/୨୪ରେ ଏକ ମାମଲା ରୁଜୁ କରିଛି । ସୋମବାର ବିମ୍ବାଧରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ନଭେମ୍ବର ୨୪ ତାରିଖରେ ହିଞ୍ଜିଳି ଥାନା ରାଳବ ଗ୍ରାମରେ କାଞ୍ଜିଅଁଳା ଯାତ୍ରା ହୋଇଥିଲା । ଯାତ୍ରାରେ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୨ଟି ଦଳ ପକ୍ଷରୁ ପୌରାଣିକ ରାମାୟଣ ନାଟକ ପରିବେଷଣ ହୋଇଥିଲା । ତେବେ ନାଟକରେ ଲୋକଙ୍କୁ ଷ୍ଟେଜ ପାଖକୁ ଟାଣିବା ପାଇଁ ଅଶ୍ଳୀଳ ନୃତ୍ୟ, ବିଷଧର ସାପ ଖେଳାଇବା ଇତ୍ୟାଦି ପରିବେଷଣ ହୋଇଥିଲା । ଅନ୍ୟ ପକ୍ଷରେ ବର୍ବରତା ଓ ଅମାନବୀୟ ଚିନ୍ତାର ସବୁ ସ୍ତରକୁ ପାର ହୋଇ ଏକ ଜିଅନ୍ତା ଘୁଷୁରିକୁ ଝୁଣି ଖାଇଥିଲେ ରାକ୍ଷସ ଭୂମିକାରେ ଅଭିନୟ କରୁଥିବା ବ୍ୟକ୍ତି ମାନେ । କଳା ନାମରେ କଳଙ୍କ ସୃଷ୍ଟି କରୁଥିଲେ ସୁଦ୍ଧା ଉପସ୍ଥିତ ଦର୍ଶକ ମଧ୍ୟରୁ କେହି ପ୍ରତିବାଦ କରିନଥିଲେ । ବରଂ ହଜାର ହଜାର ବିଭିନ୍ନ ବୟସର ଦର୍ଶକ ଏହାକୁ ଦେଖିଥିଲେ । ଅନେକ ଏହି ବୀଭତ୍ସ ଦୃଶ୍ୟ ର ଭିଡିଓ ପ୍ରସ୍ତୁତ କରିଥିଲେ । ଅନ୍ୟ ପକ୍ଷରେ ଏହି ବର୍ବରତା ଅଭିନୟ ଚରମସୀମା ଅତିକ୍ରମ କରିଥିଲେ ମଧ୍ୟ ଯାତ୍ରା ରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ସୁରକ୍ଷା ବାହିନୀ ଘଟଣାକୁ ନଜର ଅନ୍ଦାଜ କରିବା ମଧ୍ୟ ତାଜୁବ ସୃଷ୍ଟି କରିଛି । ପଶୁପକ୍ଷୀ ଉପରେ ନିଷ୍ଠୁରତା ପ୍ରଦର୍ଶନ ସମ୍ପର୍କରେ ଜଙ୍ଗଲ ବିଭାଗ ଅଧିକାରୀମାନେ ଜାଣିପାରିଲେ ନାହିଁ । ଏହି ବର୍ବରତା ଅଭିନୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିବାଦ ଓ ପ୍ରତିକ୍ରିୟା ପ୍ରକାଶ ପାଇଲା । ସୋମବାର ହିଞ୍ଜିଳି ପୋଲିସ ଘଟଣା ନେଇ ଜଣେ କଳାକାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛିବେଳେ, ବନ ବିଭାଗ ପକ୍ଷରୁ ମଧ୍ୟ ଆଇନ ଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ହିଞ୍ଜିଳିକାଟୁ ବନରକ୍ଷୀ ଘରମଣୀ ପାଣିଗ୍ରାହୀ କହିଛନ୍ତି । ଅନ୍ୟପକ୍ଷରେ ଘଟଣା ନେଇ ରାଜ୍ୟରେ ବହୁ କଳାକାର ଏପରି କଳା ନାମରେ କଳଙ୍କ ନେଇ ଉଦବେଗ ପ୍ରକାଶ କରିଛନ୍ତି । ଦୋଷୀ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରାଗଲେ ଭବିଷ୍ୟତରେ ଏପରି ଘଟଣାର ପୁନର୍ବାର ହେବ ନାହିଁ ବୋଲି ମତ ପ୍ରକାଶ ପାଇଛି ।

# ବାଲେଶ୍ୱର ଷ୍ଟେସନରେ ଉଦଘାଟିତ ହେଲା ନବ ନିର୍ମିତ ଫୁଟ ଓଭର ବ୍ରିଜ୍



ବାଲେଶ୍ୱର, ୯/୧୨ (ନି.ପ୍ର): ବାଲେଶ୍ୱର ରେଳ ଷ୍ଟେସନର ମଧ୍ୟ ସ୍ଥଳରେ ଥିବା ଫୁଟ ଓଭର ବ୍ରିଜ୍ ଭଙ୍ଗା ଯିବା ପରେ ଯାତ୍ରୀମାନେ ନାହିଁନଥିବା ସମସ୍ୟା ର ସମ୍ମୁଖୀନ ହେଉଥିଲେ । ଏହାକୁ ନେଇ ବାରମ୍ବାର ଦାବି ପରେ ସେହି ସ୍ଥାନରେ ନୂତନ ଭାବେ ନିର୍ମିତ ଫୁଟ ଓଭର ବ୍ରିଜ୍ ଉଦଘାଟିତ ହୋଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଉତ୍ସବରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହିତ ଅମୃତ ଭାରତ ଯୋଜନାରେ ୨୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟରେ ବାଲେଶ୍ୱର ରେଳ ଷ୍ଟେସନର ନୂତନ କାୟାକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ । କେବଳ ଏହି ଫୁଟ୍ ଓଭର ବ୍ରିଜ୍ କିମ୍ବା ଷ୍ଟେସନର ନବୀକରଣ ନୁହେଁ, ବରଂ ଡବଲ ଇଂଜିନ ସରକାର ଲୋକଙ୍କ ଦାବିକୁ ଅଗ୍ରାଧିକାର ଦେଇ ବହୁ ପ୍ରକଳ୍ପ ମଞ୍ଜୁର ସହ ଅନୁଦାନ ବର୍ଷା କରିଚାଲିଛନ୍ତି । ୯୪୦ କୋଟି ଟଙ୍କା ବ୍ୟୟରେ ଜଳେଶ୍ୱରରୁ ଚନ୍ଦନେଶ୍ୱରକୁ ରେଳ ସଂଯୋଗ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ନିଧିପଣ୍ଡା ପୋଲ ଓ ଅଣ୍ଡର ପାସ୍ କାର୍ଯ୍ୟ ଏବେ ତ୍ୱରାନ୍ୱିତ ହୋଇଛି ବୋଲି ସେ କହିଥିଲେ । ସମ୍ପୃକ୍ତ ପ୍ରକଳ୍ପଗୁଡିକର କ୍ଷେତ୍ର ପରିଦର୍ଶନ ସହ ତଦାରଖ ପାଇଁ ମନ୍ତ୍ରୀ ଶ୍ରୀ ବୈଷ୍ଣବ କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଏସପି ରାଜ ପ୍ରସାଦଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗତ ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ରେଳ କ୍ଷେତ୍ରରେ ବିକାଶ ପାଇଁ ଓଡ଼ିଶାକୁ ୨୦ ହଜାର କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇସାରିଛି । ଦେଶରେ ସ୍ୱର୍ଣ୍ଣ ଚତୁର୍ଭୁଜ ଜାତୀୟ ରାଜପଥ ଭଳି ରେଳ କ୍ଷେତ୍ରରେ କଲିକାତାରୁ ଚେନାଇ, କଲିକତାରୁ ଦିଲ୍ଲୀ, ଦିଲ୍ଲୀରୁ ମୁମ୍ବାଇ ଓ ମୁମ୍ବାଇରୁ ଚେନାଇ ପର୍ଯ୍ୟନ୍ତ ଚତୁର୍ଭୁଜ ୪ ଟିକିଆ ରେଳଲାଇନ ବିଛାଯିବ । ଆଗାମୀ ଶହେବର୍ଷକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିବା ନୂତନ ଟ୍ରାକ୍‌ରେ ଅଧିକରୁ ଅଧିକ ଟ୍ରେନ ଚାଲିବ । ତେବେ ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତା ରକ୍ଷା ପାଇଁ ପ୍ରଶାସନ, ରାଜନେତା ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଓଡ଼ିଶାର ନୂଆ ଭବିଷ୍ୟତ ଗଠନ ପାଇଁ ଡବଲ ଇଂଜିନ ସରକାର ଉପକ୍ରମ ଆରମ୍ଭ କରିଛି ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ଶାସକଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସଦର ବିଧାୟକ ମାନସ କୁମାର ଦତ୍ତ ଏହି ଉଦଘାଟନୀ ଉତ୍ସବରେ ଯୋଗଦେଇ ଜିଲାବାସୀଙ୍କ ପ୍ରତିଟି ଦାବି ଓ ପ୍ରସ୍ତାବକୁ ମଞ୍ଜୁରି ଦେଇ ଚାଲିଥିବା ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଆଗାମୀ ଦିନରେ ବି ଏହି ଧାରା ଜାରି ରହିବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ଦକ୍ଷିଣ-ପୂର୍ବ ରେଳ ବିଭାଗର ମହାପ୍ରବନ୍ଧକ ଅନୀଲ କୁମାର ମିଶ୍ର ଏହି ସଭାରେ ବିବରଣୀ ଉପସ୍ଥାପନ ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ୧୦ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ବାଲେଶ୍ୱର ରେଳ ଷ୍ଟେସନର ନବନିର୍ମିତ ଫୁଟ୍ ଓଭର ବ୍ରିଜ୍ ପାଇଁ ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ଏହା ଷ୍ଟେସନର ୧ ନମ୍ବରରୁ ୪ ନମ୍ବର ପର୍ଯ୍ୟନ୍ତ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରିବ । ୧ ନମ୍ବର ପ୍ଲାଟଫର୍ମରୁ ଅନ୍ୟ ପ୍ଲାଟଫର୍ମକୁ ଯିବା ପାଇଁ ଯାତ୍ରୀଙ୍କୁ ଆଉ ଅଧିକ ରାସ୍ତା ଚାଲିବାକୁ ପଡ଼ିବ ନାହିଁ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ରମା ପଣ୍ଡାଙ୍କ ସ୍ମୃତି ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ



କେନ୍ଦ୍ରାପଡା, ତା ୦୯/୧୨: ଗତକାଲି କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ କଂସାର ଗ୍ରାମର ଗିରୀଧାରୀ ପଣ୍ଡାଙ୍କ 'ମା' ବିଶିଷ୍ଟ ସମାଜସେବୀ, ନାରୀନେତ୍ରୀ ଏବଂ ଉକ୍ତ ଗ୍ରାମର ଜଣେ ପୁରଧା ବିଚାରବନ୍ତ ମୂରବୀ ତୁଲ୍ୟ ମହିଳା ଏବଂ ଜଣେ ଭିନ୍ନ ଓ ନିଆରା ସ୍ନେହିଁ, ମେଳାବୀ ଦରଦୀ ମଣିଷ ସ୍ୱର୍ଗତ ରମା ପଣ୍ଡାଙ୍କ ଦ୍ୱାଦଶାହ ପାଳନ ଅବସରରେ ତାଙ୍କ ଗ୍ରାମସ୍ଥିତ ବାସଭବନ ନିକଟରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରା ଯାଇଥିଲା । ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଦୀପ ପରିଡା, ରାଜା ପଣ୍ଡା, କୁନୁମୁନି ପଣ୍ଡା, ସମାଜସେବୀ ନୀରଞ୍ଜନ ପରିଡା, ଜିତେନ୍ଦ୍ର ପଣ୍ଡା, ଅମ୍ବରିଶ ପଣ୍ଡା, ସମାଜସେବୀ ଆଦୀକନ୍ଦ ପଣ୍ଡା, ରବୀନ୍ଦ୍ର ନାଥ ପଣ୍ଡାଙ୍କ ସମେତ ତାଙ୍କ ଜ୍ୱାଇଁ ବିଷ୍ଣୁ ଚରଣ ପଣ୍ଡା ଏବଂ ନାତି ଦେବାଶିଷ ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବହୁ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ତାଙ୍କ ତୈଳ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସଂଗେ ସଂଗେ କେନ୍ଦ୍ରାପଡାର ଆରାଦ୍ଧ୍ୟ ଦେବତା ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ନିକଟରେ ସ୍ୱର୍ଗତ ଅମର ଆତ୍ମାର ସଦ୍ଗତି କାମନା କରି ସ୍ମୃତି ଚାରଣ କରିଥିବା ଦେଖିବାକୁ ମିଳିଥିଲା ।କଂସାର ଗ୍ରାମର ଗିରିଧାରୀ ପଣ୍ଡା ଙ୍କ ମା ରମାପଣ୍ଡା ଜଣେ ମୂରବୀ ତୁଲ୍ୟ ଓ ବିଚାରବନ୍ତ ନିଆରା ମଣିଷ ଥିଲେ ତାଙ୍କ ବିୟୋଗ ର ଦ୍ୱାଦଶାହ ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ଶ୍ରଦ୍ଧାସୁମନ ସହ ସ୍ମୃତି ଚାରଣ କରିଥିଲେ। ତାଙ୍କ ର ଜ୍ୱାଇଁ ବିଷ୍ଣୁ ଚରଣ ମହାପାତ୍ର, ରବିନ୍ଦ୍ର ନାଥ ପଣ୍ଡା, ଆଦିକନ୍ଦ ପଣ୍ଡା,ଅମ୍ବରିଶ ପଣ୍ଡା, ଜିତେନ୍ଦ୍ର ପଣ୍ଡା,ନାତି ଦେବାଶିଷ ମହାପାତ୍ର, କୁନୁମୁନିପଣ୍ଡା, ରାଜା ପଣ୍ଡା,ପ୍ରଦୀପ ପରିଡ଼ା ପ୍ରମୁଖ ଯୋଗଦାନ କରିଥିଲେ।

## ସ୍ୱାଭିମାନ ଅଞ୍ଚଳରେ ନକ୍ସଲ ନାମ ରେ ଚାନ୍ଦା ଆଦାୟ, ପାଞ୍ଚ ଜଣ ଆସାମୀ ଗିରଫ

ମାଲକାନଗିରି, ୯/୧୨ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ବଡପଦର ପଞ୍ଚାୟତରେ ଗତ ଡିସେମ୍ବର ୩ ତାରିଖରେ କିଛି ଅସାମାଜିକ ବ୍ୟକ୍ତି ନକ୍ସଲ ନାଆଁରେ ଧମକାଇ କିଛି ଅର୍ଥ ଆଦାୟ କରୁଥିଲେ । ଯଦି ସେମାନଙ୍କ କଥା ନ ମାନିଲେ ତାଙ୍କୁ ପ୍ରଜା କୋର୍ଟରେ ମୃତ୍ୟୁଦଣ୍ଡ ଦିଆଯିବ କହି ଧମକ ଦେଇ ଆସୁଥିଲେ । ଏଥିରେ ଭୟଭୀତ ହୋଇ ବଡପଦର ନାଏବ ସରପଞ୍ଚ ଭକ୍ତରାମ ସୀସା(୩୫), ପିତା ଘେନୁ ସୀସା, ଗ୍ରାମ ଲାମ୍ବାସିଂ ଅଭିଯୋଗ ଅନୁଯାୟୀ ଚିତ୍ରକୋଣ୍ଡା ଥାନାରେ କେସ ନମ୍ବର ୨୦୪/୨୪ ଅନୁଯାୟୀ ଗତ ୩ ତାରିଖରୁ ଅନୁସନ୍ଧାନ ଚଳାଇଥିଲା ଚିତ୍ରକୋଣ୍ଡା ପୋଲିସ । ଆସିଷ୍ଟାଣ୍ଟ ଏସପି ଏଲ. ଡି. ସ୍ୱାଇଁ ଙ୍କ ଉପସ୍ଥିତିରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ମୁକୁନ୍ଦ ମେଲେକା ଙ୍କ ନେତୃତ୍ୱରେ ଏବଂ ଆଇଓ ଲିମାଇ ଚରଣ ପଣ୍ଡା ମିଳିତ ଭାବେ ଆଜି ସୁଦ୍ଧା ଉକ୍ତ ଘଟଣାରେ ସଂପୃକ୍ତ ୫ ଜଣ ଆସାମୀ କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଆସାମୀ ଗୁଡିକ ହେଲେ ଯଥା ମନ ପାଙ୍ଗି(୪୬) ଗ୍ରାମ ବାଙ୍ଗୁରୁପଡ଼ା, ଏମ ନାରାୟଣ(୩୧) ଗ୍ରାମ ପଣସଗନ୍ଧି, ଜଗୁ ହନ୍ତାଳ(୫୨) ଗ୍ରାମ ଧନୁର୍ଜୟଗୁଡ଼ା, ବିନୋଦ ଜେନା(୩୧) ଗ୍ରାମ ପଦ୍ମଗିରି, ଉମାକାନ୍ତ ମାଧେବି(୨୫) ଗ୍ରାମ ପଦ୍ମଗିରି ଏବଂ ସେମାନଙ୍କ ପାଖରୁ ୩ଟି ମୋବାଇଲ, ଗୋଟିଏ ଦେଶୀ ବନ୍ଧୁକ, ନଗଦ ୪୦୦ ଟଙ୍କା ଏବଂ ନକ୍ସଲ ହିଡିମ୍ବା ନାମରେ ଲେଖାଯାଇଥିବା ଏକ ନକଲି ଚିଠି ଜବତ କରାଯାଇଛି । ଚିତ୍ରକୋଣ୍ଡା ଥାନା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଏହି ତଥ୍ୟ ଦିଆଯାଇଛି ।

# ବୁଖାରୀବାବା ଅର୍ଡର ସପ୍ଲାୟର୍ସର ୨ୟ ମେଗା ରକ୍ତଦାନ ଶିବିର-୫୩୫ ୟୁନିଟ୍ ରକ୍ତ ସଂଗ୍ରହ

ଜଳେଶ୍ୱର,୯/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରକ୍ତଦାନ ରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଥିବା ବେଳେ, ରବିବାର ଜଳେଶ୍ୱର ବୁଖାରୀ ବାବା ଅର୍ଡର୍ ସାପ୍ଲାୟର୍ସ ପକ୍ଷରୁ ୨ୟ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଙ୍କ ଶେଷ ରକ୍ତଦାନ ଦିବସରେ, ବୁଖାରୀ ଅର୍ଡର୍ ସାପ୍ଲାୟର୍ସ ଙ୍କ ଆୟୋଜନ ରେ ୫୩୫ ୟୁନିଟ୍ ରକ୍ତ ସଂଗ୍ରହ କରି ଅନ୍ୟ ଏକ ରେକର୍ଡ ସୃଷ୍ଟି କରାଯାଇଅଛି । ଆଗାମୀ ଦିନରେ ଆବଶ୍ୟକ ରକ୍ତର ଚାହିଦା ପୁରଣ ଲାଗି ଯୁବକ ମାନଙ୍କ ଅଧିକ ସହଭାଗିତା ଆବଶ୍ୟକ ବୋଲି ଶ୍ରୀ ଚକ୍ରବର୍ତ୍ତୀ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି । ଜଳେଶ୍ୱରର ୧ନଂ ୱାର୍ଡ ଝାଡେଶ୍ୱରପୁର ସ୍ଥିତ 'ମନ୍ନତ ବିଲ୍ଡିଂ' ପରିସରରେ ବୁଖାରୀ ବାବା ଅର୍ଡର ସପ୍ଲାୟର୍ସ ପକ୍ଷରୁ ଉକ୍ତ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସେକ୍ ସାଜନ୍ ?ଙ୍କ ପ୍ରତ୍ୟେକ୍ଷ ପ୍ରଚେଷ୍ଟାରେ ଆୟୋଜିତ ରକ୍ତଦାନ ଶିବିରରେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ ଶେଷ ରକ୍ତଦାନ କରିବା ସହିତ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ।ସେ ୬୫ବର୍ଷ ଅତିକ୍ରମ କରୁଥିବାରୁ ଏହାକୁ ସ୍ମରଣୀୟ



କରିବାପାଇଁ ବିଶାଳ ଆୟୋଜନ କରାଯାଇଥିଲା ବୋଲି କୁହାଯାଉଛି।ଏଥିରେ ବାଲେଶ୍ୱରର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ, ଡା. ଆଷୁତୋଷ ପ୍ରଧାନ, ଡା. ଶତିଷ ଚନ୍ଦ୍ର ଜେନା ପ୍ରମୁଖ ୨୦ଜଣ କର୍ମଚାରୀଙ୍କୁ ନେଇ ରକ୍ତ ସଂଗ୍ରହ କରାଯାଇଥିଲା । ଜଳେଶ୍ୱର ର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସହାୟତା କରିଥିଲେ । ସୁମନ୍ତ ଜେନା, ଲକ୍ଷ୍ମୀଧର ବାରିକ, ମଧୁସୂଦନ ସେନାପତି, ବ୍ରଜମୋହନ ପ୍ରଧାନ, ଶିବନାରାୟଣ ମହାପାତ୍ର, ବାଲେଶ୍ୱରରୁ ସାଇରୁଲ ହକ୍ ?, ଖଡଗପୁରରୁ ଦ୍ୱାରକେଶ ପଟ୍ଟନାୟକ, ନୀଳଗିରିରୁ ବିଜୟ ପାତ୍ର, ଭଗବାନ ମହାନ୍ତି, ଖଇରାରୁ ସୌରଭ ମହାନ୍ତି, ସଂପାଦକ ମନୋରଂଜନ ଦାସ, ସୌଭିକ ଜେନା, ହେମନ୍ତ ଗିରି,ରାଜୀବ ଲୋଚନ ପରିଡ଼ା, ହରିଶଙ୍କର ଜେନା, ଶେଖ୍ ଅବଦୁଲ ରହିମ୍, ମଧୁ ଦତ୍ତ,ଇମତାଜ ଖାନ,ମିର ଆବାସ ଅଲ୍ଲୀ,୧୭ଟି ୱାର୍ଡର ନିର୍ବାଚିତ ପ୍ରତିନିଧି ଏହି କାର୍ଯ୍ୟକୁ ପ ରି ଚା ଳ ନ । କରିଥିଲେ।କାର୍ଯ୍ୟକ୍ରମକୁ ସ୍ୱୟଂ ସଭାପତି ଓ ସେକ୍ ସାଜନ୍,ଜାହିରା ବିବି,ଏସ କେ ଇସଲାମ ଉଦ୍‌ଘାଟନ କରିଥିବା ବେଳେ ତାଙ୍କର ପରିବାର ବର୍ଗ ଓ ଅମ୍ପ୍ରିୟ ସ୍ୱଜନ, ସହଯୋଗୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାର ଆବଶ୍ୟକ ରକ୍ତର ମୁକାବିଲା କରିବାଲାଗି ଯୁବଗୋଷ୍ଠୀ ଆଗେଇ ଆସିବାକୁ ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ସେ ନିଜେ ରକ୍ତ ନ ଦେଲେ ମଧ୍ୟ ରକ୍ତଦାନ ଶିବିର ପୂର୍ବପରି ଅନୁଷ୍ଠିତ କରାଇ ରକ୍ତ ସଂଗ୍ରହରେ ବ୍ରତି ରହିବେ ବୋଲି ସୂଚନା ଦେଇଛନ୍ତି। ଅନୁଷ୍ଠିତ ମେଗା ଶିବିର ରୁ ମୋଟ ୫୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାଯାଇଛି ।

## କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ



କେନ୍ଦ୍ରାପଡ଼ା ୯/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଛନ୍ତି ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଜି କ୍ଷ ଏହି ଅବସରରେ ମନ୍ତ୍ରୀ କେନ୍ଦ୍ରାପଡା ପୌରାଞ୍ଚଳରେ ଥିବା ସଫେଇ କର୍ମଚାରୀଙ୍କ ବସ୍ତି ପରିଦର୍ଶନ କରିଥିଲେ। ବସ୍ତିରେ ପହଞ୍ଚି ସଫେଇ କର୍ମଚାରୀମାନଙ୍କ ସହିତ ସେମାନଙ୍କ ନାନା ବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବସ୍ତିବାସିନ୍ଦାଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା କ୍ଷ ବସ୍ତିବାସିନ୍ଦାଙ୍କ ନାନା ସମସ୍ୟାକୁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ, ସମସ୍ୟାର ସମାଧାନ ନିମନ୍ତେ ନୂଆ ସରକାର ଚେଷ୍ଟା କରିବେ ବୋଲି କହିଛନ୍ତି ମନ୍ତ୍ରୀ। ଏହା ସହିତ ମନ୍ତ୍ରୀ ପୌରପାଳିକା ଟାଉନ ହଲ ପଞ୍ଚି ବିଶିଷ୍ଟ ସମାଜସେବୀ ଓ ସାମ୍ବାଦିକ ଗୁରୁଚରଣ ଦାସଙ୍କ ୧୪ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଯୋଗଦାନ କରି ସେହି ମହାନ ଆତ୍ମାଙ୍କ ଶୃତି ଚାରଣ କରିଥିଲେ। ପରେ ସମୃଦ୍ଧ କୃଷକ ଯୋଜନାକୁ କେନ୍ଦ୍ରାପଡ଼ା କଲେଜ ପଡିଆରେ ଏକ କୃଷକ ସମୃଦ୍ଧି ଯୋଜନାର ଲୋକାର୍ପଣ ଉତ୍ସବରେ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ଓ ବୈଷୟିକ ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ,ଜିଲ୍ଲାପରିଷଦ ସଭାପତି ଲିଳିତା ଦାସ, ସାଂସଦଙ୍କ ପ୍ରତିନିଧି ଭାବେ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଏଡିଏମ୍ ନିଲୁ ମହାପାତ୍ର,ଉପ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଯୋଗାଣ ଅଧିକାରୀ, କୃଷି ଅଧିକାରୀ, ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଧାନର ବର୍ଦ୍ଧିତ ମୂଲ୍ୟ ୮୦୦ ଟଙ୍କା ଚାଷୀ ମାନଙ୍କ ଉଦେଶ୍ୟରେ ଲୋକାର୍ପିତ କରିଥିଲେ । ଏହି କ୍ରମରେ କେନ୍ଦ୍ରାପଡଡାର ପାଖାପାଖି ୪୦,୦୦୦ ଚାଷୀ ଉପକୃତ ହେବେ ବୋଲି ସୂଚନା ଦେଇଛନ୍ତି ମନ୍ତ୍ରୀ ସମ୍ପଦ ସ୍ୱାଇଁ.।

## ବାଲେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ




ବାଲେଶ୍ୱର ୯/୧୨ (ନି.ପ୍ର):ରବିବାର ସଂଧ୍ୟାରେ ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ବିଜେଡିର ବରିଷ୍ଠ ଉପ ସଭାପତି ତଥା ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ର,ପୂର୍ବତନ ନିଳଗିରୀ ବିଧାୟକ ସୁକାନ୍ତ ନାୟକ,ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ,ବାଲେଶ୍ୱର ଲୋକସଭାର ବିଜେଡି ସାଂସଦ ପାର୍ଥିନୀ ବରିଷ୍ଠ ନେତ୍ରୀ ଡ଼ ଲେଖାଶ୍ରୀ ସାମନ୍ତ ସିଂହାର,ରେମୁଣାର ବିଜେଡି ବିଧାୟକ ପାର୍ଥିନୀ ବିଦ୍ୟାସ୍ମିତା ମହାଳିକ,ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ,ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା,ନିଳଗିରୀ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ,ବାଲେଶ୍ୱର ମୁନିସିପାଲିଟିର ଉପାଧ୍ୟକ୍ଷ କୈଳାସ ସେଠୀ,ଜିଲ୍ଲା ପରିଷଦ ସଭ୍ୟ ସୋନାଲି ବିଶ୍ୱାଳ,ସଞ୍ଜୟ ସେଠୀ,ପୂର୍ବତନ ବାଲେଶ୍ୱର ମୁନିସିପାଲିଟି ଅଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ,ପୂର୍ବତନ ଉପ ନଗରପାଳ ମନୋଜ ରାଉତ,ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଂଜନ ବାଗ,ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା,ଟାଉନ ମହିଳା ସଭାପତି ମୀନା ମହାନ୍ତି, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ,ତାପସ ପାଣିଗ୍ରାହୀ,ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିଭୁଦତ୍ତ ପରିଡା ପ୍ରମୁଖ ମଞ୍ଚାସିନ ରହି ବକ୍ତବ୍ୟ ପ୍ରଦାନ କରିବା ସହ ସ୍ୱର୍ଗତ ରାଉତଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଦେହାନ୍ତ ବାଲେଶ୍ୱର ବିଜୁ ଜନତା ଦଳ ପାଇଁ ଏକ ଅପୁରଣୀୟ କ୍ଷତି ବୋଲି ସମସ୍ତ ଅତିଥି ମାନେ ବକ୍ତବ୍ୟରେ କହିଥିଲେ।ସଭା ପ୍ରାରମ୍ଭରେ ସମସ୍ତେ ଗୌରୀ ରାଉତଙ୍କ ପଟ୍ଟଚିତ୍ରରେ ଶ୍ରଦ୍ଧାଶୁମନ ପ୍ରଦାନ କରିବା ସହ ଶ୍ରୀଯୁକ୍ତ ରାଉତଙ୍କ ଆମର ଆତ୍ମାର ସଦଗତି ପାଇଁ ନିରବ ପାର୍ଥନା କରାଯାଇଥିଲା।ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲ୍ଲାର ବହୁ ବିଜେଡି ସରପଞ୍ଚ,ସମିତି ସଭ୍ୟ,କାଉନସିଲର ଏବଂ ଦଳୀୟ ନେତୃତ୍ୱବୃନ୍ଦ ଉପସ୍ଥିତ ଥିଲେ।

## ଜଳେଶ୍ୱର ବଡ଼ ବଜାର ମହୋତ୍ସବ ଲାଗି ନୂତନ କର୍ମକର୍ତ୍ତା ଚୟନ

ଜଳେଶ୍ୱର,୯/୧୨ (ନି.ପ୍ର): ଚଳିତ ବର୍ଷ ଜଳେଶ୍ୱର ବଡ଼ ବଜାର ମହୋତ୍ସବ ଲାଗି ନୂତନ କମିଟି ର କର୍ମକର୍ତ୍ତା ଚୟନ ହୋଇଛି। ଶନିବାର ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱ ରେ ବୈଠକ ରେ ଆଲୋଚନା ସହିତ ତାରିଖ ନିର୍ଦ୍ଧାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ଆଲୋଚନା ହୋଇଥିଲା। ୨୦୨୪ ମହୋତ୍ସବ ର ସମସ୍ତ ଆୟ ବ୍ୟୟ ର ହିସାବ ଓ ତଥ୍ୟ କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ଓ ନବେନ୍ଦୁ କୁମାର ପ୍ରଧାନ ଉପସ୍ଥିତ କରିଥିଲେ।ନୂତନ ସଭାପତି ଭାବେ ମହୋତ୍ସବ -୨୦୨୫ପାଇଁ ବରିଷ୍ଠ ଆଇନଜୀବି ଜିତାଂଶୁ ଶେଖର ନନ୍ଦୀ ଙ୍କୁ ସର୍ବ ସମ୍ମତ୍ତି କ୍ରମେ ଗୃହୀତ ହୋଇଥିଲା।କାର୍ଯ୍ୟକାରୀ ସଭାପତି ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ, ଉପ ସଭାପତି ସବ୍ୟସାଚୀ ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ରାମ ନାରାୟଣ ଦାସ, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ, ନବେନ୍ଦୁ ପ୍ରଧାନ ଙ୍କୁ ମନୋନୀତ କରାଯାଇଥିଲା।ମହୋତ୍ସବ କମିଟିର ଆବାହକ ତଥା ବରିଷ୍ଠ ଆଇନଜୀବି ସତ୍ୟ ସୁନ୍ଦର ଦାସ, ଦିଲ୍ଲୀପ ଗିରି, ସମୀର କୁମାର ପାତ୍ର, ପୂର୍ବତନ ସଭାପତି ରାମଚନ୍ଦ୍ର ସାହୁ, ନିତ୍ୟ ଗୋପାଳ ଦାସ, ସୁବ୍ରତ କୁମାର ରଣା, ରବୀନ୍ଦ୍ର ନାଥ ସେନାପତି,ସତ୍ୟବ୍ରତ ସୋମ,ଆଲୋକ ପାତ୍ର, ଦିପୁ ଦାସ, ଅମିତାଭ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓ ମେଳାର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ।କମିଟି ପକ୍ଷରୁ ଜାନୁୟାରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ସହିତ ୨୯ ତାରିଖରୁ ମହୋତ୍ସବ ଆରମ୍ଭ ହୋଇ ୬/୨/୨୦୨୫ ରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।ପୂର୍ବ ବର୍ଷ ଭଳି ଆକର୍ଷଣ ସଂସ୍କୃତିକ କାର୍ଯ୍ୟ କ୍ରମ ଓ ସଭା, ଆକର୍ଷଣୀୟ ତୋରଣ,ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ।୭ ତାରିଖରେ ନାମ ସଂକୀର୍ତ୍ତନ ଓ ୮ ତାରିଖରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ହେବ ବୋଲି ଜଣାଯାଇଛି।



## ଦୃଷ୍ଟିବାଧିତ ମଙ୍ଗୁଳିଙ୍କୁ ତାଙ୍କର ଦାନ୍ବୀର କାର୍ଯ୍ୟ ପାଇଁ ସମ୍ମାନିତ

କେନ୍ଦ୍ରାପଡ଼ା ୯/୧୨ (ନି.ପ୍ର): ସମୟ ସ୍ରୋତରେ ମଙ୍ଗୁଳି ବସନ୍ତିଆ ଦୃଷ୍ଟିହୀନ। ମନ ତାଙ୍କର ଦାନ ବୀର। ସେ ମହାକାଳପଡ଼ା ଅଞ୍ଚଳର ବିଜୟନଗର ନିକଟସ୍ଥ ବଢ଼ିହି ଗ୍ରାମ ରେ ଏକ ଛୋଟିଆ କୁଡିଆ ଘରେ ବସବାସ କରନ୍ତି। ଘର ଟି ଚାଳ ଛପର ଉପରେ ମଧ୍ୟ ପାଲ ପଡ଼ିଛି। ମଙ୍ଗୁଳିଙ୍କର ନିତିଦିନିଆ କର୍ମ ହେଉଛି ବିଭିନ୍ନ ସ୍ଥାନରେ ଥିବା ମଠ ଓ ମନ୍ଦିରକୁ ଯାଇ ଭଜନ ଗାଇ ଭିକ୍ଷା କରିବା। ଏଥିରୁ ଯାହା ରୋଜଗାର ହୁଏ , ସେ ଚଳିବା ପାଇଁ ରଖି ସେହି ମନ୍ଦିରରେ ଦାନ କରିଦେଇଥାନ୍ତି। ତାଙ୍କର କିଛି ଗଚ୍ଛିତ ଅର୍ଥରେ ସେ ହରପାର୍ବତୀ ମନ୍ଦିରରେ ପ୍ରସାଦ ଦାନ ଦେଇଥିଲେ। ମନ୍ଦିର ପୂଜକଙ୍କ କଥା ଅନୁସାରେ ଏହି କର୍ମରେ ମଙ୍ଗୁଳି ୩୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହିପରି ଜାଗୁଳାଇ ମନ୍ଦିରର କାର୍ଯ୍ୟ ପାଇଁ ମଧ୍ୟ ୧୦ ହଜାର ଦାନ କରିଛନ୍ତି। ସେ ଜଗନ୍ନାଥଙ୍କ ଭଜନ ଜଣାଣ ଗାଇଥାନ୍ତି। ମଙ୍ଗୁଳି ବାସନ୍ତିଆଙ୍କ ଏହିପରି ଦାନଧର୍ମ କାର୍ଯ୍ୟ ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାର ପାଇଁ ପୋଷାକ ସହ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ସେ ଜଗନ୍ନାଥ ପ୍ରେମୀ ହୋଇଥିବାରୁ ତାଙ୍କୁ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ମଧ୍ୟ ପ୍ରଦାନ କରାଯାଇଛି। ମଙ୍ଗୁଳିଙ୍କ ଭାଷାରେ ଲୋକ ମାନେ ଦେଇଥିବା ଦାନର ଅର୍ଥ ପ୍ରଭୁଙ୍କ ହୁଣ୍ଡିକୁ ଗଲେ ଦାତାଙ୍କର ପୂର୍ଣ୍ଣ ଆମର ବି ପୂର୍ଣ୍ଣ।

## ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଭଦ୍ରକର ଚାଷୀଙ୍କୁ ବୋନସ ଟଙ୍କାର ପ୍ରଦାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭଦ୍ରକ,୯/୧୨ (ନି.ପ୍ର): କଥା ଦେଇଥିଲା ବିଜେପି,କଥା ରଖିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ଚାଷୀଙ୍କୁ ଇନପୁଟ୍ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ । ଚାଷୀଙ୍କ ଖାତାକୁ ୮୦୦ ଟଙ୍କାର ବୋନସ ପଠାଇଲେ ମୋହନ । ସୋହେଲାରୁ ଶୁଭାରମ୍ଭ କରି କହିଲେ ଚାଷୀଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଚାଷୀଙ୍କୁ ଇନପୁଟ୍ ସହାୟତା ଦେଲେ ମୁଖ୍ୟମନ୍ତ୍ରୀ । ସୋହେଲାରୁ ଶୁଭାରମ୍ଭ କରିଛନ୍ତି ମୋହନ ମାଝୀ । ଚାଷୀଙ୍କ ଖାତାକୁ ଟଙ୍କା ପଠାଇବା ସହ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି ମୁଖ୍ୟମନ୍ତ୍ରୀ । ମଞ୍ଚରେ ପୂର୍ବ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ୨୪ବର୍ଷ ଶାସନରେ ପୂର୍ବ ସରକାର ଯାହା କରିପାରିନଥିଲେ ତାହା ୬ମାସ ବିଜେପି ସରକାର କରି ଦେଖାଇଛି ।ଯାହାକୁ ନେଇ ଇର୍ଷାରେ ଜଳିଯାଉଛନ୍ତି ପୁର୍ବ ସରକାରର ନେତୃତ୍ୱ ଓ କଂଗ୍ରେସ । ପୂର୍ବ ସରକାର କେବଳ ଭୋଟ ବ୍ୟାଙ୍କ ତିଆରି କରିଥିଲେ। ଚାଷୀଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ସାଧାରଣ ନିର୍ବାଚନ ସମୟ ଯେଉ ସବୁ ପ୍ରତିଶୃତି ଓଡିଶା ବାସୀଙ୍କୁ ଦେଇଥିଲେ ବିଜେପି ସରକାର ଆସିଲେ ଚାଷୀଙ୍କୁ ଧାନ ରେ ୨ ଗୁଣା ଦବୁ କ୍ଷ ଆସୁ ଆସୁ ପ୍ରଥମେ ମା ମାନଙ୍କୁ ସୁଭଦ୍ରା ଟଙ୍କା ଦେଲେ ସରକାର କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବେଆଇନ ମୋରମ,ବାଲି, ମାଟି ଚୋରା ଚାଲାଣ ବେଳେ ୩ ଟି ହାଇୱା, ୪ ଟି ଡମ୍ପର ଓ ଗୋଟିଏ ଜେସିବି ଜବତ

ଜଳେଶ୍ୱର,୯/୧୨ (ନି.ପ୍ର): ଓଡିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଭାବରେ ମୋରମ, ମାଟି ଏବଂ ବାଲି ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ୩ ଟି ହାୱା, ୪ ଟି ଡମ୍ପର, ଗୋଟିଏ ଜେସିବି ପ୍ରଶାସନ ପକ୍ଷରୁ ଜବତ ହୋଇଛି ।ବାଲେଶ୍ୱର ଉପ ଜିଲ୍ଲାପାଳ ପ୍ରଥମେଶ ରାଜସିକ୍ରେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଜଳେଶ୍ୱର ଏବଂ ବସ୍ତା ର ବିଭିନ୍ନ ସ୍ଥାନରେ ଚଢଉ କରି ଗାଡି ଗୁଡିକ ଜବତ କରିଛି ।ବାରମ୍ବାର ବାଲି, ମାଟି ଏବଂ ମୋରମ ଚାଲାଣ ହେଉଥିବା ନେଇ ଅଭିଯୋଗ ପରେ ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଳମ୍ବିତ ରାତିରେ ଚଢଉ କରା ଯାଇଥିଲା ।ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବରେ ଜେସିବି ସାହାଯ୍ୟରେ ଦିନ ରାତି ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ରାଇବଣିଆ ଅଞ୍ଚଳରୁ ବହୁ ପରିମାଣରେ ମୋରମ, ମାଟି ଖୋଳି ଚାଲାଣ କରା ଯାଉଛି ।ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଫିଆ ମାନେ ମାଳେମାଲ ହେଉଛନ୍ତି ।ଏନେଇ ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ପରେ ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ମିଡ ନାଇଟ ଅପରେସନ କରାଯାଇ ଗାଡି ଗୁଡିକ ଜବତ କରା ଯାଇଛି।



## ସଂ ପା ଦ କୀ ୟ

# ସ୍ମାର୍ଟସିଟିର ବଡ଼ଦୁଃଖ ଜଳନିକାଷ ଅବ୍ୟବସ୍ଥା

ଭୁବନେଶ୍ୱରର ବଡଦୁଃଖ ହେଲା ଅତି ଖରାପ ଜଳ ନିଷ୍କାସନ ଯୋଜନା ବ୍ୟବସ୍ଥା। ଓଡିଶାର ଯେତେ ସହର ସବୁଠାରୁ ଏହି ଜଳ ନିଷ୍କାସନ ଦିଗଟିକୁ ବିଚାରକୁ ନେଲେ ଭୁବନେଶ୍ୱର ଆଗରୁ ବହୁତ ଭଲ ଥିଲା। ଏବେ ଯେମିତି ଅଳ୍ପବର୍ଷାରେ, ଅର୍ଥାତ ମଫସଲ ଭାଷାରେ ବେଙ୍ଗମୁତିଲେ ବଢି ଆସି ଲୋକମାନଙ୍କର ଶୋଇବାଘରେ ପାଣି ପଶିଯାଉଛି ସେମିତି ଆଦୌ ନଥିଲା। ସହରଟିର ରାସ୍ତାଘାଟରେ ଉଠାଣି ଗଡାଣି ଭରପୁର ଥିବାରୁ ଅତିସହଜରେ ଜଳ ନିମ୍ନଗାମି ହୋଇ ଦୟାନଦୀରେ ମିଶିଯାଉଥିଲା। ଏବେ ଯଦି ଜଣେ ଅଧଘଂଟା ବର୍ଷାପରେ ରସୁଲଗଡ ଓଭରବ୍ରିଜ୍‌ରେ ଉଠି ସିଧା ଆଇଗିଣିଆ ଛକରେ ଓହ୍ଲାଏ ତେବେ ଅଗଣିତ ଜଳାଶୟ ରାସ୍ତା ଦୁଇକଡରେ ଦେଖିବାକୁ ମିଳିବ। ସବୁଠାରୁ ବଡବନ୍ୟାର ଦୃଶ୍ୟ ଦେଖିହେବ ଇସ୍କନମନ୍ଦିର ଅଂଚଳରେ। ଏଇ କିଛିଦିନ ତଳେ ଅତିବେଶୀରେ ଏକଘଂଟା ବର୍ଷାରେ ପ୍ରାୟ ଗଳିକନ୍ଦି ଜଳାର୍ଣ୍ଣବ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଆମେ ସ୍ମାର୍ଟସହରକୁ କ'ଣ କେବଳ ଫେୟାରୱେଦର୍ ସ୍ମାର୍ଟସହର କହିବା ! ବର୍ଷାଋତୁ ଚାରିମାସ ସାଧାରଣ ସହର ଅବା ନୋଲାସହର ଏବଂ ବାକି ଆଠମାସ ସ୍ମାର୍ଟସହର କହିଲେ ଚଳିବ ! କଂଗ୍ରେସ ସୁରଭାଇ ସ୍ମାର୍ଟସିଟିର ରାଜରାସ୍ତା ଉପରେ ଡଙ୍ଗାରଖି ସରକାରଙ୍କୁ ସମାଲୋଚନା କଲେ ଯେ କେହି ଶୁଣିବାର ନାଁ ଗନ୍ଧ ନାହିଁ। ହ ମ ! ବିରୋଧିଙ୍କର ଆଜିକାଲି କାଉନାହିଁ। ଖାଲି ମାନସିକ ଶାନ୍ତି ବିନୋଦନ କରିବାପାଇଁ ନିଜେନିଜେ ହରତାଳ କରି ଗଣମାଧ୍ୟମରେ ମୁହଁ ଦେଖେଇ ଟାଇମ୍‌ପାସ୍ କରିବା କଥା। ସ୍ମାର୍ଟ ସହର ଚିନ୍ତାଧାରା ଆସିଥିଲା ସହରର କିଛି ଦରକାରି ଭିତିଭୂମିକୁ ଦୁରୁସ୍ତ କରି ଲୋକାଭିମୁଖୀ କରାଇବା ପାଇଁ। କିନ୍ତୁ ଏ ଦିଗରେ କାମ କରୁକରୁ ଆମେ ବହୁତକିଛି କଲେ ସତ, ହେଲେ ଅସଲ ମଞ୍ଜିକଥାକୁ ଭୁଲିଗଲେ। ଯେତେ ପ୍ରାକୃତିକ ନାଳନର୍ଦ୍ଦମାର ଛୋଟବଡ ଜଳପଥ ଆଗରୁ ଅନାଦିକାଳରୁ ରହିଥିଲା ସେଗୁଡିକର ମହତ ବୁଝିଲେନି। ପ୍ରଥମେ ସେସବୁର ସୁରକ୍ଷା କରିବାର ଆବଶ୍ୟକତା ଥିଲା। ଏବେ ବର୍ତମାନର ସରକାର କହିପାରିବେନି ଯେ ପୂର୍ବସରକାର ସବୁ ବୁଜି ପୋତିଦେଇ ଚାଲିଗଲା ବୋଲି ଏବେ ସହର ଜଳାର୍ଣ୍ଣବ ହେଉଛି ! କାରଣ ଏହି ଗୋଟିଏଦଳ ଦୁଇଦଶନ୍ଧି ହେଲା ରାଜଗାଦିରେ ବସି ଶାସନକରୁଛି। ଏହାପୂର୍ବରୁ ଆମର ଯେଉଁ ମେଟ୍ରୋ କନ୍‌ସେପ୍ଟ ଥିଲା ତାହା ବି ସମ୍ପୂର୍ଣ୍ଣରୂପରେ କାର୍ଯ୍ୟକାରୀ ହୋଇଥିବାର ଦୃଷ୍ଟିଗୋଚର ହେଉନି। ଫଳାଫଳ ସ୍ୱରୂପ ଆମେ ଲଗାଣ ବର୍ଷାରେ ମୁମ୍ବାଇ, ଚେନାଇ, କୋଲକତା ଏବଂ ଦିଲ୍ଲୀ ପରି ଦେଶର ଚାରୋଟି ମୁଖ୍ୟସହରର ଦୁଃଖଦ ଚିତ୍ର ଗଣମାଧ୍ୟମରେ ଦେଖିବାକୁ ପାଉଛେ। ସେ ସବୁକୁ ବିଶ୍ଳେଷଣ କରି ଆମସହରର ମାଷ୍ଟରପ୍ଲାନ୍ ପ୍ରସ୍ତୁତ୍ ହେବା ଦରକାର। ବିଶ୍ୱର ଯଦି ସବୁଠାରୁ ଉନ୍ନତ ଏବଂ ସ୍ମାଟେଷ୍ଟ ସହର ବୋଲି କାହାକୁ ଖୋଜିବା ତେବେ ତାହା ହେବ ସିଙ୍ଗାପୁର୍। ସେଠି ଅନେକ କିଛି ଭଲ, କିନ୍ତୁ ତନ୍ମଧ୍ୟରେ ଏହି ଜଳନିଷ୍କାସନ ବ୍ୟବସ୍ଥାଟି ସର୍ବୋତମ। ଆମର ନୀତି ନିର୍ଦ୍ଧାରଣ ଅଧିକାରୀମାନେ ସେସବୁ ସହରକୁ ଗସ୍ତକରି ନିଜଆଖିରେ ଦେଖିଆସି ଏଠି ତାର ସମାଧାନ ଖୋଜିଲେ ଭଲହୁଅନ୍ତା। ନଚେତ୍ ଏହି କଡିଟି ସବୁଦିନ ପାଇଁ ଏକ ଅଜାଗା ଘା ପରି ସ୍ମାର୍ଟସହର ଛାତିରେ ଯନ୍ତ୍ରଣା ଦେଉଥିବ ଏବଂ ଲୋକେ କହିବେ ଭୁବନେଶ୍ୱର ସ୍ମାର୍ଟସିଟିର ବଡଦୁଃଖ ଜଳନିକାଷ ଅବ୍ୟବସ୍ଥା।ରା ବଢିବା ସହିତ ଜଙ୍ଗଲରେ ନିଆଁ ବି ବଢିପାରେ। ବୈଷୟିକ ଜ୍ଞାନକୌଶଳର ସହାୟତାରେ ବିଭାଗ ପାଖକୁ ପ୍ରତିଦିନ ଜଙ୍ଗଲ ନିଆଁର ସ୍ଥିତି ପହଂଚିଯାଉଛି। ତେଣୁ ଆଉ ଚିନ୍ତା ନାହିଁ। ସୂଚନା ଆଧାରରେ ବିଭାଗ ନିଆଁକୁ ଆୟତ୍ତକରିବାର ପ୍ରୟାସ କରୁଛି। ଗତ କିଛି ବର୍ଷ ହେଲା ବିଭାଗ ଏହି କୌଷଳକୁ ବ୍ୟବହାର କରିଆସୁଥିଲେ ବି ଏଥର ଜଙ୍ଗଲ ନିଆଁକୁ ନେଇ ଗଣମାଧ୍ୟମ ବିଶେଷ ମୁଖରିତ ହେଲା ପରେ ଅନେକ କଥା ସାଧାରଣ ଲୋକ ଜାଣିଲେ। ସରକାର ଏଥିପାଇଁ ସ୍ୱତନ୍ତ୍ର ଟାକ୍ସଫୋର୍ସ ଗଠନ କଲେ ଓ ସେମାନେ ନିଜର ଉତରଦାୟୀତ୍ୱକୁ ଯଥାର୍ଥ କରିବା ପାଇଁ ଅନେକ ସୂଚନା ସାଧାରଣରେ ପ୍ରକାଶ କଲେ। ଜଙ୍ଗଲରେ ନିଆଁ ଲାଗିବା ଆମ ଭଳି ସହରାଂଚଳ ପରିବେଶ ପ୍ରେମୀଙ୍କୁ ବି ଅନେକ ବ୍ୟଥିତ କରିଛି। ଗଣମାଧ୍ୟମ ଜରିଆରେ ସାଟେଲାଇଟ ସୁଚନା ଆଧାରିତ ଖବର ମାଧ୍ୟମରେ ପ୍ରତିଦିନ କେତୋଟି ଜଙ୍ଗଲ ନିଆଁ ସ୍ଥଳି ସୃଷ୍ଟି ହୋଇଛି ସେମାନେ ଜାଣିପାରୁଛନ୍ତି। ଲୋକେ କାହିଁକି ନିଆଁ ଲଗେଇ ଦେଉଚନ୍ତି ବୋଲି ଭାବି ଅନେକେ ବ୍ୟଥିତ ହେଉଛନ୍ତି। କେହି କେହି 'ଅସଭ୍ୟ'ର ପ୍ରତିଶଦ୍ଦ ଭାବରେ 'ଜଙ୍ଗଲି'କୁ ବ୍ୟବହାର କରି ଜଙ୍ଗଲ ନିବାସୀଙ୍କ ଚାରିପୁରୁଷ ବି ଉଦ୍ଧାର କରିଦେଉଛନ୍ତି। ହେଲେ ବୁଝିବା କଥା ଯେ, ଆମ ପାଇଁ ଜଙ୍ଗଲ ଅମ୍ଳଜାନ, ପରିବେଶ ବା ଅମୋଦ ସ୍ଥଳି ହୋଇପାରେ ହେଲେ ବନବାସୀଙ୍କ ପାଇଁ ବସତି ଓ ଜୀବନଜୀବିକାର ଉତ୍ସ। ସେମାନେ ଆପଣା ହସ୍ତେ ଜିଭ୍ୱା ଛେଦି ଭଳି ପଦକ୍ଷେପ ନେବେ କାହିଁକି ? ଯଦି ସେଭଳି ହେଉଛି ଏବଂ ସ୍ଥିତରେ ଆମେ ପରିବର୍ତେ ଚାହୁଁଛେ ତାହେଲେ ଲୋକଙ୍କ ଭିତରେ ଏ ବ୍ୟବହାରିକ ପରିବର୍ତନ କେବେଠୁ ଓ କାହିଁକି ହେଲା ଜାଣିବାକୁ ପଡିବ। ମହୁଲ ଗୋଟାଉ ଥିବା ଲୋକଙ୍କୁ ନିଆଁ ଲଗେଇବା ପାଇଁ ବେଶି ଦୟୀ କରାଯାଏ। ନିକଟରେ ଦେବଗଡ ଜିଲାର ରିଆମାଳ ଯାଉଥିବା ବେଳେ କିଛି ମହୁଲ ଗୋଟାଉ ଥିବା ଲୋକଙ୍କ ସହ ଆଲୋଚନା କରିବାର ଅବକାଶ ମିଳିଲା। ପଚାରିଲି, ମହୁଲ ଗୋଟେଇବା ପାଇଁ ନିଆଁ ଲଗାଉଛନ୍ତି କି ? ସେମାନଙ୍କର ଉତ୍ତରରେ ମତେ ଆଶ୍ଚର୍ଯ୍ୟ କଲା। ସେମାନେ କହିଲେ 'ହଁ' ! ହେଲେ ଏହା ଆମ ନିୟନ୍ତ୍ରଣରେ ଥାଏ – ସେମାନେ ଯୋଡିଲେ। ସମୋନଙ୍କ ମତରେ ନିଆଁ ନିୟନ୍ତ୍ରଣରେ ରହିଲେ ଖରାପ ନୁହେଁ। ଏହା ଜଙ୍ଗଲର ଶୁଖିଯାଇଥିବା ଅନାବନା ବୁଦାକୁ ପୋଡିଦିଏ। ଏହା ଦ୍ୱାରା ନୂଆ ଘାସ ଭଲରେ ହୁଏ। ଅନେକ ପ୍ରଜାତିର ମଂଜି ନିଆଁରେ ବା ତତଲା ମାଟିରେ ପଡିଲା ପରେ ଗଜା ହୁଏ। ଅଧିକ ଦିନ ପତ୍ର ଓ କୁଟା ପଡିଥିବା ଅଂଚଳରେ ନିଆଁ ଧରିଲେ ବେଶିଦିନ ନିଆଁ ରହେ, ଯାହା ଜଙ୍ଗଲକୁ ବେଶି କ୍ଷତି କରେ। ଏଣୁ ମଝିମଝିରେ ନିୟନ୍ତ୍ରଣ ଭିତରେ ନିଆଁ ରହିଲେ ଜଙ୍ଗଲ ଓ ଜଙ୍ଗଲ ନିବାସୀ ଉଭୟ ପରିପୃଷ୍ଟ ହୁଅନ୍ତି। ଜଙ୍ଗଲ ନିଆଁ ତଳେ ଥିବା ଅବସ୍ଥାରେ ନିୟନ୍ତ୍ରଣ ହୋଇପାରିଲେ ଜଙ୍ଗଲକୁ ବିପଦ ନାହିଁ। ଆମେ ଦିନରେ ଧୂଆଁ ଓ ରାତିରେ ନିଆଁ ଦେଖି ଜଙ୍ଗଲ ନିଆଁର ସ୍ଥିତିକୁ ଆକଳନ କରୁ ଓ ସେହି ଆନୁସାରେ ଗାଁ ଲୋକେ ମିଶି ନିଆଁର ନିୟନ୍ତ୍ରଣ କରୁ। ହେଲେ ଏବେ ଏଥିପାଇଁ ଜଙ୍ଗଲ ବିଭାଗକୁ ପାଇସା ଆସୁଛି। ସେମାନେ ଲୋକ ଲଗେଇ ନିଆଁ ଲିଭଉଛନ୍ତି। ଅମ ସହିତ କିଛି ଆଲୋଚନା ହେଉ ନାହିଁ। ବରଂ ଆମକୁ ଏଥିପାଇଁ ଦାୟୀ କରୁଛନ୍ତି। ଜଙ୍ଗଲ ନିଆଁକୁ ନେଇ ସହରୀ ପରିବେଶ ପ୍ରେମୀ ଓ ଜଙ୍ଗଲ ବାସିନ୍ଦାଙ୍କ ଚିନ୍ତନ ଭିତରେ ଅନେକ ଫରକ ଥିଲା। ଲୋକ ସ୍ମୃତିରେ ଥିବା ଏଭଳି ପାରମ୍ପାରିକ ଜ୍ଞାନ ଓ ତାର ପ୍ରୟୋଗକୁ ଆମେ ଅବହେଳା କରି ଅତ୍ୟାଧୁନିକ ଜ୍ଞାନ କୌଷଳ ଉପରେ ନିର୍ଭର କରୁଛୁ ସିନା, ଏବେ ବି ସେମାନଙ୍କ ସହଯୋଗ ବିନା ସମସ୍ୟାର ସମାଧାନ ସମ୍ଭବ ହୋଇପାରୁ ନାହିଁ। ଭାରତ ସରକାରଙ୍କ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ ପ୍ରସ୍ତୁତ ଜଙ୍ଗଲ ନିଆଁ ବିପର୍ଯ୍ୟୟ ପରିଚାଳନା ପୁସ୍ତକାରେ ମଧ୍ୟ ଜଙ୍ଗଲ ନିଆଁକୁ ଜଙ୍ଗଲ ପରିସଂସ୍ଥାନର ଏକ ଅଂଶ ଭାବରେ ଓ ଜଙ୍ଗଲ ପରିଚାଳନାର ଏକ ପାରମ୍ପାରିକ ଉପାୟ ଭାବରେ ଦେଖାବାକୁ ପରାମର୍ଶ ଦିଆଯାଇଛି। ଇଂଲଣ୍ଡ, ଆମେରିକା, କାନାଡା ଭଳି ଦେଶମାନଙ୍କରେ ଜଙ୍ଗଲର ଅଭିବୃଦ୍ଧି ପାଇଁ ପ୍ରତି ୧୦ -୧୨ ବର୍ଷରେ ନିୟନ୍ତ୍ରିତ ଢଙ୍ଗରେ ନିଆଁ ଲଗାଯାଏ। ଦେବଗଡର ସେ ଗାଁ ଲୋକେ କହିଥିବା କଥାକୁ ବିଜ୍ଞାନ ସମ୍ମତ ଭାବେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅନୁଷ୍ଠାନ ମଧ୍ୟ ସ୍ୱିକୃତି ଦେଉଛି। ଦୁଇ ବର୍ଷ ପୂର୍ବେ ଡ. ନିତିନ ରାଏ, ଡ. ରମନ ସୁକୁମାର ପ୍ରମୁଖ ଦେଶର ଛଅ ଜଣ ବରିଷ୍ଠ ବୈଜ୍ଞାନିକ ଜଙ୍ଗଲ ନିଆଁର ଆବଶ୍ୟକତା ଓ ପାରମ୍ପରିକ ପ୍ରକ୍ରିୟାରେ ତାର ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବାକୁ ଖୋଲା ପତ୍ର ଲେଖିଥିଲେ। ସେମାନଙ୍କ ଗବେଷଣା ଅନୁଯାୟୀ ୬୦ ହଜାରରୁ ଅଧିକ ବର୍ଷ ହେବଣି ଜଙ୍ଗଲରେ ନିଆଁ ଲାଗି ଆସୁଛି। ଜଙ୍ଗଲକୁ ପ୍ରାକୃତିକ କୁହାଯାଉଥିଲେ ହେଁ ଏହାର ସୃଷ୍ଟି ଓ ପୁର୍ନଃଜନନରେ ନିଆଁ ପ୍ରମୁଖ ଭୂମୀକା ଗ୍ରହଣ କରିଛି। ତେବେ ଅନିୟନ୍ତ୍ରିତ ନିଆଁ ଜଙ୍ଗଲରେ ବିପର୍ଯ୍ୟୟ ଆଣେ ଏହାକୁ କେହି ଅସ୍ୱିକାର କରନ୍ତି ନାହିଁ। ଜଙ୍ଗଲ ନିଆଁ ସମ୍ପର୍କିତ ସାଟେଲାଇଟ ତଥ୍ୟର ବ୍ୟବହାର କରି ନିଆଁ ଲିଭେଇବା ପାଇଁ କର୍ମଚାରୀ ସବୁ ଯାଗାକୁ ପହଂଚିବା ସମ୍ଭବ ହୋଇପାରୁ ନଥିବାରୁ ଏହା ନିୟନ୍ତ୍ରଣ ବାହାରକୁ ଚାଲି ଯାଉଛି। ଆଧୁନିକ ଜ୍ଞାନ କୌଷଳ ସହ ଦିନରେ ଧୂଆଁ – ରାତିରେ ନିଆଁ ଭଳି ପାରମ୍ପରିକ ଜ୍ଞାନର ବିନିଯୋଗ କଲେ ବିଭାଗ ଲୋକଙ୍କ ବିଶ୍ୱାସ ଭାଜନ ହେବ ଓ ବେଳ ଥାଉ ବନ୍ଧ ବାନ୍ଧି ପାରିବ।

# ପ୍ରାଥମିକ ଶିକ୍ଷା ସ୍ଥିତି ଦୟନୀୟ !

**ଡ. ହିମାଂଶୁ ଶେଖର ଆଚାର୍ଯ୍ୟ**

ମହାନ ଦାର୍ଶନିକ ଭୋଲଟାୟାରଙ୍କ ମତରେ ଶିକ୍ଷାରୁ ଆସେ ଚେତନା, ଚେତନାରୁ ସୃଷ୍ଟିହୁଏ ବିପ୍ଲବ ଏବଂ ବିପ୍ଲବ ଆଣିଥାଏ ପରିବର୍ତନ। ପ୍ରତ୍ୟେକ ଦେଶର ଉନ୍ନତି ପଛରେ ସୁଦୃଢ ଶିକ୍ଷାବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅନ୍ୟଅର୍ଥରେ କହିଲେ ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । ଏକ ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ" । ଶିକ୍ଷାବ୍ୟବସ୍ଥାର ପ୍ରାଣ କେନ୍ଦ୍ର ହେଉଛି ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ରାଜ୍ୟରେ ପ୍ରାଥମିକ ଶିକ୍ଷା ସ୍ଥିତି ଅତି ଦୟନୀୟ। କେଉଁଠି ଶିକ୍ଷକ ଥିଲେ ଛାତ୍ର ନାହାଁନ୍ତି ତ କେଉଁଠି ଛାତ୍ର ଥିଲେ ସେହି ଅନୁପାତରେ ଶିକ୍ଷକ ନାହାଁନ୍ତି । ସରକାରଙ୍କ ସରଳୀକରଣ ପ୍ରକ୍ରିୟା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି। ମାତ୍ର ଶିକ୍ଷା ବ୍ୟବସ୍ଥାର ସେପରି କିଛି ଆଖିଦୃଶିଆ ପରିବର୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟିର ସୁପାରିଶ ହେଉଛି ଶିକ୍ଷା ବାବଦରେ ବ୍ୟୟ ବରାଦ ବୃଦ୍ଧି କରିବା ପାଇଁ। ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟ୍‌ର ୧୦ ଭାଗ ଓ ରାଜ୍ୟ ବଜେଟ୍‌ର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟ୍‌ର ୪ ଭାଗ ଓ ରାଜ୍ୟ ବଜେଟ୍‌ର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । କାରଣ ଆମ ଦେଶ ତଥା ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ବ୍ୟୟକୁ ବୋଝ ବୋଲି ବିବେଚନା କରାଯାଏ, ପରିସମ୍ପତି ନୁହେଁ । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିଗିଡିବାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ନିୟମିତ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା, କେଉଁଠି ୫ଟି ଶ୍ରେଣୀକୁ ଜଣେ ଶିକ୍ଷକ ତ ଆଉ କେଉଁଠି ୭ଟି ଶ୍ରେଣୀକୁ ଦୁଇ ବା ତିନି ଜଣ ଶିକ୍ଷକରେ ସ୍କୁଲ ଚାଲିଛି । ସେହିପରି ଭିତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । 'ଓପେପା' ତରଫରୁ ମିଳିଥିବା ସୂଚନା ମୁତାବକ ରାଜ୍ୟରେ ଥିବା ମୋଟ ୫୧ ହଜାର ୦୯୪ଟି ସ୍କୁଲ ମଧ୍ୟରୁ ୧୨ ହଜାର ୩୬୪ଟି ସ୍କୁଲରେ ଶୌଚାଳୟ ନାହିଁ। ୫୦ ପ୍ରତିଶତରୁ ଅଧିକ ସ୍କୁଲରେ ବାଳକ ଓ ବାଳିକାଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ ନାହିଁ। ସେହିପରି ୪୧ ହଜାର ୩୮୨ଟି ସ୍କୁଲରେ ଖେଳପଡିଆ ନଥିଲା ବେଳେ ୪୩ ହଜାର ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ। ୧୨ ହଜାର ୨୦୦ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେଇଘର ନଥିଲା ବେଳେ ୧୮ ହଜାର ୫୦୦ ସ୍କୁଲରେ ପାଚେରୀ ନାହିଁ । ସବୁଠାରୁ ପରିତାପର ବିଷୟ ଯେ ୩୫୦ ସ୍କୁଲର ନିଜସ୍ୱ ଘର ନାହିଁ । ଗୋଟିଏ ପଟେ ଶିକ୍ଷକମାନଙ୍କର ଅଭାବ ଓ ଅନ୍ୟପଟେ ଭିତିଭୂମିର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । 'ପ୍ରଥମା' ପ୍ରସ୍ତୁତ କରିଥିବା ରିପୋର୍ଟ ଅନୁଯାୟୀ ୫୩.୩ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀର ଗଣିତ କରିବାକୁ ସକ୍ଷମ ନୁହନ୍ତି । ସେହିପରି ୪୫.୮ ପ୍ରତିଶତ ପ୍ରଥମ ଶ୍ରେଣୀ ପିଲା ଦ୍ୱିତୀୟ ଶ୍ରେଣୀ ବହି ପଢି ପାରନ୍ତି ନାହିଁ।

ସୂଚନାଯୋଗ୍ୟ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟକାରୀ କରିଛନ୍ତି । ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ସରକାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଅଣ୍ଡା, ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଯୋଗାଇ ଦେଉଛନ୍ତି । ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ଏସବୁ ସତ୍ତ୍ୱେ ସର୍ବଶିକ୍ଷା ଅଭିଯାନ ଦିଗହରା ହୋଇଛି । ଏକ ତଥ୍ୟ ଅନୁସାରେ ୨୦୧୧-୧୨ ମସିହାରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଷଷ୍ଠ ଶ୍ରେଣୀରେ ୫,୫୧,୬୮୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିବା ବେଳେ ୨୦୧୩-୧୪ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀରେ ପହଂଚିଲା ବେଳକୁ ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଥିଲା ୨,୯୬,୩୫୩ । ଅବଶିଷ୍ଟ ଛାତ୍ରଛାତ୍ରୀ ବାଟରୁ କୁଆଡେ ଗଲେ ତା'ର ଏବେ ହିସାବ ମିଳୁନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ହିସାବ ମିଳୁନଥିବା ୨,୫୫,୩୩୩ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨,୪୯,୮୬୫ ହେଉଚନ୍ତି ସରକାରୀ ବିଦ୍ୟାଳୟର । ଏବେ ପ୍ରାୟ ଫେଲ୍ ବ୍ୟବସ୍ଥା ନାହିଁ । ଏସବୁ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଢେଇ ଲକ୍ଷ କମିବା ବ୍ୟବସ୍ଥାଗତ ତ୍ରୁଟିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।ଏପରିକି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାର ୯ ବର୍ଷ ପରେ ବି ଏ କ୍ଷେତ୍ରରେ ସୁଧାର ଆସି ପାରିନାହିଁ।

ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଲା ଶିକ୍ଷା ବ୍ୟବସ୍ଥାରେ ଜାତିଭେଦ । ଏଠି କିଏ ଜିଲ୍ଲାପରିଷଦ ଶିକ୍ଷକ, କନିଷ୍ଠ ଶିକ୍ଷକ, ଗଣଶିକ୍ଷକ, ଶିକ୍ଷା ସହାୟକ ତ କିଏ ବ୍ଲକ୍‌ଗ୍ରାଂଟ୍ ଶିକ୍ଷକ । ଯଦିଓ ନିକଟରେ ବ୍ଲକଗ୍ରାଣ୍ଟବ୍ୟବସ୍ଥା ଉଚ୍ଛେଦ କରାଯାଇଛି ତଥାପି ସେମାନଙ୍କୁ ପୂର୍ଣ୍ଣ ଚାକିରି ସର୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ମିଳିନାହିଁ। କାହିଁ ଅତୀତରେ ଶିକ୍ଷକମାନଙ୍କୁ ଏପରି ଭାଗ ଭାଗ କରାଯାଉନଥିଲା ? ଗୋଟିଏ ବୃତିରେ ଥାଇ ସମାନ କାମକରି ଭିନ୍ନ ଭିନ୍ନ ବେତନ ପାଉଥିବାରୁ ଶିକ୍ଷକମାନେ ହୀନମନ୍ୟତାର ଶିକାର ହେଉଚନ୍ତି। ପରିଣାମ ସ୍ୱରୂପ, ବିଭିନ୍ନ ସମୟରେ ସେମାନେ ଆନ୍ଦୋଳନ କରୁଛନ୍ତି ଓ କୋର୍ଟ କଚେରୀର ଦ୍ୱାରସ୍ଥ ହେଉଛନ୍ତି ତାଙ୍କୁ ଶିକ୍ଷକ ସ୍କୁଲ ଦେବାପାଇଁ । ସାମଗ୍ରିକ ଭାବେ ଏହାର ପ୍ରତିକୂଳ ପ୍ରଭାବ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି । ଏବେ ପୁଣି ସରକାରୀ ସ୍କୁଲ ପରେ କେନ୍ଦ୍ରୀୟ ବିଦ୍ୟାଳୟ, ମଡେଲ ସ୍କୁଲ, ନବୋଦୟ ବିଦ୍ୟାଳୟ ଆଦି ସରକାରୀ ଭାବେ ସ୍ଥାପିତ ହୋଇଅଛି। ଏସବୁ ସତ୍ତ୍ୱେ ଛତୁ ଫୁଟିଲାପରି ବେସରକାରୀ ସ୍କୁଲ ଖୋଲୁଛି। ଚାକଚକ୍ୟ, ରଙ୍ଗରୂପ ଓ ଧନ ଆଉ ମାନରେ ବେସରକାରୀ ସ୍କୁଲ ଗୁଡିକ ସରକାରୀ ସ୍କୁଲଠାରୁ ବହୁ ଆଗରେ। ସମାନ ଶିକ୍ଷା ବ୍ୟବସ୍ଥା ଓ ସମାନ କାମକୁ ସମାନ ଦରମା ହିଁ ଏହି ସମସ୍ୟାର ସମାଧାନ କରିପାରିବ। ଏସବୁ କଥା ବିଚାରକୁ ନେଲେ ଶିକ୍ଷା କ୍ଷେତ୍ରରେ ଆମର ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ । ବର୍ତମାନ ସାରା ବିଶ୍ୱରେ କରୋନାର ଭୟ । ଆମ ଦେଶ ତଥା ରାଜ୍ୟ ଏଥିରୁ ବାଦ୍ ପଡିନି । ଏହାର ସିଧାସଳଖ ପ୍ରଭାବ ଛାତ୍ର ଛାତ୍ରୀଙ୍କ ଶିକ୍ଷାଦାନ ଉପରେ ପଡିଛି । ଏପରିକି ୟୁଟ୍ୟୁବ୍ ଓ ଅନ୍‌ଲାଇନ ଶିକ୍ଷାର ସୁବିଧା ସବୁ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିପାରିନାହିଁ। ଏବେବି ସମୟ ଅଛି, ଆମ ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ ।

# ପରୀକ୍ଷା ଚାପ ନୁହେଁ, ପର୍ବ

**ଡାକ୍ତର ସମ୍ରାଟ କର**

କୋହଲା ପାଗକୁ କ୍ଲିନିକରେ ବସି ଉଷୁମ ଚାହାର ମଜା ନେଉଥିବାବେଳେ ଲିପିକାର ବନ୍ଧୁ ଶ୍ରୀକାନ୍ତ ବଡ଼ ମନସ୍ତାପରେ ଭିତରକୁ ପଶିଲେ। ଚା'କପଟି ତ ଧରିଲେ ଭାରି ବ୍ୟସ୍ତ ହୋଇ ତାଙ୍କ ପୁଅ ସତ୍ୟବ୍ରତର ପରୀକ୍ଷା କଥା ନେଇ ମୋ ଆଗରେ ଇତସ୍ତତଃ ହୋଇପଡ଼ିଲେ। ଏକାନିଶ୍ୱାସକେ କହି ପକାଇଲେ ‚ସାର, ମୁଣ୍ଡ ଉପରେ ଦୁଇ ଦୁଇଟି ପିଲାଙ୍କ ପରୀକ୍ଷା ଚାପ, ଇଆଡ଼େ ମୋ ପୋଲିସ ଚାକିରୀ କଥା ଆପଣ ଜାଣନ୍ତି। କ'ଣ କରିବି କିଛି ମୁଣ୍ଡ ଭିତରେ ପଶୁନି।' ମୁଁ ତାଙ୍କ ବ୍ୟସ୍ତତାକୁ ଲାଘବ କରିବା ପାଇଁ କହିଲି ଚା'କପଟି ସରୁ। ତାଙ୍କୁ ସବିଶେଷ କହିଲି ଆଗକୁ ପରୀକ୍ଷା ଋତୁ ଆସୁଛି। ମାଟ୍ରିକ ପରୀକ୍ଷା ପାଇଁ ତାରିଖ ତ ଘୋଷିତ ହୋଇସାରିଛି ତା ପଛକୁ ଯୁକ୍ତଦୁଇ ପରୀକ୍ଷା ମଧ୍ୟ ରହିଛି। ପରୀକ୍ଷାକୁ ନେଇ ଅନେକ ସମୟରେ କେତେକ ଛାତ୍ରଛାତ୍ରୀ ନିଜକୁ ଦୁର୍ବଳ ଭାବି ଭୟ, ଅବସାଦଗ୍ରସ୍ତ ହେବା ସହ ଆତ୍ମହତ୍ୟା ଭଳି ବିଚାରକୁ ମୁଣ୍ଡ ଭିତରକୁ ନେଇ ଆସିଥାନ୍ତି। କିଶୋର କିଶୋରୀ ବୟସରେ ଏ ପ୍ରକାର ମାନସିକ ଉଦ୍‌ବେଗ ଓ ବ୍ୟସ୍ତତା ସେମାନଙ୍କୁ ସଠିକ ରାସ୍ତା ଦେଖାଇ ପାରିନଥାଏ ଏହା ହିଁ ବଡ଼ ସମସ୍ୟା। ଭାରତୀୟ ଛାତ୍ରଛାତ୍ରୀମାନେ ଆଜିକା ସମୟରେ ନିଜର ସଫଳତାର ମାତ୍ରାକୁ ପୂରଣ କରିବା ପାଇଁ ସ୍ୱାଭାବିକ ଭାବେ ଚାପଗ୍ରସ୍ତ ହେଉଛନ୍ତି। ସେଥିରେ ଆଉ ଗୋଟିଏ ବଡ଼ କଥା ହେଲା ଯେ ପ୍ରାୟତଃ ଅଭିଭାବକମାନେ ନିଜ ପିଲାର ସଫଳତାକୁ ଏକ ପ୍ରକାର ଯେଉଁ ଆଶା ରଖିଥାନ୍ତି ଏହାକୁ ପାଳନ କରିବା ପାଇଁ ପିଲାଟି ନା ନା ଚାପର ସମ୍ମୁଖୀନ ହେଉଛନ୍ତି। ଜାତୀୟ ପରିବାର ସର୍ଭେ ରିପୋର୍ଟ ମୁତାବକ ପରୀକ୍ଷାଜନିତ ଚାପରୁ ୨୦୧୪ରୁ ୨୦୨୦ ମସିହା ମଧ୍ୟରେ ଦୁଇବର୍ଷରେ ସାରା ଭାରତରେ ୪୪ହଜାର ୪ଶହ ୭୬ଜଣ ବିଦ୍ୟାର୍ଥୀ ଜୀବନ ହାରି ଥିବାବେଳେ ପରୀକ୍ଷା ଫଳ ପ୍ରକାଶନ ହେବା ପରେ ଚାପଗ୍ରସ୍ତ ହୋଇ ୮୪୬୨ଜଣ ଜୀବନ ହାରିଛନ୍ତି। ଏହି ସ୍ଥିତି ଉଦ୍‌ବେଗଜନକ ହୋଇଥିବାରୁ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଚାପଗ୍ରସ୍ତ ନ ହୋଇ ପରୀକ୍ଷାକୁ ପର୍ବ ଭାବରେ ନେବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ପରାମର୍ଶ ଦେଇଛନ୍ତି। ଖାଲି ସେତିକିନୁହେଁ ‚ପରୀକ୍ଷା ପର୍ବ' ନାମରେ ଏକ ସଚେତନତା କାର୍ଯ୍ୟକ୍ରମ ଛଅଟି ଜିଲ୍ଲା ଯଥା ଢ଼େଙ୍କାନାଳ, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଓ ଗଜପତିରେ ଚାଲିଥିବା ସେ ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ପରୀକ୍ଷା ଜନିତ ଉତ୍କଣ୍ଠା ଓ ଚାପହ୍ରାସ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ୨୫ଟି ଉପଦେଶ ସମସ୍ତ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଖରେ ପହଂଚାଇବା ପାଇଁ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ସୂଚନା ମିଳିଛି। ସେହିପରି ପିଲାମାନଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଚଳିତ ଅପ୍ରେଲ ମାସରେ ‚ରେଡ଼ିଓ ସ୍ପଟ', ‚ଜିଙ୍ଗିଲ୍ସ', ‚ଫେସବୁକ୍', ‚ଟ୍ୱିଟର' ଏବଂ ‚ୟୁଟୁବ୍' ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉଛି।

ଆଜିକାଲି କେବଳ ପାଠପଢ଼ା ବ୍ୟବସ୍ଥା ନୁହେଁ ଚାକିରି ଖୋଜିବାର ହତାଶବୋଧ, ପ୍ରେମପତାରଣା, ନିର୍ବାଚନ ହେଉ ବା ଲଟେରୀ ଏହାର ପରାଜୟ ଠାରୁ ଆହୁରି ଅନେକ କାରଣ। କମ୍ ବୟସରୁ ହିଁ ମାନସିକ ଚାପ କିଶୋର ମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହି ଚାପରେ ଦଳିମକ୍‌ଚି ହୋଇଯାଉଛି କିଶୋର ଜୀବନର ଛୋଟ ଛୋଟ ସ୍ୱପ୍ନ। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପୀଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ। ଭାରତର ଭବିଷ୍ୟତ ମଧ୍ୟ ନିଶ୍ଚିତ ଭାବରେ ଉଜ୍ଜ୍ୱଳ କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶକୁ ଶୀକାର ହୋଇ ଜୀବନକୁ ହାରୁଛନ୍ତି। କହିବାକୁଗଲେ ଭାରତ ହେଉଛି କିଶୋର ଆତ୍ମହତ୍ୟାର ପୃଥିବୀର ରାଜଧାନୀ। ପ୍ରାୟତଃ କସ୍ମୋପଲିଟାନ ସହରରେ ଏହି ଘଟଣା ଅଧିକା ଦେଖିବାକୁ ମିଳୁଛି। ସେହିପରି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲ ଲାନେକ୍ସଟ୍‌ର ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତର ଇନ୍‌ଫରମେସନ ଟେକ୍ନୋଲୋଜି ହବ୍ ଭାବେ ପରିଚିତ ଭାରତର ଦକ୍ଷିଣ ଭାରତର ଅଧିକାଂଶ ସହରରେ ସର୍ବାଧିକ ଆତ୍ମହତ୍ୟା ଯୁବଗୋଷ୍ଠୀଙ୍କ ଭିତରେ ଦେଖାଯାଇଥାଏ। ଭାରତରେ ଆତ୍ମହତ୍ୟାର ପରିସଂଖ୍ୟାନ ହେଉଛି ଏହା ପୁରୁଷଙ୍କ ଆତ୍ମହତ୍ୟା ହାର ନାରୀଙ୍କ ଠାରୁ ପ୍ରାୟ ୪ଗୁଣ ଅଧିକ। କିନ୍ତୁ ଯେବେ କିଶୋରୀ କିଶୋର ବା ଯୁବତୀ ଯୁବକଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଆସେ ଏହି ହାର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଥାଏ। ଏଥିଲାଗି ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅନକେ ପରିମାଣରେ ଦାୟୀ ବୋଲି ମତ ପ୍ରକାଶ ପାଉଛି।

ଭାରତର ଉଚ୍ଚ ଶିକ୍ଷା ବ୍ୟବସ୍ଥା ଅତ୍ୟଧିକ ଚାକିରି କୈନ୍ଦ୍ରିକ ହୋଇପଡ଼ିଥିବାରୁ ଉଚ୍ଚ ଶିକ୍ଷିତ ଛାତ୍ରଛାତ୍ରୀମାନେ ଆତ୍ମନିଯୁକ୍ତ ହେବା ପ୍ରତି ଆଗ୍ରହ ପ୍ରଦର୍ଶନ ନକରି କେବଳ ଚାକିରି ପଛରେ ଗୋଡାଉଛନ୍ତି ଏବଂ ଆମ ଦେଶରେ ବାରମ୍ବାର ଦେଖାଯାଉଥିବା ନିଯୁକ୍ତି ସଂକୋଚନ ହେତୁ ଚାକିରି ନପାଇ ସେମାନଙ୍କ ଭିତରୁ ଅନେକ ହତାଶା ଜର୍ଜରିତ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଆମ ଉଚ୍ଚଶିକ୍ଷା ବ୍ୟବସ୍ଥା କେବଳ ଚାକିରି କୈନ୍ଦ୍ରିକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ସାମର୍ଥ୍ୟ ବୃଦ୍ଧି କୈନ୍ଦ୍ରିକ ହେବା ଉଚିତ। କିଶୋର ମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢୁଛି। ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟ ଠାରୁ ଅଧିକ ପାଇବାର ଆଶା ରଖି ତା ଉପରେ ଏକ ପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି। ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନେ ନିଜକୁ ଅପରାଗ ଓ ଅନ୍ୟମାନଙ୍କ ଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି। ସେହିପରି କେତେକ କ୍ଷେତ୍ରରେ ମନ ପସନ୍ଦର ପାଠପଢ଼ା ବା କ୍ୟାରିୟର ଗଠନର ସ୍ୱାଧୀନତା ନପାଇବାରୁ ପିଲାମାନେ ମୃତ୍ୟୁପରି ଭୟଙ୍କର ନିଷ୍ପତି ନେଇଥାନ୍ତି। ସେହିପରି ଅନ୍ୟତମ ବଡ଼ କାରଣ ହେଉଛି ପାରିବାରିକ ସମସ୍ୟା। ବର୍ତମାନ ଅଧିକାଂଶ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବିଭିନ୍ନ କାରଣରୁ ଘରେ ମାନସିକ ଅଶାନ୍ତି ଓ ଝଗଡ଼ା ଲାଗି ରହୁଥିବାରୁ ପିଲାମାନେ ଏକ୍ଷେତ୍ରରେ ବାପମାଙ୍କ ଠାରୁ ସ୍ନେହଶ୍ରଦ୍ଧା କମ୍ ପାଇ ମାନସିକ ଭାବରେ ଏକୁଟିଆ ଅନୁଭବ କରି ଦୀର୍ଘ ସମୟ ଧରି ଚୁପ୍‌ଚାପ ବସି ରହନ୍ତି। ସେହିପରି ସାଧାରଣ ଜୀବନରେ ହଠାତ୍ କିଛି ପରିବର୍ତ୍ତନ ଆସିବା ଆତ୍ମହତ୍ୟା ମନୋବୃତି ସୃଷ୍ଟିର ଆଶଙ୍କାକୁ ବଢ଼ାଇଥାଏ। ସେହିପରି କେହି କେହି ଆତ୍ମହତ୍ୟା କରିବି ବୋଲି ଖୋଲାଖୋଲି ଭାବେ ମଧ୍ୟ କହିଥାନ୍ତି। ତେବେ ଏ କ୍ଷେତ୍ରରେ ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ପିଲାଟିକୁ ମାନସିକ ଭାବରେ ଓ ନୈତିକ ସ୍ତରରେ ଧୈର୍ଯ୍ୟ, ସାହାସ ଓ ଦୃଢ଼ ମନୋବଳର ପ୍ରେରଣା ଦିଅନ୍ତୁ। କୌଣସି ପରିସ୍ଥିତିରେ ତାକୁ ନିଃସଙ୍ଗତାର ଅନୁଭବ କରିବାକୁ ଦିଅନ୍ତୁନାହିଁ। ବରଂ ଭଲ ହେବ ପିଲାଟିକୁ କୌଣସି ପ୍ରକାର ଆଧ୍ୟାତ୍ମିକ ରାସ୍ତାର ବାଟ ଦେଖାଇବା। ନିଜର ବ୍ୟସ୍ତବହୁଳ ସମୟରୁ କିଛି କାଢ଼ି ପିଲାଟି ସହିତ ମନଖୋଲା କଥା ହୁଅନ୍ତୁ। କୌଣସି ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ ବା ପିଲାଟିର ସ୍ମୃତି ରହିଥିବା ଜାଗାକୁ ତାକୁ ବୁଲାଇ ନିଅନ୍ତୁ। ମଠ, ମନ୍ଦିର ଯିବାକୁ ଇଛା କରୁଥିଲେ ତ ଖୁବ୍ ଭଲ। ତେବେ ଏ ସବୁ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। ଧୈର୍ଯ୍ୟହରା ନ ହୋଇ ନିୟମିତ ଡାକ୍ତରୀ ପରାମର୍ଶ ନେଇ ପିଲାମାନଙ୍କୁ ଭଲ ରାସ୍ତା ଦେଖାଇଲେ ଦେଖିବେ ଏହି ସୁଇସାଇଡ୍‌ର ମାତ୍ରା ନିଶ୍ଚିତ ଭାବରେ କମିଯିବ। ପିଲାଙ୍କ ପରୀକ୍ଷା ସମୟରେ ପିତାମାତା, ଆତ୍ମସ୍ୱଜନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପିଲାଟିର ଖାଇବା, ବିଶ୍ରାମ ସହ ତାର ମାନସିକ କ୍ଷେତ୍ରକୁ ସଠିକ ଭାବେ ଦେଖନ୍ତୁ।



## ଅଣ୍ଡାରୁ ପ୍ରସ୍ତୁତ ସୁନ୍ଦର ଡିସ୍

**ସାମଗ୍ରୀ**

- ସିଝାଅଣ୍ଡା:୪ଟା
- ମଇଦା:୬ ଚାମଚ (ବଡ)
- କର୍ଣ୍ଣଫ୍ଲୋର୍: ୪ ଚାମଚ (ବଡ)
- ଅଦା, ରସୁଣ ପେଷ୍ଟ୍:୧ ଚାମଚ
- ଲଙ୍କାଗୁଣ୍ଡ:ଅଧାଚାମଚ
- ହଳଦୀ ଗୁଣ୍ଡ:ଅଧାଚାମଚ
- ଗୋଲମରିଚ ଗୁଣ୍ଡ:ଅଧାଚାମଚ
- ଟମାଟୋ ସସ୍:୪ ଚାମଚ (ବଡ)
- ନାଲି ଚିଲି ସସ୍:୩ ଚାମଚ(ବଡ)
- ସୋୟାସସ୍:୧ ଚାମଚ (ବଡ)
- ୨ ଟି ପିଆଜ ଛୋଟ ଛୋଟ କଟା
- କଟା ରସୁଣ:୧ ଚାମଚ
- କଟାଅଦା: ୧ ଚାମଚ
- କଞ୍ଚାଲଙ୍କା:୪/୫ଟା
- କ୍ୟାପ୍ସିକମ୍:୧ଟା (ଛୋଟ)
- ଆବଶ୍ୟକ ଅନୁଯାୟୀ ତେଲ
- ସ୍ୱାସ ଅନୁସାରେ ଲୁଣ

ପ୍ରଣାଳୀ: ପ୍ରଥମେ ଅଣ୍ଡାଗୁଡ଼ିକୁ ୮ ଖଣ୍ଡ ଲେଖାଏଁ କାଟି ରଖନ୍ତୁ। ଗୋଟିଏ ପାତ୍ରରେ ମଇଦା, କର୍ଣ୍ଣଫ୍ଲୋର୍, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ଲୁଣ ଦେଇ ବହଳିଆ ବେଟର ତିଆରି କରନ୍ତୁ। ତାକୁ ୧୦ ମିନିଟ୍ ଘୋଡେଇ ରଖନ୍ତୁ। ତା'ପରେ ଗ୍ୟାସ୍‌ରେ କଡେଇ ବସେଇ ତେଲ ଦିଅନ୍ତୁ। ତେଲ ଗରମ ହେଲା ପରେ ଅଣ୍ଡାଗୁଡ଼ିକୁ ଗୋଟି ଗୋଟି କରି ବେଟରରେ ବୁଡେଇ ଛାଣନ୍ତୁ। ଛାଣି ସରିଲା ପରେ ଗ୍ୟାସ୍‌ରେ ଅନ୍ୟ ଏକ କଡେଇ ବସେଇ ତେଲ ଦିଅନ୍ତୁ। ତେଲ ଗରମ ହେଲା ପରେ ରସୁଣ ପକାନ୍ତୁ। ରସୁଣ ଟିକେ ଭାଜିଲା ପରେ ଅଦା, ପିଆଜ, କ୍ୟାପ୍‌ସିକମ୍ ଓ କଞ୍ଚାଲଙ୍କାକୁ କାଟି ସେଥିରେ ପକେଇ ଭାଜନ୍ତୁ ଯେପରି ଅଧାକଞ୍ଚା ଥିବ। ତା'ପରେ ଅଧାଗିନା ପାଣିରେ ଅଳ୍ପ କର୍ଣ୍ଣଫ୍ଲୋର୍, ସମସ୍ତ ସସ୍ ଗୋଳେଇ ସେଥିରେ ଢାଳନ୍ତୁ। ଭଲ ଭାବରେ ଫୁଟିଲା ପରେ ଅଣ୍ଡାଗୁଡ଼ିକୁ ପକାନ୍ତୁ। ତା'ପରେ ଲୁଣ ଦେଇ ଭଲ ଭାବରେ ଗୋଳେଇ ଦିଅନ୍ତୁ। ଗୋଳେଇ ସାରିଲା ପରେ ଗୋଟିଏ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ। ଗରମ ଗରମ ରୁଟି ସହିତ ନିଜେ ଖାଆନ୍ତୁ ଓ ଅନ୍ୟମାନଙ୍କୁ ଖୁଆନ୍ତୁ।



## ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ଉପକାରୀ

ଆଜିକାଲି ଗ୍ରୀଷ୍ମ ପ୍ରବାହ ଯୋଗୁଁ ଶରୀର ତାପମାତ୍ରାକୁ ସନ୍ତୁଳିତ ରଖିବା ନିହାତି ଜରୁରୀ । ପ୍ରବଳ ଖରାରେ ବୁଲି ଆସିଲେ ଥଣ୍ଡା ପାଣି ଗ୍ଲାସେ ଲୋଡା ପଡେ । ଏବେ ତ ରେଫ୍ରିଜେରେଟରରେ ପାଣିକୁ ଥଣ୍ଡା କରି ପିଇବା ଅନେକର ଅଭ୍ୟାସ ହୋଇଗଲାଣି । କିନ୍ତୁ ସମୟ ଥିଲା ମାଟିରେ ନିର୍ମିତ ମାଠିଆରେ ପାଣି ରଖି ତାହାକୁ ଲୋକେ ପିଉଥିଲେ ଏବଂ ସେଥିରୁ ବେଶ ଆରାମ ମିଳୁଥିଲା । ମାଠିଆ ପାଣିରେ ଅନେକ ଔଷଧୀୟ ଗୁଣ ରହିଛି । ଖାସ୍ କଥା ହେଲେ, ଏହି ପାଣିକୁ ନିୟମିତ ପିଇଲେ ତାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ । ଏହା ବ୍ୟତୀତ ମାଠିଆ ପାଣି ପିଇଲେ ଗଳା ସଂକ୍ରମଣ ଆଶଙ୍କା ପ୍ରାୟ ନ ଥାଏ । ଆଉ ଏକ କଥା- ପ୍ଲାଷ୍ଟିକ ବୋତଲରେ ଅଧିକାଂଶ ଦିନ ପାଣି ରଖି ତାହାକୁ ବ୍ୟବହାର କଲେ ତା' ଭିତରେ ଟକ୍ସିନ (ବିଷତତ୍ତ୍ୱ) ସୃଷ୍ଟି ହୋଇଥାଏ । କିନ୍ତୁ ମାଠିଆ ପାଣିର ଆଉ ଏକ ଉପକାରୀ ଗୁଣ ହେଲା ଏହାକୁ ନିୟମିତ ପିଇଲେ ପେଟ ଯଦରଜ ପରି ସମସ୍ୟା ଦୂର ହୋଇଥାଏ ।

**ମହିଳାଙ୍କ ଶାରୀରିକ ସୁସ୍ଥତା ପାଇଁ ଦିନଚର୍ଯ୍ୟାରେ ଯୋଗାସନକୁ ସାମିଲ କରିବା କୌଣସି ବରଦାନଠୁ କମ୍ ନୁହେଁ...**

# ଯୋଗରୁ କାମକରେ ପଞ୍ଚଇନ୍ଦ୍ରୀୟ



ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କଠାରେ ବିଶେଷ କରି ମହିଳାଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତ ନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୁଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରରେ ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ। ଜାଣି ରଖନ୍ତୁ ଏହାର ବିଭିନ୍ନ ଉପକାରିତା ସମ୍ପର୍କରେ....

- ଏହାଦ୍ୱାରା ଶରୀରରେ ହରମୋନ୍ ପରିବର୍ତ୍ତନ ଯୋଗୁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ।
- ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସକ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁ ତ୍ୱଚା ଏବଂ ଅନ୍ତ ଅଙ୍ଗଗୁଡ଼ିକ ମଧ୍ୟ ସୁସ୍ଥ ରହିଥାଏ।
- ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ।
- ସୁଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହାବ୍ୟତିତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଯେଉଁ ମହିଳାମାନ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ।
- ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ୍ ରଖିବା ଲାଗି ଯୋଗାସନ ବେଶ୍ ଉପକାରୀ।
- ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲଭାବେ ହେବା କାରଣରୁ ମଧ୍ୟ ହୃଦରୋଗ ଆଶଙ୍କା କମିଥାଏ।
- ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ।
- ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବରଷ୍ଟ କରିଥାଏ।
- ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ୍ୟ ଯୋଗାସନ ଫଳପ୍ରଦ। କେବଳ ସେତିକି ଏତିକି ନୁହେଁ ନିୟମିତ ଯେଗ କରିବା ଦ୍ୱାରା ସ୍ତନ କର୍କଟ ଆଶଙ୍କା ମଧ୍ୟ କମିଥାଏ।
- ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ।
- ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜବୁତ୍ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।
- ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢ଼ ଘଣ୍ଟା ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇପାରିବେ।
- ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ୍ୟ ପ୍ରଭାବ ପକାଇଥାଏ। ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକରାତ୍ମକ ପ୍ରଭାବ ପକାଇପାରେ।
- ଯୋଗ କରିବାର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଧିକାଂଶ ମହିଳା ଏକାସାଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି। ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ। କାରଣ ସମସ୍ତଙ୍କ ଶରୀରର କ୍ଷମତା ଭିନ୍ନ ଭିନ୍ନ। ତେଣୁ ଆବଶ୍ୟକରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ତେଣୁ ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢାନ୍ତୁ।
- ଯଦି ଆପଣ ଗର୍ଭବତୀ ତେବେ ପୂର୍ବରୁ କରୁଥିବା ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ। ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଆବଶ୍ୟକ।
- ଯୋଗାସନ କେବେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ। ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ।

# କେଶର ସୁରକ୍ଷା ଓ ଯତ୍ନ

**କେଶର ସୁରକ୍ଷା ତଥା ସୌନ୍ଦର୍ଯ୍ୟ ଲାଗି ଆମେ ଏହାକୁ ନିୟମିତ ଅନ୍ତରାଳରେ ସଫା କରିଥାଉ। ଆଉ ଏଥିପାଇଁ ବିଭିନ୍ନ ଶାମ୍ପୁ ବ୍ୟବହାର କରିଥାଉ। ହେଲେ କେଶ ସଫା କରିବା ସମୟରେ କେତେକ ସାମାନ୍ୟ ଭୁଲ୍ ଯୋଗୁ କେଶ ଦୁର୍ବଳ ହେବା ତଥା ଝଡିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଶାମ୍ପୁ କରିବା ସମୟରେ କେଉଁ ଦିଗ ପ୍ରତି ସଚେତନ ରହିବେ ଜାଣ ରଖନ୍ତୁ କେତୋଟି ଟିପ୍ସ...**



- ଶୁଖିଲା କେଶରେ ସିଧାସଳଖ ଶାମ୍ପୁ ଲଗାନ୍ତୁ ନାହିଁ। ନଚେତ୍ ଶାମ୍ପୁରେ ଥିବା କେମିକାଲ୍‌ର ନକରାତ୍ମକ ପ୍ରଭାବରେ କେଶ ଖରାପ ହେବାର ଆଶଙ୍କା ରହିଛି। ତେଣୁ ଶାମ୍ପୁ ଲଗାଇବା ପୂର୍ବରୁ କେଶକୁ ଭଲଭାବେ ଓଦା କରନ୍ତୁ ଶାମ୍ପୁ ଲଗାନ୍ତୁ।
- ଶାମ୍ପୁକୁ ସିଧାସଳଖ କେଶରେ ଲଗାଇବା ପରିବର୍ତ୍ତେ ଅଳ୍ପ ପରିମାଣରେ ମିଶାଇ ହାତ ପାପୁଲିରେ ଘଷି ଫେଣ କରିବା ପରେ ଲଗାନ୍ତୁ। ଏହାଦ୍ୱାରା ମୁଣ୍ଡର ଗୋଟିଏ ସାମ୍ପୁ ଲାଗି ଶୁଷ୍କ ହେବା କିମ୍ବା କେଶ ଝଡିବା ସମସ୍ୟା କମିଥାଏ।
- ଯଦି ଆପଣ ଭାବୁଥାନ୍ତି ଯେ , ଅଧିକ ଶାମ୍ପୁ ଲଗାଇଲେ କେଶ ଭଲ ଭାବେ ସଫା ହୁଏ, ତା' ହେଲେ ତୁରନ୍ତ ଏ ଭ୍ରାନ୍ତ ଧାରଣା ମନରୁ କାଢିଦିଅନ୍ତୁ। କାରଣ ଅଧିକ ଶାମ୍ପୁ ଲଗାଇଲେ କେଶ ଶୁଷ୍କ ହୋଇ ଝଡିଥାଏ। ତେଣୁ କେଶ ସଫା କରିବା ଲାଗି ଏକ ଚାମଚ ଶାମ୍ପୁ ବ୍ୟବହାର କରନ୍ତୁ। ଆଉ ଯଦି ଆପଣଙ୍କ କେଶ ଅଧିକ ଲମ୍ବା, ତା'ହେଲେ ଗୋଟିଏ ଚାମଚରୁ ଅଧିକ ଶାମ୍ପୁ ଲଗାଇପାରିବେ।
- ଶାମ୍ପୁ କରିସାରିବା ପରେ କେଶକୁ ଭଲ ଭାବେ ଧୁଅନ୍ତୁ। କାରଣ କେଶରୁ ଶାମ୍ପୁ

  ଭଲଭାବେ ନ ଧୋଇଲେ ସେଥିଯୋଗୁ ରୂପି ସମସ୍ୟା ଦେଖାଦେବା ସହିତ କେଶ ଝଡିବ ମଧ୍ୟ ଆରମ୍ଭ ହୋଇଥାଏ। ହେଲେ କେଶ ଧୋଇବା ସମୟରେ କେଶ କିମ୍ବା ମୂଳକୁ ରଗଡନ୍ତୁ ନାହିଁ।
- କଣ୍ଡିଶନ୍‌ରଯୁକ୍ତ ଶାମ୍ପୁ କେଶକୁ ଅଧିକ ତେଲିଆ କରିବା ସହ ଭଲଭାବେ ସଫା କରିପାରି ନ ଥାଏ। ତେଣୁ ଶାମ୍ପୁ ଏବଂ କଣ୍ଡିଶନ୍‌ରକୁ ଅଲଗା ଅଲଗା ବ୍ୟବହାର କରନ୍ତୁ।
- କେମିକାଲ୍‌ଯୁକ୍ତ ଶାମ୍ପୁ କେଶକୁ ନଷ୍ଟ କରିଦେବା ସହ ରୁପି ସମସ୍ୟା ମଧ୍ୟ ବୃଦ୍ଧି କରିଥାଏ। ତେଣୁ ହର୍ବାଲ କିମ୍ବା ଆୟୁର୍ବେଦିକ ଶାମ୍ପୁ ବ୍ୟବହାର କରନ୍ତୁ। ଯଦି କେଶ କଲର୍ କରୁଛନ୍ତି, ତା' ହେଲେ ସେଥିପାଇଁ ଅଲଗା ଶାମ୍ପୁ ବ୍ୟବହାର କରିପାରିବେ।

## ବହୁଗୁଣି ଅମୃତଭଣ୍ଡା



ଶୀତ ପାଇଁ ଯେତିକି ଚିନ୍ତିତ ନୁହଁନ୍ତି, ସ୍ୱାସ୍ଥ୍ୟକୁ ନେଇ ଲୋକମାନେ ବେଶି ଚିନ୍ତି। ବିଶେଷକରି ନିଜ ଚର୍ମକୁ ନେଇ। ଶୀତଋତୁରେ ଥଣ୍ଡା ଜଳବାୟୁ ଯୋଗୁଁ ବିଭିନ୍ନ ପ୍ରକାରର ଚର୍ମରୋଗ ଦେଖାଦେଇଥାଏ। ଡ୍ରାଏ ସ୍କିନ ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟି ଥାଏ। ଡ୍ରାଏ ସ୍କିନ ପାଇଁ ଲୋକଙ୍କ ଚିନ୍ତା ବଢିଯାଇଥାଏ। ଏଥିପାଇଁ ଲୋକାମାନେ ବିଭିନ୍ନ ପ୍ରକାର ମେଡିସିନ ବ୍ୟବହାର କରିଥାନ୍ତି। ଏହି ସମୟରେ ରୁପି ସମସ୍ୟାରେ ବି ଲୋକମାନେ ଅତିଷ୍ଠ ହୋଇପଡିଥାନ୍ତି। ତେବେ ଏଥିପାଇଁ ଆପଣ ଘରୋଇ ଉପଚାର କରିପାରିବେ। ଶୀତଦିନରେ ଡ୍ରାଏ ସ୍କିନ ପ୍ରଭାବରେ ମୁଖ୍ୟତଃ ତ୍ୱଚାରେ ଫଟା ଦାଗ ଦେଖିବାକୁ ମିଳିଥାଏ। ଚମରୁ ପରସ୍ତ ପରସ୍ତ ଉଠିଯାଏ। ଏହାସହ ତ୍ୱଚା କୁଣ୍ଡେଇ ହେବା ଯୋଗୁ କଷ୍ଟ ଅନୁଭବ କରିଥାନ୍ତି ଲୋକେ। ଏଥିରୁ ମୁକ୍ତି ପାଇବା ପାଇଁ ଲୋକମାନଙ୍କୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ନାମୀ ଦାମି କମ୍ପାନୀର ଔଷଧ ବ୍ୟବହାର କରିବାକୁ ପଡିଥାଏ। ତେବେ ଅମୃତଭଣ୍ଡା ଦ୍ୱାରା କମ ଖର୍ଚ୍ଚରେ ଘରୋଇ ଉପଚାର ମାଧ୍ୟମରେ ଏହି ସମସ୍ୟାକୁ ଦୂର କରାଯାଇପାରିବ। ମୁହଁଫାଟୁଥିଲେ ଉକ୍ତ ସ୍ଥାନରେ ପାଚିଲା ଅମୃତଭଣ୍ଡା ଲଗାଇ ୫ ମିନିଟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ଦେଖିବେ ଆପଣ ପୂର୍ବଚମକ ଫେରିପାଇବେ।



# ଉପାକରୀ ଧନିଆପତ୍ର

ବିଶେଷ କରି ଭାରତୀୟ ଓ ଆଫଗାନିସ୍ତାନ ବ୍ୟଞ୍ଜନରେ ହିଁ ଧନିଆ ପତ୍ରର ଉପଯୋଗିତା ସର୍ବାଧିକ ହୋଇଥାଏ। ପାଶ୍ଚାତ୍ୟ ରାଷ୍ଟ୍ରରେ ସାଲାଡରେ ଏହି ପତ୍ରର ବ୍ୟବହାର ହେଉଥିବାର ପ୍ରକାଶ। ପ୍ରତିଦିନ ଅଳ୍ପ ପରିମାଣର ଧନିଆ ପତ୍ର ନିଜ ଖାଦ୍ୟରେ ବ୍ୟବହାର କରିବା ଉଚିତ ବୋଲି ଖାଦ୍ୟ ବିଶେଷଜ୍ଞଙ୍କ ମତ।

- ବ୍ରଣ ହେଉଥିଲେ, ଧନିଆ ପତ୍ର ରସ ଓ ମହୁ ସମାନ ପରିମାଣରେ ମିଶାଇ ବ୍ରଣ ଉପରେ ଲଗାଇଲେ ତାହା ଦବିଯାଇଥାଏ।
- ଦୈନିକ ସକାଳେ ମଧୁମେହ ରୋଗୀମାନେ ଅଳ୍ପ ପରିମାଣରେ ଧନିଆ ପତ୍ର ଚୋବାଇ ଖାଇଲେ କିମ୍ବା ଏହାର ରସ ପିଇଲେ, ସେମାନଙ୍କ ସର୍କରା ନିୟନ୍ତ୍ରିତ ହୁଏ।
- ହଜମ କରିବାର ଶକ୍ତି ମଧ୍ୟ ଏହି ଧନିଆ ପତ୍ର କାରଣରୁ ବୃଦ୍ଧି ହୋଇଥାଏ ବୋଲି ପରୀକ୍ଷାରୁ ଜଣାପଡିଛି।
- ଆଣ୍ଟିବାଇଓଟିକ୍ ପରି କାମ କରୁଥିବା ଧନିଆ ପତ୍ର କାଶକୁ ମଧ୍ୟ କମ୍ କରିଥାଏ।
- ଧନିଆ ପତ୍ରରେ ଭିଟାମିନ୍ ଏ ଓ ଭିଟାମିନ୍ ସି ଥିବାର କାରଣରୁ ଉତ୍ତମ ଦୃଷ୍ଟିଶକ୍ତିରେ ସହାୟକ ହୁଏ।





# ସ୍ୱାସ୍ଥ୍ୟପାଇଁ ଉପକାରୀ ଲେମ୍ବୁ

**ଲେମ୍ବୁ ପାଣି ଔଷଧୀୟ ଗୁଣରେ ଭରପୁର ହୋଇଥାଏ। ସକାଳୁ ସକାଳୁ ଖାଲି ପେଟରେ ଲେମ୍ବୁ ପାଣି ପିଇବାଦ୍ୱାରା ଶରୀରକୁ ଅନେକ ପ୍ରକାରର ଲାଭ ମିଳିଥାଏ। ତେବେ ଆସନ୍ତୁ ଜାଣିବା....**

- ❖ଲେମ୍ବୁ ପାଣି ପିଇବାଦ୍ୱାରା ଶରୀରର ଓଜନ ହ୍ରାସ ପାଇବା ସହିତ ତ୍ୱଚା ଆକର୍ଷଣୀୟ ଦେଖାଦେଇଥାଏ।
- ❖ସକାଳୁ ସକାଳୁ ଲେମ୍ବୁ ପାଣି ପିଇବାଦ୍ୱାରା ପାଚନକ୍ରିୟା ନିୟନ୍ତ୍ରିତ ରହିଥାଏ ଏବଂ ପେଟ ଜନିତ କୌଣସି ସମସ୍ୟା ମଧ୍ୟ ଦୂର ହୋଇଥାଏ।
- ❖ଏହାବ୍ୟତିତ ଲେମ୍ବୁ ପାଣି ପିଇବାଦ୍ୱାରା ଶରୀରରେ ହେଉଥିବା ଯନ୍ତ୍ରଣା ଦୂର ହୋଇଥାଏ। ଏହାସହିତ ଲେମ୍ବୁ ପାଣି ପିଇବାଦ୍ୱାରା ମଧ୍ୟ ଶରୀରରେ ରକ୍ତଶୋଧକ ଏବଂ ବଳବର୍ଦ୍ଧକ ହୋଇଥାଏ।
- ❖ଲେମ୍ବୁ ପାଣିରେ ସାଧାରଣତଃ ଭିଟାମନ୍ ବି, କ୍ୟାଲସିୟମ, କାର୍ବୋନିୟମ, ମାଗ୍ନେସିୟମ, କାର୍ବୋହାଇଡ୍ରେଟ୍ ମିଳିଥାଏ।
- ❖ଲେମ୍ବୁ ପାଣି ଲିଭରକୁ ଠିକ୍ ରଖିଥାଏ। ଯାହାଦ୍ୱାରା ଖାଦ୍ୟ ଆରାମରେ ହଜମ ହୋଇଯାଇଥାଏ।
- ❖ଲେମ୍ବୁ ଶରୀରକୁ ଶୀତଳତା ପ୍ରଦାନ କରିଥାଏ ଏଥିପାଇଁ ଗରମ ଦିନରେ ପ୍ରତିଦିନ ଲେମ୍ବୁ ପାଣି ପିଇବା ଆବଶ୍ୟକ।
- ❖ଅନେକ ସମୟରେ ପେଟରେ ହେଉଥିବା ଯନ୍ତ୍ରଣା କିମ୍ବା ଗ୍ୟାସ୍, ଗଳାରେ ଜଳାପଡା ଆଦି ସମସ୍ୟାକୁ ମଧ୍ୟ ଲେମ୍ବୁ ପାଣି ପିଇବାଦ୍ୱାରା ଦୂର ହୋଇଥାଏ।
- ❖ଲେମ୍ବୁରେ ଅଧିକ ମାତ୍ରାରେ ପୋଟାସିୟମ ରହିଥାଏ। ଯାହା ହାଇ ବ୍ଲଡପ୍ରେସର, ମୁଣ୍ଡ ବୁଲାଇବା ଭଳି ସମସ୍ୟା, ବାନ୍ତି, ମାନସିକ ଚାପ ଏବଂ ବିଷାଦ ମଧ୍ୟ ଦୂର ହୋଇଥାଏ।

# ଗାଜଲବାଡି ଘାଟିର ରାସ୍ତା ମଝିରେ ଅଟକିଛି ଭାରୀଯାନ



ବାଲିଗୁଡା, ୯/୧୨ (ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡିକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଗାଜଲବାଡି ଘାଟିର ୧ ନଂ.ବୁଲାଣି ରାସ୍ତାରେ ଶନିବାର ଦିନ ଟ୍ରକଟି ବୁଲାଣି ବୁଲାଇ ନ ପାରି ରାସ୍ତା ମଝିରେ ଅଟକି ରହିଛି, ଫଳରେ ଉକ୍ତ ଘାଟି ଉପରେ ଏକାଧିକ ଯାତ୍ରୀବାହୀ ବସ ସମେତ ଅନ୍ୟ ଗାଡି ଗୁଡିକ ଅଟକି ରହିଛି । ଏହି ଜାତୀୟପଥ ଦେଇ ଦାରିଙ୍ଗବାଡି, ବାଲିଗୁଡା, ଭବାନୀପାଟଣା, ରାୟପୁର ଠାରୁ ବ୍ରହ୍ମପୁରକୁ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । ଆଜି ସକାଳୁ ବ୍ରହ୍ମପୁର ମେଡିକାଲକୁ ଯାଉଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନେ ମଧ୍ୟ ଘାଟିରେ ଅଟକି ହଇରାଣ ହରକତ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଉକ୍ତ ଘାଟି ରାସ୍ତାଟି ଅଣ-ଓସାରିଆ ରାସ୍ତା ହୋଇଥିବା ବେଳେ ରାସ୍ତା ସମ୍ପ୍ରସାରଣ ହେବାରେ ଅହେତୁକ ବିଳମ୍ବ ହେଉଛି । ପ୍ରାୟ ୭ ଶହ କୋଟି ଟଙ୍କା ଅନୁଦାନ ପାଇଁ ଗତବର୍ଷ କେନ୍ଦ୍ର ସରକାର ଘୋଷଣା କରିଥିଲେ, ହେଲେ କୌଣସି କାରଣରୁ ଉକ୍ତ ଘାଟି ସମ୍ପ୍ରସାରଣ ହୋଇପାରିନି । ପ୍ରାୟ ୧୫ କିମି ଘାଟିରେ କେବଳ ଅଙ୍କାବଙ୍କା ରାସ୍ତା ରହିଥିବାରୁ ସେହି ରାସ୍ତାରେ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି । ତେଣୁ ଜାତୀୟ ରାଜପଥ ପକ୍ଷରୁ ଉକ୍ତ ଘାଟି ରାସ୍ତାରେ ଭାରୀଯାନ ନେବାକୁ ବାରଣ କରିବା ସହ ଘାଟି ପୂର୍ବରୁ ଉଭୟ ପଟରେ ସୂଚନା ବୋର୍ଡ ଲଗାଇଛି । କିନ୍ତୁ କୌଣସି ଭାରୀଯାନ ମାନୁ ନ ଥିବା ଜଣାପଡିଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଲୋକ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି ।

## ବିଳମ୍ବିତ ରାତିରେ ଜଳିଗଲା ବିକଳାଙ୍ଗଙ୍କ ତିନି ଚକିଆ ବାଇକ

### ଡାବୁଗାଁ ଥାନାର ଦ୍ୱାରସ୍ଥ ହେଲେ ବିକଳାଙ୍ଗ ଦମ୍ପତି

ନବରଙ୍ଗପୁର, ୯/୧୨ (ନି.ପ୍ର): ଡାବୁଗାଁ ଥାନା ଅଧୀନ ଚାଟିଗୁଡା ଡିଏନକେରେ ଗୁରୁବାର ବିଳମ୍ବିତ ରାତିରେ ଜଳିଗଲା ବାଇକ, କିଏ ଜଳିଲା ତାହା ସନ୍ଦେହ ଘେରରେ । ଆଜି ଶନିବାର ଅପରାହ୍ନରେ ଡାବୁଗାଁ ଥାନାର ଦ୍ୱାରସ୍ଥ ହୋଇ ଥାନାରେ ଲିଖିତ ଭାବରେ ବିକଳାଙ୍ଗ ଦମ୍ପତି ବରୁଣ ଦାସ ଏବଂ ତାଙ୍କ ସ୍ତ୍ରୀ ଅଭିଯୋଗ ଦେଇଛନ୍ତି । ଏହା ପରେ ଆମ ପ୍ରତିନିଧିଙ୍କ ପାଖକୁ ଯାଇ ନିଜର ପ୍ରତିକ୍ରିୟା ରଖିଲେ ବିକଳାଙ୍ଗ ବରୁଣ ଦାସ ଏବଂ ତାଙ୍କ ସ୍ତ୍ରୀ କହିଥିଲେ ଯେ, ଏହି ଘଟଣା ବିଷୟରେ ଝରିଗାଁ ବିଧାୟକଙ୍କୁ ମଧ୍ୟ ଭେଟି ନିଜର ଦୁଃଖ ଜଣାଇଛନ୍ତି । ବରୁଣ ଜଣେ ବିକଳାଙ୍ଗ ହୋଇଥିବାରୁ ୨୦୨୧ ମସିହାରେ ଯାତାୟାତ ପାଇଁ ଜୁପିଟର ତିନି ଚକିଆ ବାଇକ କିଣିଥିଲେ । କିନ୍ତୁ ଦୁଃଖର ବିଷୟ କେହି ଜଣେ ବାଇକକୁ ଜାଳିଦେଇଥିବା ସେ ସନ୍ଦେହ କରୁଛନ୍ତି ଏବଂ ଏ ବିଷୟରେ ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି । ଏହି ବାଇକ କେବଳ ବାଇକ ନୁହଁ ବିକଳାଙ୍ଗ ବରୁଣଙ୍କ ଦ୍ୱିତୀୟ ଗୋଡ଼ କହିଲେ ଚଳେ, ବରୁଣ ବର୍ତ୍ତମାନ ନ୍ୟାୟ ପାଇବା ଅପେକ୍ଷାରେ ଅଛନ୍ତି । ସେ ଜଣେ ନିହାତି ଗରିବ ହୋଇଥିବାରୁ ସରକାରୀ ସାହାଯ୍ୟ ତାଙ୍କର ଏକ ମାତ୍ର ସାହା ଭରସା ।

## ଭୁବନେଶ୍ୱର ସୂର୍ଯ୍ୟନଗର ଠାରେ ଆହ୍ୱାନ ଇଣ୍ଟରଭେନସନ ହବ ଉଦଘାଟିତ

ଭୁବନେଶ୍ୱର, ୯/୧୨ (ନି.ପ୍ର): ଭୁବନେଶ୍ୱର ସୂର୍ଯ୍ୟନଗର ଅନ୍ତର୍ଗତ ପ୍ଲଟ ନଂ ୫୦ ରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ଉଦ୍ଦେଶ୍ୟରେ ଆହ୍ୱାନ ଇଣ୍ଟରଭେନସନ ହବ ଉଦଘାଟିତ ହୋଇଯାଇଛି । ଏହି ହବରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ଅକୁପେସନାଲ ଥେରାପି, ସ୍ପିଚ ଥେରାପି, ସ୍ୱତନ୍ତ୍ର ଶିକ୍ଷା, କଗନିସନ ଥେରାପି ଆଦି ଦିଆଯାଇଥାଏ ବୋଲି ହବର ନିର୍ଦ୍ଦେଶକ ଶ୍ରୀ ଅଶ୍ୱିନୀ ମୁଦୁଲି ପ୍ରକାଶ କରିଛନ୍ତି । ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ଏହି ଡ଼ିସେମ୍ବର ମାସ ୩୧ ଯାଏଁ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ପାଇଁ ମାଗଣା କାଉନସେଲିଂ ଓ ଆସେସମେଣ୍ଟ ସୁବିଧା ଚାଲୁ ରହିଛି ।

## ପୁରୀ ଜିଲ୍ଲାର ସବୁ ଥାନା ଅଞ୍ଚଳରେ ୩୦ ଧାରା ଲାଗୁ

### ଏଣିକି ବିନା ଅନୁମତିରେ ସଭା, ଶୋଭାଯାତ୍ରା ଓ ମାଇକ ବ୍ୟବହାର ଉପରେ କଟକଣା

ନିମାପଡ଼ା, ୯/୧୨ (ନି.ପ୍ର): ପୁରୀ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ପୁଲିସ ଆଇନ ଧାରା ୩୦ କୁ ବିଭିନ୍ନ ଥାନା ଅଂଚଳରେ ୯୦ ଦିନ ପର୍ଯ୍ୟନ୍ତ ଲାଗୁ କରାଯାଉଛି । ଏହା ଚଳିତ ବର୍ଷ ନଭେମ୍ବର ମାସ ୨୮ ରୁ ୨୦୨୫ ଫେବୃଆରୀ ୨୫ ତାରିଖ ୯୦ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବା ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି । ପୁରୀ ଜିଲ୍ଲାର ସମସ୍ତ ପୋଲିସ ଥାନା ଅଞ୍ଚଳ, ପୁରୀ ପୌରସଂସ୍ଥା, ପିପିଲି, କୋଣାର୍କ, ନିମାପଡ଼ା ବିଜ୍ଞାପିତ ଅଞ୍ଚଳରେ ଏହା ବଳବତ୍ତର ରହିବ । ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା ଓ ମାଇକ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଗ୍ରୱାଲ କହିଛନ୍ତି ।

# ଦୀପ ତଳ ଅନ୍ଧାର

## ଘାସିଆଗୁଡା ଗ୍ରାମବାସୀଙ୍କୁ ଡିବିରୀ ଆଲୁଅ ଭରସା



କୋଷାଗୁମୁଡା, ୯/୧୨ (ନି.ପ୍ର): ଆଜିର ଦିନରେ ଲୋକେ ଆଧୁନିକ ଯନ୍ତ୍ରପାତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହିବା ସହିତ ବହୁଳ ଭାବେ ଆଧୁନିକ ଉପକରଣ ସବୁ ନିଜ ଘର ମାନଙ୍କରେ ଖଞ୍ଜି ରଖିଛନ୍ତି, ଯେମିତି କି ପଙ୍ଖା, କୁଲର, ଫ୍ରିଜ, ଟିଭି, ଇସ୍ତ୍ରୀ, ମୋବାଇଲ ଓ ଅନ୍ୟ ସବୁ ସାମଗ୍ରୀ ସବୁ ବିଦ୍ୟୁତ ଦ୍ୱାରା ଚାଳିତ । ସରକାର ରାଜ୍ୟବାସୀଙ୍କୁ ବିଜୁଳି ଆଲୁଅ ଯୋଗାଇଦେବା ଲକ୍ଷ୍ୟରେ ସହରଠୁ ଆରମ୍ଭ କରି ପ୍ରତିଗ୍ରାମକୁ ବିଜୁଳି ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି, ହେଲେ କିଛି ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ଆଜି ବି ଅନେକ ଗାଁ ଅବହେଳିତ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି । ସେମାନେ ମୋବାଇଲ, ଟିଭି, ଫ୍ରିଜ, କୁଲର ବ୍ୟବହାର କରିବା ତ ଦୂରର କଥା ବିଜୁଳି ଆଲୁଅ ବି ଦେଖି ନାହାନ୍ତି । ଆଜି ବି ଡିବିରୀ ଆଲୁଅ କୁ ଭରସା କରି କାଳ କାଟୁଛନ୍ତି । ସନ୍ଧ୍ୟାହେଲେ ହିଂସ୍ର ଜନ୍ତୁ ଓ ସରୀସୃପ ଭୟରେ ତାଟିକବାଟ ବନ୍ଦ କରି ଘର ଭିତରେ ରହୁଛନ୍ତି । ଜରୁରୀକାଳୀନ ପରିସ୍ଥିତି ପାଇଁ ଘରେ ଘରେ ଛୋଟ ଛୋଟ ବ୍ୟାଟେରୀ ଲାଇଟ ସବୁ ସାଇତି ରଖିଛନ୍ତି ଓ ଖୁବ ଯତ୍ନର ସହ ବ୍ୟବହାର କରୁଛନ୍ତି । ପିଲାମାନଙ୍କ ପଢ଼ାକଥା ତ ନକହିବା ହିଁ ଭଲ ! ବିଦ୍ୟାଳୟରେ ଯାହା ପଢୁଛନ୍ତି, ସେତିକିରେ ହିଁ ତାଙ୍କ ପାଠ ଅଟକି ରହୁଛି । ଘରେ ଆସି ପଢ଼ିବା, ସେ ଭାଗ୍ୟ ତାଙ୍କ କପାଳରେ ଜୁଟୁନାହିଁ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମହକୁମା ଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଅବସ୍ଥିତ ଘାସିଆଗୁଡା ଗ୍ରାମରେ । ଗ୍ରାମ ବସତି ସ୍ଥାପନକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ପ୍ରଶାସନର ନଜର ପଡିନି । ଦୀପ ତଳ ଅନ୍ଧାର ପରି ଏହି ଗ୍ରାମରେ ରହୁଥିବା ଗ୍ରାମବାସୀ ଅନ୍ଧାରରେ ରାତି କାଟୁଛନ୍ତି । ଗ୍ରାମରେ ବସବାସ କରୁଛନ୍ତି ୮ ପରିବାର, ଜନସଂଖ୍ୟା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ, ହେଲେ ଏହି ଗାଁଟି ଆଜି ବି ଅନ୍ଧାରରେ । ଗ୍ରାମକୁ ଦେଖିଲେ ଲାଗେ ସତେ ଯେପରି ସରକାରଙ୍କ ଏହି ଗ୍ରାମ ପ୍ରତି ଆନ୍ତରିକତା ହିଁ ନାହିଁ । ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀ ଥାଇ ମଧ୍ୟ ଗ୍ରାମର ଜଣେ ହେଲେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ଘର ଖଣ୍ଡିଏ ମଧ୍ୟ ପାଇନାହାନ୍ତି । ଗାଁକୁ ବିଜୁଳି ସଂଯୋଗ କରିବା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କରିଥିଲେ ହେଁ ଏ ଯାଏ ପ୍ରଶାସନ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇନି । ପାହାଡ଼, ପର୍ବତ କାଟି ବସତି ସ୍ଥାପନ କରିଥିବା ଜନସାଧାରଣ ମାନଙ୍କ ପାଖରେ ବିଜୁଳି ପହଂଚିଲା ସିନା ବ୍ଲକ ମହକୁମାର ଅତି ନିକଟରେ ଥିବା ଘାସିଆଗୁଡା ଗ୍ରାମରେ ଏଯାଏ ବିଜୁଳି ପହଂଚି ପାରିଲାନି ।ତେଣୁ ଗ୍ରାମବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଜିଲ୍ଲା ପ୍ରଶାସନ ଗ୍ରାମକୁ ବିଜୁଳି ସଂଯୋଗ କରିବାର ବ୍ୟବସ୍ଥା କରିବାପାଇଁ ଗ୍ରାମର ବଳି ଭତରା, ରାମଚନ୍ଦ୍ର ଭତରା, ପୋଲାଦ ଭତରା, ନୀଳାବତୀ ଭତରା, କମଳା ଭତରା, କରୁଣା ଭତରା ଓ ଅନ୍ୟାନ୍ୟ ଗ୍ରାମବାସୀମନେ ଦାବୀ କରିଛନ୍ତି ।

## ବାଙ୍କପାଟୁଳିରେ ଆଶାକର୍ମୀଙ୍କୁ ଯୋଗ ଶିକ୍ଷା ପ୍ରଦାନ

ପାଟଣା, ୯/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ବାଙ୍କପାଟୁଳି ଆୟୁର୍ବେଦିକ ଚିକିତ୍ସାଳୟ ପରିସରରେ ଆଶାକର୍ମୀ ମାନଙ୍କୁ ଯୋଗଶିକ୍ଷା ଦିଆଯାଇଛି । ସ୍ୱାସ୍ଥ୍ୟ ରକ୍ଷା ପାଇଁ ଯୋଗ ଶିକ୍ଷା କେତେ ଜରୁରୀ ସେ ସମ୍ପର୍କରେ ଏଠାରେ ବାର୍ତ୍ତା ଦିଆଯାଇଥିଲା । ଯୋଗ ଓ ଫିଜିଓଥେରାପିଷ୍ଟ ଡାକ୍ତର ସୁମନ୍ତ ବେହେରା ଶିବିରା ?ର୍ଥୀମାନଙ୍କୁ ଯୋଗଶିକ୍ଷା ମାଗଦର୍ଶନ ଦେଇଥିଲେ । ଆୟୁଷ ଡାକ୍ତର କାଦମ୍ବିନୀ ମହାନ୍ତ ବିଭିନ୍ନ ପ୍ରକାର ରୋଗରୁ କିପରି ଯୋଗ ଦ୍ୱାରା ମୁକ୍ତି ମିଳିବ ସେନେଇ ଏଠାରେ ମାର୍ଗଦର୍ଶନ ଦେଇଥିଲେ । ଆୟୁର୍ବେଦିକ ଚିକିତ୍ସାଳୟର ଅଧିକାରୀ ଡକ୍ଟର ଶଶିଭୂଷଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସହାୟକ କ୍ଷେତ୍ରମୋହନ ମହାନ୍ତ, ଆଶାକର୍ମୀ କନକଲତା ମହାନ୍ତ, ମୁକ୍ତାମଣି ମୁଣ୍ଡା, ମିନାକ୍ଷୀ ମହାକୁଡ, ମଞ୍ଜୁବାଳା ନାଏକ, ମନ୍ଦୋଦରୀ ମହାନ୍ତ ପ୍ରମୁଖ ଶିବିରରେ ସାମିଲ ଥିଲେ ।

## ୩୫ଶହ ଟଙ୍କା ଭତ୍ତା ଆଶାରେ ବୃଦ୍ଧ-ବୃଦ୍ଧା ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ

ନିଶ୍ଚିନ୍ତକୋଇଲି, ୯/୧୨ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଢିବା ପରେ ପ୍ରଥମ ଅଧିବେଶନରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ଓ ୮୦ପ୍ରତିଶତରୁ ଭିନ୍ନକ୍ଷମମାନଙ୍କୁ ଉଭୟ ମଧୁବାବୁ ଓ ଜାତୀୟ ସାମାଜିକ ସହାୟତା ଯୋଜନା ମାଧ୍ୟମରେ ୩ହଜାର ୫୦୦ ଟଙ୍କା ମାସିକ ଭତ୍ତା ପ୍ରଦାନ କରିବେ ବୋଲି କହିଥିବା ବେଳେ ୫ ମାସରୁ ଉର୍ଦ୍ଧ୍ୱର୍ ସମୟ ବିତିଯାଇଥିଲେ ମଧ୍ୟ ୩୫୦୦ ଟଙ୍କା ଭତ୍ତା ପାଇବାରୁ ହିତାଧିକାରୀମାନେ ବଞ୍ଚିତ ରହୁଛନ୍ତି । ସରକାର ଯେତେବେଳେ ସରକାରୀ କର୍ମଚାରୀ ଓ ଅନ୍ୟ କ୍ଷେତ୍ରରେ ମାସିକ ଭତ୍ତା ଓ ବର୍ଦ୍ଧିତ ବେତନ ପ୍ରଦାନ କରିଥାଆନ୍ତି ସେତେବେଳେ ସେମାନଙ୍କୁ ୫/୬ ମାସର ମାସିକ ବେତନ ଓ ଭତ୍ତା ପିଛିଲା ଭାବରେ ନୂତନ ବର୍ଦ୍ଧିତ ଭତ୍ତା ଓ ବେତନ ସହିତ ପ୍ରଦାନ କରିଥାଆନ୍ତି । ରାଜ୍ୟ ସରକାର ଏବେ ଯେତେବେଳେ ୩୫୦୦ ଟଙ୍କାର ଭତ୍ତା ପ୍ରଦାନ କରିବେ ସେତେବେଳେ ଏହାକୁ ପିଛିଲା ଭାବେ ୫/୬ ମାସର ଭତ୍ତା ଅର୍ଥ ସହ ହିତାଧିକାରୀମାନଙ୍କୁ ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ପ୍ଲାଟିନମ୍ ଜୁବୁଲି ସମାରୋହରେ ଯୋଗଦେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଭାରତକୁ ମେଗା ମହାଶକ୍ତିରେ ପରିଣତ କରିବା ପାଇଁ ଦାୟିତ୍ୱ ନିର୍ବାହ କରିବା - ଧର୍ମେନ୍ଦ୍ର ପ୍ରଧାନ



ଜାମସେଦପୁର, ୯/୧୨ (ନି.ପ୍ର): ବର୍ତ୍ତମାନ ସମୟରେ ଭାରତ ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବାକୁ ଯାଉଛି । ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀମାନେ ଏହି ସୁଯୋଗର ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ସହ ୨୦୪୭ ସୁଦ୍ଧା ଭାରତକୁ ଏକ ମେଗା ମହାଶକ୍ତିରେ ପରିଣତ କରିବା ଦିଗରେ ଦାୟିତ୍ୱ ନିର୍ବାହ କରିବା ପାଇଁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର ଜାମସେଦପୁର ସ୍ଥିତ ଏକ୍ସଏଲଆରଆଇ – ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟର ପ୍ଲାଟିନମ ଜୁବୁଲି ଉତ୍ସବର ସମାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଏହି ଆହ୍ୱାନ କରିଛନ୍ତି । ଏହି ଶିକ୍ଷାନୁଷ୍ଠାନ ୭୫ ବର୍ଷର ଗୌରବମୟ ପୂର୍ତ୍ତି ହାସଲ କରିଥିବାରୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଭାରତ ଯେତେବେଳେ ସମ୍ବିଧାନ ଗୃହୀତ ଓ ପ୍ରଣୟନ ହେବାର ୭୫ତମ ବାର୍ଷିକୀ ପାଳନ ପାଳନ କରୁଛି, ସେତେବେଳେ ଏକ୍ସଏଲଆରଆଇ – ଜାଭିୟର୍ ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ ୭୫ ବର୍ଷର ଶିକ୍ଷାର ଉତ୍କର୍ଷତାକୁ ଉତ୍ସବ ଭାବରେ ପାଳନ କରିବା ସୌଭାଗ୍ୟର ବିଷୟ । ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଏହି ଶିକ୍ଷାନୁଷ୍ଠାନ ରାଷ୍ଟ୍ର ନିର୍ମାଣରେ ଅତୁଳନୀୟ ଯୋଗଦାନ ରଖିଛି । ସେ ଆହୁରି କହିଛନ୍ତି ଯେ ଜାମସେଦପୁର ଏବଂ ଏକ୍ସଏଲଆରଆଇର ଏକ ସ୍ୱତନ୍ତ୍ର ପରିଚୟ, ସଂସ୍କୃତି, ନୈତିକତା ଓ ମୂଲ୍ୟବୋଧ ରହିଛି । ଅନୁଷ୍ଠାନର ପୂର୍ବତନ ଛାତ୍ରଛାତ୍ରୀମାନେ ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ଉଭୟ ଭାରତ ଏବଂ ବିଶ୍ୱକୁ ମ୍ୟାନେଜମେଣ୍ଟର ନେତୃତ୍ୱ ପ୍ରଦାନ କରିଛନ୍ତି । ଗତ ସାତ ଦଶନ୍ଧି ଧରି ଏହି ଅନୁଷ୍ଠାନ ମ୍ୟାନେଜମେଣ୍ଟ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠତାର ପ୍ରତୀକ ପାଲଟିଛି । ଏହି ଅନୁଷ୍ଠାନ ନିଜର ୭୫ ବର୍ଷ ପୁରୁଣା ସମୃଦ୍ଧ ପରମ୍ପରାକୁ ଆଧାର କରି ବହୁମୁଖୀ ମ୍ୟାନେଜମେଣ୍ଟ ଶିକ୍ଷା, ନବସୃଜନରେ ନୂଆ ଦିଗ ଯୋଡିବା ସହ ଅଧିକ ୱେଲଥ୍ ଏବଂ ନିଯୁକ୍ତିଦାତା ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ହେବା ଦରକାର । ଏହି ଅବସରରେ ଶ୍ରୀ ପ୍ରଧାନ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ ହୋଇଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ଶିକ୍ଷାନୁଷ୍ଠାନ କ୍ୟାମ୍ପସ ପରିଦର୍ଶନ କରିଥିଲେ ।

## ଜନ୍ମକଲା ମାଆଙ୍କୁ ନିର୍ଯାତନା ଅଭିଯୋଗରେ ଦୁଇ ଝିଅ ଓ ନାତି ଗିରଫ

ବ୍ରହ୍ମପୁର, ୯/୧୨ (ନି.ପ୍ର): ନିଜ ଜନ୍ମକଲା ମାଆକୁ ତାଙ୍କ ଦୁଇ ଝିଅ ଓ ନାତି ନିର୍ଯ୍ୟାତନା ଦେବା ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ । ମହିଳା ଜଣକ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୋଗକାରୀଙ୍କ ଦୁଇ ଝିଅ ଓ ନାତିକୁ ଗିରଫ କରିଛି । ଝିଅ ସସ୍ମିତା ଦେବୀ, ସାନ ଝିଅ ବସ୍ମିତା ଦେବୀ ଓ ନାତି ସମୀର କୁମାର ବେହେରା । ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଲାଞ୍ଜିପଲ୍ଲୀ ଯାତ୍ରାପଡ଼ିଆ ନିକଟରେ ଅର୍ଥାତ ତୋଟା ସାହିରେ କାନ୍ତ ବେହେରା (୭୧) ଙ୍କ ଘର ରହିଛି । ଗତ କିଛିମାସ ହେବ ତାଙ୍କୁ ତାଙ୍କର ଦୁଇ ଝିଅ ସସ୍ମିତା ଓ ବସ୍ମିତା ବିଭିନ୍ନ ନିର୍ଯ୍ୟାତନା ଦେବା ସହ ଉକ୍ତ ଘରକୁ ଜବରଦଖଲ କରି ରହି ଆସୁଛନ୍ତି । ନିର୍ଯ୍ୟାତନା ସହି ନ ପାରି କାନ୍ତ ବେହେରା ଆମ୍ବପୁଆ ସୁରକ୍ଷା ନଗରରେ ଘରଭଡ଼ା ନେଇ ରହି ଆସୁଥିଲେ । ସେ ଗୁରୁବାର ପୂଜା ପାଇଁ ତୋଟାସାହିରେ ଥିବା ନିଜ ଘରକୁ ଆସିଥିଲେ । ଏଠାରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଳି ଗୁଲଜ କରିଥିଲେ । ପୁଅ ଅମିତ ତାଙ୍କୁ ପ୍ରତିବାଦ କରିବାରୁ ମାଆ କାନ୍ତ ଓ ଭାଇ ଅମିତକୁ ଅଭିଯୁକ୍ତମାନେ ଲୁହାରଡ଼ରେ ଆକ୍ରମଣ କରିଥିଲେ । ଏପରି କି ପୁଅ ଅମିତର ସ୍କୁଟିକୁ ବାଡେଇ ଭାଙ୍ଗିଥିବା ନେଇ କାନ୍ତ ବେହେରା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ସ୍ୱାମ ପାଟଣା ମହାବିଦ୍ୟାଳୟ ଚମ୍ପିୟାନ



ପାଟଣା, ୯/୧୨ (ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ସମ୍ପ୍ରତି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ-ସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଚମ୍ପିୟାନ ହୋଇ ଇତିହାସ ଦୋହରାଇଛି । ଏହା ଏହି ବିଶ୍ୱବିଦ୍ୟାଳୟ-ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଘଟଣା ମଧ୍ୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ପାଇଁ ଶେଷ ଘଟଣା ଓ ଇତିହାସ ହୋଇ ରହିବ । କାରଣ ଆସନ୍ତା ବର୍ଷ ଠାରୁ କେନ୍ଦୁଝର ଜିଲ୍ଲାର ଏହି ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବାରିପଦା ପରିବର୍ତ୍ତେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଅଧୀନକୁ ଚାଲିଯିବେ । ବାରିପଦା ଠାରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଡିସେମ୍ବର ୫ ଓ ୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ୩୫ଟି ମହାବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ । ଏଥିରେ ସ୍ୱାମ ପାଟଣା ମହାବିଦ୍ୟାଳୟର ୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଇଭେଣ୍ଟରେ ଉଚ୍ଚମାନର ପ୍ରଦର୍ଶନ କରି ଚଳିତ ଥରକୁ ମିଶାଇ ଦଶମ ଥର ପାଇଁ ଦୌଡ଼କୁଦ ଚମ୍ପିୟାନ ହେବାର ଗୌରବ ହାସଲ କରିଛନ୍ତି । ଏହି ପ୍ରତିଯୋଗୀ ମାନଙ୍କୁ ଆଜି ମହାବିଦ୍ୟାଳୟର ଅଧକ୍ଷ ବିରେନ୍ଦ୍ର କୁମାର ସାହୁ, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ସାହୁ, କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ରଜତ କୁମାର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ସୂଚନାଯୋଗ୍ୟ ଯେ ପ୍ରତିଯୋଗିତାକୁ ଯିବା ପୂର୍ବରୁ ଏହି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ା ଶିକ୍ଷକ ଶ୍ରୀ ସାହୁ, ନୂତନ ପ୍ରଶିକ୍ଷକ ତପୋଧନ ଶିଶିର କାନ୍ତ ପଲେଇ, ସହଯୋଗୀ ସୁଶାନ୍ତ ଚନ୍ଦ୍ର ପାତ୍ର, ଗୋବିନ୍ଦ ଚନ୍ଦ୍ର ପାତ୍ର, ବ୍ରଜେନ୍ଦ୍ର କୁମାର ପତି ଓ ପ୍ରାଧ୍ୟାପକ ହଳଧର ସାହୁ ପ୍ରମୁଖ ଉପଯୁକ୍ତ ପ୍ରଶିକ୍ଷଣ ଦେବାର ଫଳ ମହାବିଦ୍ୟାଳୟକୁ ମିଳିଛି ବୋଲି ଅଧକ୍ଷ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ଆସପାୟାର ପକ୍ଷରୁ ଶିଶୁ ତରଙ୍ଗ ମହୋତ୍ସବ ଅନୁଷ୍ଠିତ

ପାଟଣା, ୯/୧୨ (ନି.ପ୍ର): ଆସପାୟାର ତରଫରୁ ଶିଶୁ ତରଙ୍ଗ ମହୋତ୍ସବ ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ଗ୍ରାମ ପଞ୍ଚାୟତ ନୋଡାଲ ଉ.ପ୍ରା ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ସାନ୍ତରାପୁର ଜିପିସିଏମ ସାଗର ବେହେରାଙ୍କ ନେତୃତ୍ୱରେ ବିଦ୍ୟାଳୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନାଟକ 'ରେବତୀ' ମାଧ୍ୟମରେ ଶିଶୁ ଶ୍ରମିକ ହଟାଇବା ପାଇଁ ଗୁରୁତ୍ୱ ଦିଆଯାଇଥିଲା । ପ୍ରତିଭା ଚୟନରେ ଗଣିତ ଦେ?ଡ, ଭାଷଣ, ଗୀତ, ନାଚ, ମ୍ୟୁଜିକ ଚେୟାର, ବିସ୍କୁଟ ଖିଆ, ପୁଚି, ଚିତ୍ରାଙ୍କନ ଇତ୍ୟାଦି ବିଷୟରେ ପିଲାମାନଙ୍କ ପାଇଁ କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ଓଡିଶାର କଳା ସଂସ୍କୃତିକୁ ନେଇ ଏକ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ପୁରସ୍କାର ବିତରଣରେ ପ୍ରଧାନ ଶିକ୍ଷୟତ୍ରୀ ରିତାଞ୍ଜଳି ଚକ୍ର ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଏସ.କେ ଅସ୍ରଫ ଅଲ୍ଲୀ, ନନ୍ଦିନୀ ଦିଦି, ସନ୍ତୋଷ ନାୟକ, ମିତାଞ୍ଜଳି, ପୁଷ୍ପ ଦିଦି, ଶିଶିର, ସୁନିତା ସାହୁ, ବନଶ୍ରୀ, ଶଶିରେଖା, ରାଜେଶ୍ୱରୀ ପ୍ରମୁଖ ପୁରସ୍କାର ବିତରଣରେ ଉପସ୍ଥିତ ଥିଲେ । ଆସ୍ପାୟାର ପରିବାରର ଢେଙ୍କିକୋଟ ଜିପିସିଏମ ପୁଷ୍ପାଞ୍ଜଳି ସେଠୀ, ବରାହଟିପୁରା ଜିପିସିଏମ ସରସ୍ୱତୀ ନାୟକ, ବଡମସିଣାବିଲ୍ଲା ଜିପିସିଏମ ଝରଣା ନାୟକ, ସୁଜାତା ଗିରି, ମାନସୀ ସିଂହ, ପୂଜା ସିଂହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଗର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୋରା ବାଲି ମାଫିଆଙ୍କୁ ରାତିଅଧିଆ ବିରୋଧରୁ ଉତ୍ତେଜନା

ପାଟଣା, ୯/୧୨ (ନି.ପ୍ର): କେନ୍ଦୁଝର ଜିଲା ସାହାରପଡା ତହସିଲ ଅନ୍ତର୍ଗତ ଖଡ଼ିକାପଦା ପଞ୍ଚାୟତର ଗୟଳକୁଣ୍ଡ ଗାଁ ବିରଳ ନଦୀରୁ ଶୁକ୍ରବାର ବିଳମ୍ବିତ ରାତିରେ ବାଲିମାଫିଆ ମାନେ ଚୋରା ବାଲି ଉତ୍ତୋଳନ କରି ଚାଲାଣ କରୁଥିବା ବେଳେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି । ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଚୋରା ବାଲି ଚାଲାଣ ବେଳେ ବ୍ୟବହୃତ ପ୍ରୋକ୍ଲେନ୍ ମେସିନକୁ ଗ୍ରାମବାସୀ ଅଟକ ରଖିଛନ୍ତି । ବାଲି ମାଫିଆ ଲୋକଙ୍କୁ ଦେଖି ଫେରାର ହୋଇଯାଇଛନ୍ତି । ସୂଚନାଯୋଗ୍ୟ ଯେ ପାଟଣା ଓ ସାହାରପଡ଼ା ଅଞ୍ଚଳର ବିଭିନ୍ନ ବାଲିଉତ୍ସରୁ ବେଆଇନ ଭାବେ ମାଫିଆମାନେ ରାତି ଅଧିଆ ବାଲି ଚୋରାରେ ଲୁଟ କରୁଥିବାରୁ ବ୍ୟାପକ ରାଜସ୍ୱ ହାନି ହେଉଛି । ନିକଟରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣରେ ଅଙ୍କୁଶ ଲଗାଇବା ପାଇଁ ଖଣି ବିଭାଗ ରାଜସ୍ୱ ବିଭାଗ ଓ ପୁଲିସ ବିଭାଗକୁ ନେଇ ଏକ ଟାସ୍କ ଫୋର୍ସ ସମିତି ଗଠନ କରାଯାଇଥିଲେ ମଧ୍ୟ ଚୋରା ବାଲି ଚାଲାଣ ଉପରେ ଅଙ୍କୁଶ ଲଗାଯାଇ ପାରୁନାହିଁ ।

## ଖଡ଼ିଆଳ ସ୍ଥିତ ବେସରକାରୀ ମିଶନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନରେ ସାମିଲ ନେଇ ଖଡିଆଳ ବିଧାୟକଙ୍କ ଦାବି

ନୂଆପଡା, ୯/୧୨ (ନି.ପ୍ର): ନୂଆପଡ଼ା ଏକ ଉପାନ୍ତ ଜିଲ୍ଲା ଅଟେ ଏବଂ ସ୍ୱାସ୍ଥ୍ୟ ଓ ଚିକିତ୍ସା ନେଇ ଜିଲ୍ଲାବାସୀ ବିଶେଷ ରୂପେ ପଡୋଶୀ ରାଜ୍ୟର ରାୟପୁର ଏବଂ ବିଶାଖାପାଟଣା ଉପରେ ନିର୍ଭରଶୀଳ । ମିଶନ ସ୍ୱାସ୍ଥ୍ୟକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଲାଗୁ କରିବା ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କୁ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପତ୍ରାଳାପ କରିଛନ୍ତି ତଥା ଆସନ୍ତା ଦିନରେ ଦାବୀ ପୂରଣ ନେଇ ମନ୍ତ୍ରୀ ମହୋଦୟ ପ୍ରତିଶୃତି ଦେଇଛନ୍ତି । ମିଶନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭବତୀ ମହିଳାଙ୍କ ପ୍ରସବ ଜନିତ ସମସ୍ୟା ଦେଖା ହେଲେ ତୁରନ୍ତ ଅସ୍ତ୍ରୋପଚାର କରି ସୁରକ୍ଷିତ ଶିଶୁ ଜନ୍ମ କରିପାରିଛନ୍ତି । ଯାହା ଫଳରେ ଖଡ଼ିଆଳ ସମେତ ନୂଆପଡା ଜିଲ୍ଲାର ସମସ୍ତ ବ୍ଲକ, କଳାହାଣ୍ଡି ଜିଲ୍ଲାର ଅନେକ ବ୍ଲକ, ବଲାଙ୍ଗୀର ଜିଲ୍ଲାର ନିକଟସ୍ଥ ବ୍ଲକ ସମେତ ଛତିଶଗଡ଼ ରାଜ୍ୟର ଦେଓଭୋଗ, ବାଗବାହାରା ଓ ମହାସମନ୍ଦ ଅଞ୍ଚଳର ଜନସାଧାରଣ ଆଜି ବି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଯାହା ଫଳରେ ଅନେକ ରୋଗୀ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ଏଠାରୁ ଲାଭ ଉଠାଇ ପାରୁଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ କରିବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି ।

## ପାଟଣା ବ୍ଲକର ୫୫ଜଣ କନିଷ୍ଠ ଶିକ୍ଷକଙ୍କୁ ନିୟମିତ ଶିକ୍ଷକ ଭାବେ ପଦୋନ୍ନତି ପ୍ରଦାନ



ପାଟଣା, ୯/୧୨ (ନି.ପ୍ର): ପାଟଣା ବ୍ଲକରେ କାର୍ଯ୍ୟରତ ଥିବା ୫୫ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଆଜି ନିୟମିତ ସହକାରୀ ଶିକ୍ଷକ ଭାବେ ପଦୋନ୍ନତି ଓ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଆଜି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ଏବିଇଓ ପ୍ରକାଶ କୁମାର ରାୟ, ବିଜୟ କୁମାର ଓଝା, ପାଟଣା ବ୍ଲକ ଶିକ୍ଷକ ସଂଘ ସମ୍ପାଦକ କମଳା କାନ୍ତ ପତି, ଓସ୍ତା ସଙ୍ଘ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ସିଆରସିସି ଜ୍ୟୋତିର୍ମୟୀ ତ୍ରିପାଠୀ, ସନ୍ତୋଷ କୁମାର ନାଏକ, ଚୈତନ୍ୟ ନାଏକ, ପ୍ରମୋଦ କୁମାର ମହାନ୍ତଙ୍କ ସହିତ ଅନ୍ୟ ମାନଙ୍କ ଉପସ୍ଥିତରେ ପଦୋନ୍ନତିପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା ।

## ସରକାରୀ କାର୍ଯ୍ୟାଳୟରେ ଅଧିକାରୀ, କର୍ମଚାରୀ ଓ ଉପକରଣର ଅଭାବ

# ଜନସାଧାରଣଙ୍କୁ ସେବା ଯୋଗାଇବା ନେଇ ପ୍ରଶ୍ନବାଚୀ

ନିଶ୍ଚିନ୍ତକୋଇଲି, ୯/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ୪୧ ଗୋଟି ପଂଚାୟତରେ ବହୁ ବିଭାଗୀୟ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ, କର୍ମଚାରୀ, ଉପକରଣ ଓ ଆବଶକୀୟ ଭିତ୍ତିଭୂମିର ଅଭାବ ରହିଛି । ସେସବୁକୁ ରାଜ୍ୟ ସରକାର କେବେ ପୂର୍ଣ୍ଣ କରିବେ । ଏଥିପାଇଁ ମାହାଙ୍ଗା ବିଧାୟକଙ୍କ ପ୍ରଚେଷ୍ଟାର ଆବଶ୍ୟକ । ସରକାରୀ କାର୍ଯ୍ୟାଳୟରେ ଅଧିକାରୀ କର୍ମଚାରୀର ଅଭାବ ଥିଲା ବେଳେ ସେମାନେ କିପରି ଜନସାଧାରଣଙ୍କୁ ସେବା ଯୋଗାଇ ଦେବେ । ମାହାଙ୍ଗା ବିଧାୟକ ଅନେକ ସମୟରେ ଜନଶୁଣାଣୀ ଶିବିର କରି ଜନସାଧାରଣଙ୍କଠାରୁ ଅଭିଯୋଗ ଗ୍ରହଣ କରିଛନ୍ତି । ସେହି ଅଭିଯୋଗର ସମାଧାନ କରିବା ପାଇଁ ଯେଉଁ ଯେଉଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ କରିବେ ଏଠାରେ ସେମାନଙ୍କର ଅଭାବ ଥିବାରୁ ଜନସାଧାରଣମାନଙ୍କୁ ସଠିକ୍? ସୁବିଧାସୁଯୋଗ ଯୋଗାଇ ଦିଆଯାଇ ପାରୁନାହିଁ । ତୁରନ୍ତ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଖାଲି ପଡିଥିବା ଅଧିକାରୀ ଓ କର୍ମଚାରୀଙ୍କ ସ୍ଥାନ ପୂରଣ କରିବା ସହିତ ଆବଶକୀୟ ପଦକ୍ଷେପ ନେବାକୁ ମାହାଙ୍ଗା ବିଧାୟକଙ୍କ ନିକଟରେ ସାଧାରଣରେ ଦାବି ହେଉଛି ।

# ବାଙ୍କୀ ପୁଲିସ୍‌ର ଅଜବ ସର୍ତ୍ତ: ଅଭିଯୁକ୍ତକୁ ଧରିବା ପାଇଁ ବୋଲେରୋ ଓ ଟଙ୍କା ଦିଅ

ବାଙ୍କୀ, ତୁମେ ପଇସା ଦିଅ। ବୋଲେରୋ କର। ଆମେ ଯିବୁ। ଅଭିଯୁକ୍ତ ପ୍ରେମିକ ପ୍ରବରଙ୍କୁ ଧରିବା ପାଇଁ ବାଙ୍କୀ ଥାନା ପୁଲିସ୍ ଏପରି ଅଜବ ସର୍ତ୍ତ ରଖିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ପୁଲିସ୍‌ର ସବୁ ସର୍ତ୍ତରେ ରାଜି ହୋଇଥିଲେ ପୀଡ଼ିତା। ଟଙ୍କା ଓ ବୋଲେରୋ ଦେବେ ବୋଲି କହିଥିଲେ ସୁଦ୍ଧା ପୁଲିସ୍ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରୁନଥିବା ପୀଡ଼ିତା ଆଜି କ୍ଷୋଭର ସହ କହିଛନ୍ତି। କେନ୍ଦୁଝର ଜିଲ୍ଲାର ଅମୀୟ ଚକ୍ର ରାଜଧାନୀ ଭୁବନେଶ୍ୱରରେ ଏକ କମ୍ପାନୀରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଛନ୍ତି। ସେଠାରେ ଚାକିରି କରୁଥିଲେ କଟକ ଜିଲ୍ଲା ବାଙ୍କୀ ଅଞ୍ଚଳର ଲିମା(ଛଦ୍ମନାମ)। ପ୍ରଥମ ଦେଖାରେ ଲିମାଙ୍କୁ ମନ ଦେଇ ବସିଥିଲେ ଅମୀୟ। ଆଉ ପ୍ରପୋଜ ମାରିଥିଲେ। ହେଲେ ଲିମା ମନା କରିଥିଲେ। ଉଭୟଙ୍କ ଜାତି ଭିନ୍ନ ହୋଇଥିବାରୁ ଅମୀୟଙ୍କ ପ୍ରପୋଜକୁ ଅସ୍ୱୀକାର କରିଥିଲେ ଲିମା। ହେଲେ ଅମୀୟ ଭାରି ଚତୁର ଥିଲେ। ମିଠାମିଠା କଥା କହି ଲିମାଙ୍କ ମନ ଜିଣିଥିଲେ। ପ୍ରେମରେ ଜାତିପ୍ରଥା ପ୍ରତିବନ୍ଧକ ସାଜିବ ନାହିଁ ବୋଲି କଥା ଦେଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ପରସ୍ପରକୁ ଭଲ ପାଇଥିଲେ। ବିବାହ କରିବା ପାଇଁ ପରସ୍ପରକୁ କଥା ଦେଇଥିଲେ। ଯେଉଁଥିପାଇଁ ଅମୀୟଙ୍କ ପାଦ ତଳେ ନିଜକୁ ସମର୍ପି ଦେଇଥିଲେ ଲିମା। ଉଭୟ ମିଳାମିଶା ହେଉଥିଲେ। ଏହାର ସୁଯୋଗ ନେଇ ଅମୀୟ ଥରେ ଲିମାଙ୍କୁ ଏକ ହୋଟେଲ୍ ଡାକି ନେଇଯାଇଥିଲେ। ଲିମାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଚାହିଁଥିଲେ। ହେଲେ ଲିମା ପ୍ରଥମେ ରାଜି ହୋଇନଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ଅମୀୟ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଛି।



ବାହା ହେବ କହି ସଂପର୍କ ରଖିଲା; ଏବେ ଭିଡିଓ ଭାଇରାଲ୍

ଚତୁର ଅମୀୟ ଶାରୀରିକ ସମ୍ପର୍କ ରଖିଲା ବେଳେ ଲିମାଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଦୃଶ୍ୟର ଭିଡିଓ ରେକର୍ଡିଂ କରିଥିଲେ। ତା’ପରେ ଦୁଇ ପ୍ରେମପକ୍ଷୀ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଧୀରେଧୀରେ ଲିମାଙ୍କଠାରୁ ଅମୀୟ ଦୂରେଇବାରେ ଲାଗିଲେ। ପୂର୍ବ ପରି କଥାବାର୍ତ୍ତା ହେଲେନାହିଁ। ମିଳାମିଶା ମଧ୍ୟ ହେଉନଥିଲେ। ଏ ସମ୍ପର୍କରେ ଅମୀୟଙ୍କୁ ପଚାରି ଥିଲେ ଲିମା। ଜବାବରେ ଅମୀୟ କହିଥିଲେ, ଭିନ୍ନ ଜାତି ହୋଇଥିବାରୁ ବିବାହ ପାଇଁ ପରିବାର ଲୋକେ ରାଜି ହେଉନାହାନ୍ତି। ତେଣୁ ବିବାହ ହୋଇପାରିବ ନାହିଁ। ନିଜ ପ୍ରେମିକଙ୍କଠାରୁ ପ୍ରତାରଣା ପାଇବା ପରେ ଲିମାଙ୍କ ହାଲତ ଶୁଖି ଯାଇଥିଲା। ସେ ପ୍ରଥମେ ପ୍ରତିବାଦ କରିଥିଲେ। ଭଲ ପାଇବା ପୂର୍ବରୁ କହିଥିବା ସବୁ କଥା ଅମୀୟଙ୍କୁ ମନେ ପକାଇ ଦେଇଥିଲେ ଲିମା। ତା’ପରେ ପ୍ରେମିକ ପ୍ରବରଙ୍କଠାରୁ ଦୂରେଇ ଯାଇଥିଲେ। ଭଲ ପାଇବା ଜୀବନର ଗୋଟିଏ ବଡ଼ ଭୁଲ ଥିଲା ବୋଲି ଭାବି ନେଇଥିଲେ ଲିମା। ଆଉ ନୂଆକରି ଜୀବନ ଗଢ଼ିବା ପାଇଁ ରାଜଧାନୀର କଂକ୍ରିଟ୍ ସହରରେ ଲାଗି ପଡ଼ିଥିଲେ। ଜୀବନର ପ୍ରଥମ ପ୍ରେମକୁ ଭୁଲି ପାରୁନଥିବା ବେଳେ ହଠାତ୍ ସାମ୍ନାକୁ ଆସିଥିଲା ଲିମାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ। ଯେଉଁ ଭିଡିଓ ପ୍ରେମିକ ଅମୀୟ ଶୁଟ୍ କରିଥିଲେ। ସେହି ଭିଡିଓ ଭାଇରାଲ୍ ହେଉଥିବା ଦେଖି ଗତ ୧୦ ତାରିଖରେ ପୀଡ଼ିତା ଭୁବନେଶ୍ୱର ଲିଙ୍ଗରାଜ ଥାନାରେ ଲିଖିତ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଲିଙ୍ଗରାଜ ଥାନା ପୁଲିସ୍ ଏଫଆଇଆର ଗ୍ରହଣ କରିନଥିଲେ। କଟକ ବାଙ୍କୀ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଲିଙ୍ଗରାଜ ଥାନା ପୁଲିସ୍‌ଙ୍କ ପରାମର୍ଶରେ ପୀଡ଼ିତା ଅଭିଯୋଗ କରିବା ପାଇଁ ଗତ ୧୧ ତାରିଖରେ ବାଙ୍କୀ ଥାନାକୁ ଯାଇଥିଲେ। ହେଲେ ବାଙ୍କୀ ଥାନା ପୁଲିସ୍ କୁଆଡେ କହିଥିଲେ ଏବେ ସମୟ ନାହିଁ। ତେଣୁ ପୀଡିତା ଘରକୁ ଫେରି ଆସିଥିଲେ। ୧୨ ତାରିଖରେ ପୁଣି ଥରେ ପୀଡିତା ବାଙ୍କୀ ଥାନାକୁ ଆସିଥିଲେ। ଜଣେ ପୁରୁଷ କର୍ମଚାରୀ ପୀଡ଼ିତାଙ୍କ ପାଇଁ ଏଫ୍‌ଆଇଆର ଲେଖିଥିଲେ। ୧୩ ତାରିଖ ରାତିରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୀଡିତାଙ୍କୁ କଥା ଦେଇଥିଲେ ପୁଲିସ୍। ହେଲେ ଅଭିଯୁକ୍ତ ପ୍ରେମିକଙ୍କୁ ପୁଲିସ୍ ଗିରଫ କଲା ନାହିଁ। ତେଣୁ ପୀଡ଼ିତା ଆଉଥରେ ବାଙ୍କୀ ଥାନାକୁ ଆସିଥିଲେ। ଅଭିଯୋଗ ଅନୁସାରେ ସେତେବେଳେ ପୁଲିସ୍ କୁଆଡେ ଅଜବ ସର୍ତ୍ତ ରଖିଥିଲେ। ଅଭିଯୁକ୍ତଙ୍କ ଘରକୁ ଯିବା ପାଇଁ ବୋଲେରୋ ଓ ଟଙ୍କା ଦେବାକୁ ପୁଲିସ୍ କହିଥିବା ଅଭିଯୋଗ କରିଛନ୍ତି ପୀଡିତା। ତଥାପି ପୀଡିତାଙ୍କ ପରିବାର ଲୋକେ ପୁଲିସ୍‌ର ସର୍ତ୍ତରେ ରାଜି ହୋଇଥିଲେ। ହେଲେ ପୁଲିସ୍ ଅଭିଯୁକ୍ତକୁ ଧରିବାକୁ ଗଲାନାହିଁ। ଥାନାରେ କର୍ମଚାରୀ ନଥିବାର ବାହାନା ପୁଲିସ୍ କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଆଜି ପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ହୋଇନାହିଁ। ପୀଡ଼ିତା କହିଛନ୍ତି, ପୁଲିସ ଜାଣିଶୁଣି ଅଭିଯୁକ୍ତକୁ ଗିରଫ କରୁନାହିଁ। ଏପରିକି ଭାଇରାଲ୍ ହେଉଥିବା ଭିଡିଓକୁ ଡିଲିଟ୍ କରିବାର ବ୍ୟବସ୍ଥା କରୁନାହିଁ। ଯେଉଁଥିପାଇଁ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓଟି ଭାଇରାଲ୍ ହେବାରେ ଲାଗିଛି। ମୁଁ ଏବେ ସାଧାରଣରେ ଟ୍ରୋଲ୍ ହେଉଛି। ଲୋକମାନେ କିଛି ନବୁଝି ସୋଶାଲ ମିଡ଼ିଆରେ ମୋତେ ଗାଳି ଦେଉଛନ୍ତି। ଅଭିଯୁକ୍ତ ଗିରଫ ନହେଲେ ଆଗାମୀ ଦିନରେ ଏସ୍‌ପି ଅଫିସ୍ ଆଗରେ ଧାରଣା ଦେବି ବୋଲି ପୀଡ଼ିତା କହିଛନ୍ତି।

## ବାବା ପାକଣାପାଟ ଠାରେ ଜାମଦା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ



ମୟୂରଭଞ୍ଜ,୯/୧୨ (ନି.ପ୍ର): ଜାମଦା ବ୍ଲକ ଜାମଦା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ବନବିହାର କାର୍ଯ୍ୟକ୍ରମ କଇଁପୁର ବାବା ପାକଣାପାଟ ନିକଟରେ ଥିବା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବିଦ୍ୟାର୍ଥୀମାନେ ପାହଡ଼ ଚଢ଼ି ଠାକୁରଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ହୋଇଥିବା ସଭାରେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ଲକ୍ଷ୍ମଣ ଟୁଡୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟର ଗୌରୀ ଶଙ୍କର ସା ଯୋଗଦେଇ ବନ ବିହାର କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଭାବରେ ଶିକ୍ଷକ ଦେବକିଶୋର କାଳନ୍ଦୀ, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଲଳିତ ମୋହନ କବାଟ ଉପସ୍ଥିତ ରହି ବିଦ୍ୟାର୍ଥୀ ମାନେ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଗ୍ରହଣ କରିବା ସହ ଶାନ୍ତ ପରିବେଶରେ ବିଦ୍ୟାର୍ଥୀଗଣ ବନବିହାର କରିବା ନିତାନ୍ତ ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ । ଶିଶୁ ମନ୍ଦିରର ସମ୍ପାଦକ ରାଜେନ୍ଦ୍ର ଦାସ, ସହ-ସମ୍ପାଦକ ରାଜୀବ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଗୁରୁଜୀ ଯଶୋବନ୍ତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ବନବିହାର କାର୍ଯ୍ୟକ୍ରମରେ ଜାମଦା ତହସିଲ ଅଫିସର କର୍ମଚାରୀ, ଜାମଦା ବିଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପ୍ରକୃତି ଓ ପରିବେଶ ସବୁଠାରୁ ବଡ ଶିକ୍ଷାନୁଷ୍ଠାନ ଏବଂ ସମୟ ଓ ସମାଜ ସବୁଠାରୁ ବଡ ଶିକ୍ଷକ ବୋଲି ୟୁଏସ୍‌ଆଇ ସଂଗଠନର ରାଜ୍ୟ ସମ୍ପାଦକ ପ୍ରଶ୍ନ କୁମାର ଶତପଥୀ ମତବ୍ୟକ୍ତ କରିଥିଲେ । ପରେ ପରେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ଗୀତ ତାଳେ ତାଳେ ମନଛୁଆଁ ନୃତ୍ୟ ପରିବେଷିତ ହୋଇଥିଲା । ଶିକ୍ଷକ ଭାସ୍କର ପାଲ ଦେଶାତ୍ମକ ଓ ଅନ୍ୟାନ୍ୟ ସଂଗୀତ ଗାନ କରିବାରେ ବିଦ୍ୟାର୍ଥୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିବାରେ ଆଚାର୍ଯ୍ୟ, ଆଚାର୍ଯ୍ୟା, କମିଟି ସଭ୍ୟ, ସଭ୍ୟା, ଅଭିଭାବକ ଓ ଅଭିଭାବିକା ଗଣ ସହଯୋଗ କରିଥିଲେ ।

## ବେଲଗୁଣ୍ଠା ଅଞ୍ଚଳରେ କୂଅ ଭିତରୁ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

ବେଲଗୁଣ୍ଠା, ୯/୧୨ (ନି.ପ୍ର):ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କାଳପଙ୍କାଳ ଗ୍ରାମରେ ଏକ କୂଅ ଭିତରୁ ଜଣେ ବିବାହିତା ମହିଳାଙ୍କ ଶବ ଉଦ୍ଧାର କରାଯାଇଛି । ମୃତା ମହିଳାଙ୍କ ନାମ ନନ୍ଦିନୀ ସ୍ୱାଇଁ । ତାଙ୍କ ବାପଘର ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଲବାଡ଼ି ହୋଇଥିବା ବେଳେ ସେ ଚାରିବର୍ଷ ତଳେ କାଳପଙ୍କାଳ ଗ୍ରାମର ଅକ୍ଷୟ ସ୍ୱାଇଁଙ୍କୁ ବିବାହ କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ ।

## ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଗାନ୍ଧୀଙ୍କ ଗୋବରା ପଦାର୍ପଣ ଦିବସ ପାଳିତ

ବେଲଗୁଣ୍ଠା, ୯/୧୨ (ନି.ପ୍ର): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ମହାତ୍ମାଗାନ୍ଧିଙ୍କ ’ଗୋବରା ପଦାର୍ପଣ’ ଦ୍ୱିସ ପାଳନ ପାଳନ କରାଯାଇଛି । ଚଳିତ ବର୍ଷ ମହାତ୍ମାଗାନ୍ଧିଙ୍କ ୯୮ ତମ ଗୋବରା ପଦାର୍ପଣ ଦ୍ୱିସ ଗୋବରା ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାଃ ବିଜୟ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସକୁ ପ୍ରତିବର୍ଷ ଗୋବରାରେ ପାଳନ କରାଯାଉଥିବାରୁ ଭୂୟସୀ ପ୍ରଶଂସା କରିଥିଲେ । ଗୋବରା ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦର ସଭାପତି ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ତଥା ଘୁମୁସର ବିକାଶ ପରିଷଦର ସଭାପତି ସୋମନାଥ ନାୟକ ଉଦଘାଟକ ଭାବେ ଯୋଗଦେଇ ଥିବା ବେଳେ ଗୋପାଳପୁରର ତଥା ଗଞ୍ଜାମ ଜିଲ୍ଲାର ସୁଲେଖକ ତଥା ଶିକ୍ଷାବିତ ସରୋଜକାନ୍ତ ରଥ ମୁଖ୍ୟ ବକ୍ତା ରୂପେ ଯୋଗଦେଇଥିଲେ । ସେହିପରି ଶିକ୍ଷାବିତ ଲିଙ୍ଗରାଜ ଜେନା, ବିଶିଷ୍ଟ ଲେଖିକା ବନ୍ଦନା ମହାପାତ୍ର, ପ୍ରମିଳା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର, ସମାଜସେବୀ ଶୂଳପାଣି ଶତପଥି, ଗୌରୀ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଆୟୋଜକ ଉପେନ୍ଦ୍ରଭଞ୍ଜ ସାହିତ୍ୟ ପରିଷଦ ଗୋବରାର ଏହି ମହତ୍ ଉଦ୍ଦେଶ୍ୟ ଆଧାରିତ କାର୍ଯ୍ୟାବଳୀକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅତିଥିମାନେ ଗୋବରା ମୁଖ୍ୟ ରାସ୍ତାରେ ଥିବା ?’ଗୋବରା ଗାନ୍ଧୀ’ ବାଞ୍ଛାନିଧି ପଟ୍ଟନାୟକ ଏବଂ ’ଜାତିର ପିତା’ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ଲେଖକ ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ‘ଗୋବରାରେ ଗାନ୍ଧିଜୀ‘ ପୁସ୍ତକ ଏବଂ ବିଶିଷ୍ଟ ଗାଳ୍ପିକ ତଥା ଔପନ୍ୟାସିକ ସୋମନାଥ ପଣ୍ଡାଙ୍କ ପୁସ୍ତକ ‘ଝରଣା‘ ମୁଖ୍ୟ ଅତିଥି ଡ଼ାଃ ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଡ଼ାଃ ପଣ୍ଡା ବିଦ୍ୟାଳୟର ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ ଜିଲ୍ଲାର ଦୁଇ ପ୍ରମୁଖ ଶିକ୍ଷାବିତ୍ ତଥା ସୁଲେଖକ ଲିଙ୍ଗରାଜ ଜେନା ଏବଂ ସରୋଜକାନ୍ତ ରଥଙ୍କୁ ସମ୍ମାନ ପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ମହେଶ୍ୱର ରାଉତ ଓ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ପରିଷଦର ସାଧାରଣ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଏବଂ ପଣ୍ଡିତ ସୁରେନ୍ଦ୍ର କୁମାର ପାତ୍ର ବେଦପାଠ କରିଥିଲେ । ସୁଧାରାଣୀ ଶତପଥି ଉଦଯାପନ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂଆପଡ଼ା ଜିଲ୍ଲାପାଳଙ୍କ ଅଧକ୍ଷତାରେ ଓଏଭି କେଶରାଜପୁରରେ ଭିଏମଡିସି ବୈଠକ ଅନୁଷ୍ଠିତ

ନୂଆପଡା,୯/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ କେଶରାଜପୁର ଆଦର୍ଶ ବିଦ୍ୟାଳୟ ଠାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ଚିତ୍ତରଞ୍ଜନ ମଟାରି ସ୍ୱାଗତ ଅଭିଭାଷଣ ରଖିଥିଲେ । ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରେଶ୍ୱର ମେହେର, ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସଞ୍ଜୀବ ନାଏକ, ପିଡଲ୍ଲିଡି ଯନ୍ତ୍ରୀ ଅମୋଘ ପଣ୍ଡା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଆଶୁତୋଷ ରାଉତ, ସୁନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡ, ସଦସ୍ୟା ଅଧାପିକା ପ୍ରୀତି ସୁଧା ପଣ୍ଡା, ଶିକ୍ଷୟିତ୍ରୀ ନିହାରିକ ହୋତା, ଅବସରପ୍ରାପ୍ତ ଶିକ୍ଷକ ସୁଜନେଶ୍ୱର ସିଂ ମଲ୍ଲିକ ଉପସ୍ଥିତ ରହିଥିଲେ । ବିଦ୍ୟାଳୟର ବିଭିନ୍ନ ଖର୍ଚ୍ଚ ଉପରେ ଆଲୋଚନା ହୋଇଥିବା ବେଳେ ସମସ୍ତ ଫଣ୍ଡର ଉଚିତ ବିନିଯୋଗ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଶୈକ୍ଷିକ ଦୃଷ୍ଟି କୋଣରୁ ମୌଳିକ ଶିକ୍ଷା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏକ୍ସଟ୍ରା କ୍ଲାସ ମାଧ୍ୟମରେ ତାଙ୍କର ଉନ୍ନତି ଆଣିବା ଏବଂ ସେମାନଙ୍କ ସାପ୍ତାହିକ ପରୀକ୍ଷା କରିବା ତଥା ଷଷ୍ଠ ଶ୍ରେଣୀରୁ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କର ମାସିକ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ ।

## ଓଡ଼ିଶା ଜୀବିକା ମିଶନ ପ୍ରତିନିଧି ଦଳଙ୍କ ପାଟଣା ବ୍ଲକ ଅଞ୍ଚଳ ପରିଦର୍ଶନ

ପାଟଣା, ୯/୧୨ (ନି.ପ୍ର): ଓଡ଼ିଶା ଜୀବିକା ମିଶନର ପିସିଆଇ ଟିମ ଆଜି ପାଟଣା ବ୍ଲକ ଅଞ୍ଚଳର କେନ୍ଦେଇପଶି ପଞ୍ଚାୟତ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଲିଙ୍ଗଗତ ପ୍ରଭେଦ ନେଇ ଏହି ଟିମ୍ ସମୀକ୍ଷା କରୁଛି । ଆଜି ଓଡିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା, ବ୍ଲକ ପ୍ରକଳ୍ପ ସଂଯୋଜିକା ସସ୍ମିତା ସାହୁଙ୍କୁ ନେଇ ଏହି ଟିମ କେନ୍ଦେଇପଶି ଗ୍ରାମ ସମେତ ଏହି ପଞ୍ଚାୟତର ମହିଁଶାମୁଣ୍ଡି ଓ ଅନ୍ୟାନ୍ୟ ଗ୍ରାମ ପରିଦର୍ଶନ କରିଥିଲେ । ପିସିଆଇ ଟିମର ରାଜ୍ୟ ନିର୍ଦ୍ଦେଶକ ବିରଜାଲକ୍ଷ୍ମୀ ଷଡ଼ଙ୍ଗୀଙ୍କ ସହ କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ ମଧ୍ୟ ଏହି ପରିଦର୍ଶନରେ ସାମିଲ ଥିଲେ ।

## ବୁଗୁଡା ପିପୁଲସ କଲେଜର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବୁଗୁଡା, ୯/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡା ପିପୁଲସ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ନବାଗତ ସ୍ନାତକ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ନାତକ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀବୃନ୍ଦ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏନେଇ ଡିସେମ୍ବର ୭ ତାରିଖ ଦିନ କଲେଜ ପରିସରରେ ପ୍ରିନ୍ସପାଲ ପ୍ରଫେସର ହରିକୃଷ୍ଣ ନାୟକଙ୍କ ଅଧକ୍ଷତାରେ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା । ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ବିଭାଗର ଅଧାପିକା ଡକ୍ଟର ସନ୍ଧ୍ୟାରାଣୀ ସାହୁ, ଡେମୋନଷ୍ଟ୍ରେଟର ପ୍ରଦୀପ କୁମାର ପ୍ରଧାନ ଏବଂ ବାହକ ଭଜରାମ ପାଢ଼ୀ ଓ ସୂର୍ଯ୍ୟ କୁମାର ଡାକୁଆ ଉପସ୍ଥିତ ଥିଲେ । ଡେମୋନଷ୍ଟ୍ରେଟର ଶ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ରୀ ପ୍ରିୟଙ୍କା ମଲ୍ଲିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହାପରେ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସ୍ୱାଗତ କରିବା ସହ ଭାବର ଆଦାନପ୍ରଦାନ ହୋଇଥିଲା । ପ୍ରିନ୍ସପାଲ ଶ୍ରୀ ନାୟକ, ବିଭାଗର ମୁଖ୍ୟ ଅଧାପକ ଶ୍ରୀ ସାହୁ ଓ ଅଧାପିକା ଡକ୍ଟର ସାହୁ ଛାତ୍ରଛାତ୍ରୀଙ୍କୁ କଲେଜର ନିୟମ ପାଳନ ସହ ଉତ୍ତମ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ ଚଳିତ ଶିକ୍ଷା ବର୍ଷରୁ ନୂତନ ଶିକ୍ଷାନୀତି ଲାଗୁ ହୋଇଥିବା ଯୋଗୁଁ ପ୍ରଥମ ବର୍ଷ ଛାତ୍ରଛାତ୍ରୀବୃନ୍ଦ ଅଧିକ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ଛାତ୍ରୀ ସ୍ୱାଗତିକା ସାହୁ ସଙ୍ଗୀତ ଗାନ କରିବା ସହ ଅଧାପିକା ସନ୍ଧ୍ୟାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲିଗୁଡା ୫୯ ନଂ ଜାତୀୟ ରାଜପଥରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ମୃତ

ବାଲିଗୁଡା, ୯/୧୨ (ନି.ପ୍ର): ବାଲିଗୁଡା ସହରର ନୂତନ ପେଟ୍ରୋଲ ପମ୍ପ ନିକଟ ୫୯ ନମ୍ବର ଜାତୀୟ ରାଜପଥରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି ଯାହା ଫଳରେ ଜଣଙ୍କ ଜୀବନ ଚାଲିଯାଇଛି । ସୂଚନାରୁ ପ୍ରକାଶ ଯେ, ଗତ ବିଳମ୍ବିତ ରାତିରେ କାର ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଅଙ୍ଗଦ ପ୍ରଧାନଙ୍କ ଘର କେ.ନୁଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ପଂଚାୟତର କାନ୍ଦିବାନ୍ଧା ଗ୍ରାମରେ ବୋଲି ଜଣାପଡିଛି । ଦୁର୍ଘଟଣା ଘଟିବା ପରେ ପୋଲିସ ଜାଣିପାରି ଘଟଣାସ୍ଥଳକୁ ଯାଇ ରାସ୍ତା ଉପରେ ପଡିଥିବା ଶବ ଓ ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରିଛନ୍ତି । ଶବକୁ ବ୍ୟବଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି ।

## କଣାସ ଅଞ୍ଚଳରେ ଅଙ୍ଗନୱାଡ଼ିକୁ ଅଣ୍ଡା ଚିନ୍ତା



କଣାସ, ୯/୧୨ (ନି.ପ୍ର): ସାରା ରାଜ୍ୟରେ ହୁ ହୁ ହୋଇ ଅଣ୍ଡା ଦର ବୃଦ୍ଧି ପାଉଥିବା ବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ହେଉ କି ଅଙ୍ଗନୱାଡ଼ିରେ ଶିଶୁ ମାନଙ୍କୁ ଅଣ୍ଡା ଯୋଗାଣ, ଏହି ସବୁ ଉପରେ ସିଧାସଳଖ ପ୍ରଭାବ ପକାଇଛି । ଖବର ନେବାରେ ଜଣାପଡିଛି ପୁରୀ ଜିଲ୍ଲା କଣାସ ବ୍ଲକରେ ୨୮୪ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ଏବଂ ଏହି କେନ୍ଦ୍ରମାନଙ୍କରେ ଗର୍ଭବତୀ, ପ୍ରସୂତି ଓ ଶିଶୁ ମାନଙ୍କ ପୋଷଣ ପାଇଁ ସରକାରଙ୍କ ପକ୍ଷରୁ ଅଣ୍ଡା ଦିଆଯିବାର ବ୍ୟବସ୍ଥା ରହିଛି । ହେଲେ ଏହି ଅଣ୍ଡା ଦର ଏବେ ଆକାଶ ଛୁଆଁ ହୋଇଥିବାରୁ ଅଙ୍ଗନୱାଡ଼ି ଦିଦିଙ୍କ ଚିନ୍ତା ବଢାଇ ଦେଇଛି । କାରଣ ସରକାର ଅଣ୍ଡାପିଛା ୫ ଟଙ୍କା ୫୦ ପଇସା ହିସାବରେ ଅଙ୍ଗନୱାଡ଼ି ଦିଦୀଙ୍କୁ ଅର୍ଥ ପ୍ରଦାନ କରୁଥିବା ବେଳେ ବଜାରରେ ଏବେ ଅଣ୍ଡା ଦର ରହିଛି ୯ଟଙ୍କା । ପ୍ରତି ଅଣ୍ଡାରେ ଅଙ୍ଗନୱାଡ଼ି କର୍ମୀମାନେ ୩ ଟଙ୍କା ୫୦ପଇସା କ୍ଷତି ସହୁଛନ୍ତି । ସରକାରଙ୍କ ପକ୍ଷରୁ ଶିଶୁ ମାନଙ୍କ ପାଇଁ ୬ଟଙ୍କା ୪୦ପଇସା ଖର୍ଚ୍ଚ ଧାର୍ଯ୍ୟ କରିଥିବା ବେଳେ ମାସିକ ଗରମ ରନ୍ଧା ଖାଦ୍ୟରେ ୧୨ଟି ଅଣ୍ଡା ପାଇଁ ୬୬ଟଙ୍କା ଦିଆଯାଉଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀ ବାଳିକାମାନଙ୍କ ପିଛା ୧୬ ଟଙ୍କା ଲେଖାଏଁ ଅଣ୍ଡା ଦିଆଯିବାର ବ୍ୟବସ୍ଥା ରହିଛି । ଏଥିପାଇଁ ସରକାର ୮୦ଟଙ୍କା ପ୍ରଦାନ କରୁଛନ୍ତି । ବଜାରରେ ଅଣ୍ଡା ପିଛା ଦରରେ ପ୍ରାୟ ତିନି ଟଙ୍କା ବୃଦ୍ଧି ହୋଇଥିବା ବେଳେ ସରକାରୀସ୍ତରରେ ଦିଆ ଯାଉଥିବା ଅନୁଦାନରେ ତାହା ପରିବର୍ତ୍ତନ ହେଉନାହିଁ କି ବୃଦ୍ଧି ପାଉନାହିଁ । ଫଳରେ ଅଙ୍ଗନୱାଡ଼ି କର୍ମୀମାନେ ୨୫ ରୁ ୩୫ ଟଙ୍କା ଲେଖାଏ କ୍ଷତି ସହୁଛନ୍ତି । ଏହାକୁ ନେଇ କଣାସ ବ୍ଲକ୍ ଅଙ୍ଗନୱାଡ଼ି କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଛତୁଆ, ମୁଢ଼ି, ଚଣା ଆଦି ଶୁଖିଲା ଖାଦ୍ୟ ଅଙ୍ଗନୱାଡ଼ି କେନ୍ଦ୍ରରେ ଯୋଗାଣ ପାଇଁ ଦାୟିତ୍ୱ ଦେଇଛନ୍ତି । ସେହିପରି ଅଣ୍ଡା ବଣ୍ଟନ ଦାୟିତ୍ୱ ସରକାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରଦାନ କରନ୍ତୁ ବୋଲି କଣାସ ବ୍ଲକ ଅଙ୍ଗନୱାଡ଼ି କର୍ମୀମାନେ ଦାବୀ କରିଛନ୍ତି । ଏ ସମ୍ପର୍କରେ ଅଲ୍ ଓଡିଶା ଅଙ୍ଗନୱାଡ଼ି ୱାର୍କର୍ସ୍ ଆସୋସିଏସନ୍ ପକ୍ଷରୁ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ବ୍ଲକ୍ ସିଡିପିଓ ମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର ଓ ବିଭାଗୀୟ ଅଧିକାରୀମାନେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି ।

# ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ଜେଲ, ପିଡିତାଙ୍କୁ ୫ ଲକ୍ଷ ସହାୟତା

ବ୍ରହ୍ମପୁର, ୯/୧୨ (ନି.ପ୍ର): ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ ଗଣେଶ୍ୱର ପତି ଜଣେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଅଞ୍ଚଳର ବିଭିଷଣ ଗୌଡ (୫୫) । ଜେଲ ଦଣ୍ଡ ସହ ଅଭିଯୁକ୍ତକୁ ୯୫ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି, ଜୋରିମାନା ଅନାଦେୟ ଅଧିକ ୭ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ପିଡିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରୁ ପ୍ରକାଶ ଯେ, ୭ମ ଶ୍ରେଣୀରେ ପଢୁଥିବା ପିଡିତା ନାବାଳିକା ଜଣଙ୍କ ୨୦୨୦ ସେପଟ୍ଟେମ୍ବର ୨୪ ତାରିଖରେ ଟିୟୁସନ ଯାଉଥିବା ବେଳେ ଅଭିଯୁକ୍ତ ବିଭିଷଣ ତାଙ୍କୁ ଅପହରଣ କରି ଗ୍ରାମରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ନିକଟକୁ ନେଇଯାଇଥିଲା । ସେଠାରେ ନାବାଳିକାଙ୍କୁ ବଳାତ୍କାର କରିଥିଲା । ଏ ବିଷୟରେ କାହାରିକୁ କହିଲେ ଜୀବନରେ ମାରି ଦେବ ବୋଲି ଧମକ ଦେଇଥିଲା । ନାବାଳିକା ଜଣକ ଭୟରେ ପରିବାର ଲୋକଙ୍କୁ ଏ ବିଷୟରେ ଜଣାଇନଥିଲେ । ହେଲେ ଏହାର ୨ ଦିନ ପରେ ଅର୍ଥାତ ୨୬ ତାରିଖରେ ଅଭିଯୁକ୍ତ ବିଭିଷଣ ପୁଣି ଥରେ ନାବାଳିକାକୁ ଅପହରଣ କରି ନେଇ ସେଠାରେ ବଳାତ୍କାର କରିଥିଲା । ବାରମ୍ବାର ବଳାତ୍କାରର ଶିକାର ହେବା ପରେ ନାବାଳିକାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହୋଇଥିଲା । ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ପରିବାର ଲୋକେ ତାଙ୍କ ଅବସ୍ଥା ଦେଖି ପଚରାଉଚରା କରିବାକୁ ଘଟଣା ସାମ୍ନାକୁ ଆସିଥିଲା । ଏ ନେଇ ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୨୬୯/୨୦ରେ ଏକ ମାମଲା ରୁଜୁ କରି ଅପହରଣ, ବଳାତ୍କାର ଓ ଧମକ ସହ ୪ଟି ଦଫାରେ ଅଭିଯୁକ୍ତ ବିଭିଷଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ଗିରଫ ପର ଠାରୁ ଅଭିଯୁକ୍ତ ବିଭିଷଣ ଜେଲରେ ରହିଥିଲା । ଏହି ମାମଲାର ବିଚାରଣା ସ୍ୱତନ୍ତ୍ର ପୋକସୋ ଅଦାଲତରେ ଚାଲୁଥିବା ବେଳେ ତଦନ୍ତ ଅଧିକାରୀ ସ୍ନେହାମଞ୍ଜରୀ ସାହୁ ଚାର୍ଜସିଟ ଦାଖଲ କରିଥିଲେ । ବିଚାରଣା ବେଳେ ମୋଟ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ବିଭିଷଣକୁ ଅଦାଲତରେ ହାଜର କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ ।

## ଓଢ଼ଣ ଷଷ୍ଠୀରେ ଘୋଡ଼ଲାଗି ହେଲେ ମା’ ଭଗବତୀ

ବାଣପୁର, ୯/୧୨ (ନି.ପ୍ର): ମାର୍ଗଶୀର ଶୁକ୍ଳ ଷଷ୍ଠୀ ଓଢ଼ଣ ଷଷ୍ଠୀ ଭାବରେ ସମଗ୍ର ଉତ୍କଳର ଦେବାଦେବୀଙ୍କ ପୀଠରେ ପାଳନ କରାଯାଏ । ଏହିଦିନ ଠାରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଦେବାଦେବୀମାନେ ଶୀତବସ୍ତ୍ର ପରିଧାନ କରିବାର ପରମ୍ପରା ପୁରାଣ ଯୁଗରୁ ପ୍ରଚଳିତ ହୋଇଆସିଛି, ଯାହାକୁ ଘୋଡ଼ଲାଗି ବୋଲି ମଧ୍ୟ କୁହାଯାଏ । ମାନବୀୟ ଲୀଳାର ପ୍ରତୀକ ଏହିପର୍ବ ଶ୍ରୀକ୍ଷେତ୍ରରେ ପ୍ରଭୁ ଶ୍ରୀ ଜଗନ୍ନାଥ ଘୋଡ଼ଲାଗି ବେଶ ଧାରଣ କରିବା ପରି ବାଣପୁରର ମା’ ଭଗବତୀ ମଧ୍ୟ ଏହି ଦିନଠାରୁ ଘୋଡ଼ଲାଗି ବା ଶୀତବସ୍ତ୍ର ଘୋଡ଼େଇ ବେଶ ଧାରଣ କରି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବାର ପରମ୍ପରା ଚଳିଆସିଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କଟକରୁ ବରିଷ୍ଠ ଆଡ଼ଭୋକେଟ୍ ଶ୍ରୀଯୁକ୍ତ ସୂର୍ଯ୍ୟ ପ୍ରସାଦ ମିଶ୍ର ମା’ଙ୍କ ପାଇଁ ଶୀତବସ୍ତ୍ର ଶ୍ରଦ୍ଧାଳୁ ଭେଟିନାଥ ଜେନାଙ୍କ ହାତରେ ପଠାଇଥିଲେ । ମନ୍ଦିର କାର୍ଯ୍ୟାଳୟରୁ ପ୍ରସ୍ତୁତ ଘୋଡ଼ ଓ ଧଳାଶାଢ଼ି ସହିତ ଉକ୍ତ ଶୀତବସ୍ତ୍ରକୁ ପରିଛା ସାଆନ୍ତ କୃତିବାସ ମହାପାତ୍ର, ପାଳିଆ ମାଳି ସଂଜୟ ନାୟକ ଓ ପବିତ୍ର ନାୟକ, ମନ୍ଦିର କର୍ମଚାରୀ ଅଶ୍ୱିନୀ ମିଶ୍ର ଗ୍ରହଣ କରି ଅଧିବାସ ପରେ ମା’ଙ୍କୁ ଲାଗି କରାଇଥିଲେ । ଆଜିଠାରୁ ପ୍ରତିଦିନ ବଡ଼ସିଂହାର ବେଶରେ ମା’ ଘୋଡ଼ଲାଗି ହୋଇ ରାତ୍ର ଧୂପ ଆଳତି ପରେ ପହୁଡ଼ଯିବେ ।

## ନିମାପଡା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ନିମାପଡା, ୯/୧୨ (ନି.ପ୍ର): ପୁରୀ ଜିଲ୍ଲା ନିମାପଡା ନିର୍ବାଚନମଣ୍ଡଳୀର ତୁଳସୀପୁର ପଞ୍ଚାୟତରେ ଯୁବ କଂଗ୍ରେସ ନେତା ସିଦ୍ଧାନ୍ତ ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନରେ ତୁଳସୀପୁର ପଞ୍ଚାୟତ ସମେତ ଚାରିଛକ ଅଞ୍ଚଳରେ କିଭଳି ଭାବେ ଦଳ ମଜଭୁତ ହେବ, ସେ ନେଇ ବୈଠକରେ ଯୁବ ନେତା ଶ୍ରୀ ରାଉତରାୟ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ସାଧାରଣ ଲୋକ ମାନଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇ ବ୍ଲକର ସମସ୍ତ ଯୋଜନା ପାଇବାରୁ ବଞ୍ଚିତ ନ ହେବେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ତୁଳସୀପୁର ପଞ୍ଚାୟତରୁ ଚାରିଛକ ଯୋନ ସଭାପତି ବିଜୟ କୁମାର ମଲ୍ଲିକ, ତୁଳସୀପୁର ପଞ୍ଚାୟତ ସଭାପତି ରଘୁ ବେହେରା, ବରିଷ୍ଠ କର୍ମୀ ଅର୍ଜୁନ ସ୍ୱାଇଁ, ଆର୍ତ୍ତତ୍ରାଣ ଦାସ, ଇତିୟାଜ ଖାଁ, ଚିତ ଭୋଇ, ଅଖିଳ ଭୋଇ, ଦୁର୍ଯ୍ୟୋଧନ କର, ହରିହର ବେହେରା, ଜୟକୃଷ୍ଣ ସାହୁ, ପ୍ରଶାନ୍ତ ଭୋଇ, ଇସ୍ରାହାକ ଖାଁ ସହିତ ୫୦ ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ଦଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ କୋଦଳା ବଣିକ ସଙ୍ଘର ସାଧାରଣସଭା ଅନୁଷ୍ଠିତ

## ନୂତନ କର୍ମକର୍ତା ଚୟନ, ଗୋପାଳ ସାହୁ ସଭାପତି, ଉତ୍ତମ ନାୟକ ସମ୍ପାଦକ, ସନ୍ତୋଷ ନାୟକ କାର୍ଯ୍ୟକାରୀ ସଭାପତି



କୋଦଳା,୯/୧୨ (ନି.ପ୍ର):ବଣିକ ବା ବ୍ୟବସାୟୀ ମାନେ ହେଉଛନ୍ତି ସାଢେ ଚାରି କୋଟି ଓଡ଼ିଆଙ୍କ ପେଟ ପୋଷି ହେବାର ପ୍ରମୁଖ ମାଧ୍ୟମ । ହେଲେ ଆଜି ବି ବଣିକ ମାନେ ସରକାରଙ୍କ ତରଫରୁ ଚିର ଅବହେଳିତ । ବଣିକ ମାନେ ହିଁ ଅଧିକାରୁ ଅଧିକା ଜିଏସଟି ଦେଇଥାନ୍ତି । କୋଭିଡ ଭଳି ପରିସ୍ଥିତିରେ ଖାଦ୍ୟ ବସ୍ତ୍ର ଭଳି ଅତ୍ୟାବଶକୀୟ ସାମଗ୍ରୀକୁ ଲୋକଙ୍କ ପାଖରେ ପହଂଚାଇବା ପାଇଁ ଅକୁଣ୍ଠ ଉଦ୍ୟମ କେବେ ଭୁଲି ହେବନି । ଏହା ଥିଲା କୋଦଳା ବଣିକ ସଙ୍ଘ ସାଧରଣ ସଭାରେ ପୂର୍ବତନ ସଭାପତି ଅଭୟ କୁମାର ସାହୁଙ୍କ ବାର୍ତା । ଦୀର୍ଘ ପଚାଶ ବର୍ଷ ପୂର୍ତି ଅବସରରେ ରବିବାର ସ୍ଥାନୀୟ ମହାପ୍ରଭୁ ଶ୍ରୀ ଦଣ୍ଡେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ କୋଦଳା ବଣିକ ସଙ୍ଘ ର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । କୋଦଳା ଛୋଟ ବଡ଼ ବ୍ୟବସାୟୀ ମାନଙ୍କୁ ନେଇ ରବିବାର ପୂର୍ବାହ୍ନ ସମୟରେ କୋଦଳା ନଗର ପରିଭ୍ରମଣ କରାଯିବା ପରେ ଦଣ୍ଡେଶ୍ୱରଙ୍କ ପୀଠରେ ଏହି ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ପୂର୍ବତନ ସଭାପତି ତଥା ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଅଭୟ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ପୁରାତନ ସଭାପତି ପ୍ରଶାନ୍ତ ପାତ୍ର, ଏବଂ ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ନାୟକ ମଂଚାସୀନ ଥିଲେ । ଦୀର୍ଘ ବର୍ଷର ଅଭିଜ୍ଞତା, ବଣିକ ମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଏହି ସଭାରେ ବିଶେଷ ଆଲୋଚନା ହୋଇଥିବା ବେଳେ ନୂତନ ଭାବେ ଚୟନ ହୋଇଥିବା ବଣିକ ସଙ୍ଘର କର୍ମକର୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏହି ଅବସରରେ ଯୁବ ବ୍ୟବସାୟୀ ତଥା ସମାଜସେବୀ ଶ୍ରୀ ଗୋପାଳ କୁମାର ସାହୁଙ୍କୁ ସଭାପତି ଭାବେ ଚୟନ କରି ସମ୍ବର୍ଦ୍ଧନା ଦିଆ ଯାଇଥିବା ବେଳେ ସମ୍ପାଦକ ଭାବେ ଉତ୍ତମ କୁମାର ନାୟକଙ୍କୁ ମନୋନୀତ କରାଯାଇ ନୂତନ ଭାବେ କାର୍ଯ୍ୟଭାର ଅର୍ପଣ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଭାବେ ସନ୍ତୋଷ କୁମାର ନାୟକ,ଉପ ସଭାପତି ସମୀର ପରିଡା, ସହ ସମ୍ପାଦକ ଶ୍ରୀକାନ୍ତ ଆଚାରୀ,କୋଷାଧ୍ୟକ୍ଷ ଭାବେ ସଂଗ୍ରାମ କୁମାର ପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ସେହିପରି ଉପଦେଷ୍ଟା ଭାବେ ଶ୍ରୀ ସଞ୍ଜୟ ନାୟକ, ଶିବ ପ୍ରସାଦ ପାତ୍ର,ଗୋପବନ୍ଧୁ ଆଚାରୀ, ପୀତବାସ ନାୟକ,ସୁବାସ ଜେନା ମନୋନୀତ ହୋଇଥିଲେ । ସମସ୍ତ ନବ ନିର୍ବାଚିତ କର୍ମକର୍ତାଙ୍କୁ ଉପଢୌକନ ଦେଇ ମଞ୍ଚକୁ ସ୍ୱାଗତ ଜଣା ଯାଇଥିଲା । ଚାରୋଟି ବର୍ଗ କୁ ନେଇ ଗଠିତ ଏହି ସଂଘରେ ବ୍ୟବସାୟୀ ମାନଙ୍କ ସମସ୍ତ ସମସ୍ୟାକୁ ପ୍ରାଧାନ୍ୟ ଦେବା ସହ ଆଗାମୀ ଦିନରେ ଏହା ଓଡ଼ିଶାରେ ଏକ ନମ୍ବର ସଙ୍ଘ ହୋଇ ଉଭା ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ ନବ ନିର୍ବାଚିତ ସଭାପତି ଗୋପାଳ ସାହୁଙ୍କ ସମେତ ସମସ୍ତ କର୍ମକର୍ତା । ପରିଶେଷରେ ପୂର୍ବତନ ସଭାପତିଙ୍କୁ ଭାବ ବିହ୍ୱଳ ବିଦାୟ ଜଣାଇଥିଲେ ସଙ୍ଘ ର ବ୍ୟବସାୟୀ ମାନେ ।କିନ୍ତୁ ଆଗାମୀ ଦିନରେ ବିଦାୟୀ କାର୍ଯ୍ୟକର୍ତାଙ୍କୁ ନେଇ ସମସ୍ତ ରୂପରେଖ ପ୍ରସ୍ତୁତ କରିବାକୁ ନିଷ୍ପତି ନେଇଥିଲେ ନବ ନିର୍ବାଚିତ କାର୍ଯ୍ୟକର୍ତା । ଏହି ସଭାରେ କୋଦଳା ଅଂଚଳରୁ ପ୍ରାୟ ଚାରି ଶହରୁ ଉର୍ଦ୍ଧ ବଣିକ ଯୋଗ ଦେଇଥିଲେ ।

# ପୁଣି କମଲେଇ ଗାଁରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ

ଲାଞ୍ଜିଗଡ଼,୯/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ବର୍ଷ ସାରା ଜଙ୍ଗଲି ହାତୀ ରହିଥିବା ବେଳେ ଲୋକଙ୍କ ଜନଜୀବନ ସମେତ ଚାଷବାସ ନଷ୍ଟ କରୁଥିବାରେ ଲାଗିଛି। ବିଶ୍ୱନାଥପୁର ରେଞ୍ଜରେ ଥିବା ଲାଞ୍ଜିଗଡ, ବେନଗାଁ, ତ୍ରିଲୋଚନପୁର, ଲାଖବାହାଲି ବିଜେପୁର,କଦମ ଗୁଡ଼ା,ବେଡ଼ାଗାଁ,କୁମଖାଲ ଓ ଭୁର୍ତିଗଡ଼ ପଞ୍ଚାୟତରେ ନିୟମିତ ଭାବେ ହାତୀ ପଲ ରହି ବିଭିନ୍ନ ଗ୍ରାମର ଲୋକଙ୍କ ଧାନ,ମାଣ୍ଡିଆ, କୋଳଥ,ବିରି,ଝୁଡୁଙ୍ଗ ଓ କପା ଚାଷକୁ ନଷ୍ଟ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ପୁଣି ମୂଷାନାଳ ଫରେଷ୍ଟ ଅଧୀନରେ ଥିବା ଲାଖବାହାଲି ପଞ୍ଚାୟତର କମଲେଇ ଗାଁରେ ଧାନ,କାନ୍ଦୁଲ,ମାଣ୍ଡିଆ,ବିରି, କୋଳଥ ଆଦି ନଷ୍ଟ କରିଦେଇଛନ୍ତି ହାତୀ ପଲ। ସୂଚନା ମୁତାବକ ୧୦ ଟିକିଆରୁ ଉର୍ଦ୍ଧ୍ୱ ଜଙ୍ଗଲୀ ହାତୀପଲ ମୂଷାନାଳ ଫରେଷ୍ଟ ଅଧୀନରେ ଥିବା ଧଡେଲ ବିଟ୍ ର ଜାମଚୁଆଁ ଜଙ୍ଗଲରୁ ବାହାରି ଶନିବାର ରାତି ୨ ଘଣ୍ଟା ସମୟରେ କମଲେଇ ଗାଁକୁ ଯାଇ ଭୀଷଣ ଗର୍ଜନ କରିବା ପରେ ଗାଁ ଲୋକେ ଭୟଭୀତ ହୋଇ ଯାଇଥିଲେ।ଏହାପରେ ହାତୀପଲ ରାତ୍ର ୪ ଟା ପର୍ଯ୍ୟନ୍ତ ଚାଷବାସ ନଷ୍ଟକରି ତାଣ୍ଡବ କରିଥିଲେ।ଉକ୍ତ ଗାଁର ସୁଶାନ୍ତ ମାଝୀ,ଜିରାଣା ମାଝୀ,ବାଲି ମାଝୀ,ଜିତେନ୍ଦ୍ର ମାଝୀ,ଓ ଦୀପା ମାଝୀଙ୍କ ସମେତ ଅନେକ ଲୋକଙ୍କ ଧାନ,ମାଣ୍ଡିଆ କୋସଳା,ବିରି ଓ କୋଳଥ ଚାଷ ନଷ୍ଟ କରିଥିବା ଜଣାପଡିଛି।ଏହାପରେ ନିଜ ଅଧୀନରେ ଥିବା ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ ଗ୍ରାମବାସୀ ହେଲେ ଯୋଗାଯୋଗ ହୋଇ ନ' ଥିବାରୁ ଏପର୍ଯ୍ୟନ୍ତ ଫରେଷ୍ଟର ଶ୍ରୀ ମାଝୀ ଘଟଣା ସ୍ଥଳରେ ପହଞ୍ଚି ନାହାନ୍ତି ବୋଲି ଗ୍ରାମ ବାସି ପ୍ରକାଶ କରିଛନ୍ତି। ତେବେ ଅନେକ ଗୁଡ଼ିଏ ଚାଷୀଙ୍କ ଫସଲ ନଷ୍ଟ ହୋଇଥିବା ବେଳେ ଏହାର କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସି ଦାବି କରିଛନ୍ତି। ତେବେ ବନବିଭାଗ କେବେ ଘଟଣା ସ୍ଥଳକୁ ପହଞ୍ଚି କ୍ଷୟକ୍ଷତି ଆକଳନ କରୁଛି ଓ କ୍ଷତିପୂରଣ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# କବି ଦିବାକର ଭୋଇଙ୍କ ଦୁଇଟି କବିତା ପୁସ୍ତକ ଲୋକାର୍ପିତ



ବାସୁଦେବପୁର, ୯/୧୨ (ନି.ପ୍ର): ବାସୁଦେବପୁର ପ୍ରେସକ୍ଲବ ପରିସରରେ ବାଇଚଢ଼େଇ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କବିତା ଆସର ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁଦର୍ଶନ ଅଗସ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅକ୍ଷାଂଶ ର ସମ୍ପାଦକ ଡ. ହରିଶ୍ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ ଓ ବରେଣ୍ୟ ଅତିଥି ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ର ରେ ପୁଷ୍ପ ପ୍ରଦାନ ପୂର୍ବକ ଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ସଭା ରେ ମଞ୍ଚାସୀନ ଅତିଥି ମାନେ ହୃଦୟର ପରିଭାଷା ହିଁ କବିର କବିତା ବୋଲି ଆଲୋଚନା କରିଥିଲେ। ଏହି ଅବସରରେ କବି ଦିବାକର ଭୋଇଙ୍କ କବିତା ପୁସ୍ତକ
' ଫିକା ଫଗୁଣ ' ଓ 'ପ୍ରତିବିମ୍ବ ' କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ସୁଧାଂଶୁ ଶେଖର ମିଶ୍ର ଏହି ଦୁଇଟି ପୁସ୍ତକର ସମୀକ୍ଷା କରିଥିଲେ। ପରେ କବି ସୁଧାକର ସାହୁଙ୍କ ସଂଯୋଜନା ରେ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଓଡିଆ ସାହିତ୍ୟ ପ୍ରତି ଯୁବ ପିଢି ମାନଙ୍କୁ ସାମିଲ କରିବା ଏବଂ ସେମାନଙ୍କ ଆଗ୍ରହ ପାଇଁ କିଛି ତଥ୍ୟ ପ୍ରଦାନ କରାଯାଇଥିଲା। ବାଇଚଢେଇର ସମ୍ପାଦକ ବିକାଶ କୁମାର ଶତପଥୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ପ୍ରଦୀପ୍ତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବାଣପୁରରେ ପ୍ରଥମ କରି ଖୋଲିଲା ନର୍ସିଙ୍ଗ ଓ ପାରା ମେଡିକାଲ କଲେଜ

ବାଣପୁର, (ଖବର):ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ସହରସ୍ଥିତ କଲେଜ ରୋଡ ଅନ୍ତର୍ଗତ ବାବା ବଖାରି କଲ୍ୟାଣ ମଣ୍ଡପ ନିକଟରେ ଟାଙ୍ଗୀ ଇନଷ୍ଟିଚ୍ୟୁଟ ଅଫ ନର୍ସିଂ ଓ ପାରାମେଡିକାଲ ସାଇନ୍ସ ର ନୂତନ ଶାଖା ଉଦଘାଟିତ ହୋଇଯାଇଛି । ଉକ୍ତ ଶିକ୍ଷାନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ା.ରମାକାନ୍ତ ନାୟକ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୋଦାବରୀଶ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିନାୟକ ହୋତା, ଗ୍ରାମୀଣ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସର୍ବେଶ୍ୱର ଷଡ଼ଙ୍ଗୀ,ଓସିସି ଏଫ ନିର୍ଦ୍ଦେଶକ ସନ୍ତୋଷ କୁମାର ନାଥ ଏବଂ ନାଚୁଣୀ ଗାୟତ୍ରୀ ହସ୍ପିଟାଲର ପ୍ରତିଷ୍ଠାତା ମୋନାଲିସା ହରିଚନ୍ଦନ ଯୋଗଦେଇଥିଲେ । ଏହି ଅବସରରେ ସ୍ଥାନୀୟ ବାବା ବଖାରି କଲ୍ୟାଣ ମଣ୍ଡପ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ଅତିଥିମାନେ ବାଣପୁର ସହରରେ ଉକ୍ତ ଶିକ୍ଷାନୁଷ୍ଠାନ ଖୋଲିବାଦ୍ୱାରା ବହୁ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ମତଦେଇଥିଲେ । ଏପରିକି ଯୁକ୍ତ ୨ ପରେ ବହୁ ଛାତ୍ରଛାତ୍ରୀ ଉକ୍ତ କୋର୍ସ କରିବା ପାଇଁ ବହୁ ଦୂରଦୁରାନ୍ତରକୁ ଯାଉଥିବା ବେଳେ ବର୍ତ୍ତମାନ ବାଣପୁର, ବାଲୁଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼ା। ତପନ କୁମାର ଶାସମଲ,ଉପାଧ୍ୟକ୍ଷା ରଶ୍ମିତା ଶାସମଲ,କିମ୍ସ ହସ୍ପିଟାଲ ଭୁବନେଶ୍ୱର ସଂଯୋଜକ ମଧୁସ୍ମିତା ଲେଙ୍କା, ବାଣପୁର ଶାଖା ପରିଚାଳକ ଜୟକୃଷ୍ଣ ପ୍ରଧାନ, ଉପଦେଷ୍ଟା ହିମାଂଶୁ ଦଳେଇ ଓ ବେଣୁଧର ପାଇକରାୟ ଆଦି ପରିଚାଳନା କରିଥିଲେ ।

# ଟ୍ରାକ୍ଟରରେ ଦୁର୍ଘଟଣା ଘଟି ଜଣେ ମୃତ




ବେଗୁନିଆପଡା, ୯/୧୨ (ନି.ପ୍ର):ବେଗୁନିଆପଡା ଥାନା ଅନ୍ତର୍ଗତ ଶାଳିଆଡ୍ୟାମ ତଳ ରାସ୍ତାରେ ବୁଧବାର ସନ୍ଧ୍ୟା ୬ ଟା ସମୟରେ ଟ୍ରାକ୍ଟର ଚକା ତଳେ ପଡି ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଅଙ୍ଗାର ଗାଁ ଗ୍ରାମର ବନମାଳୀ ମଣ୍ଡଳ (୫୯) । ସୂଚନା ଅନୁଯାୟୀ ବନମାଳୀ ଏକ ଟ୍ରାକ୍ଟର ରେ ବସି ବିଲରୁ ଫେରୁଥିଲେ । ହଠାତ ଗାଡି ଚକା ତଳେ ପଡିଯାଇଥିବା ବେଳେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ବେଗୁନିଆପଡା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିବା ସହିତ ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର(OD07 AW 0781)କୁ ଜବତ କରିଛି ।

# ମଣ୍ଡଳସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା

କଲ୍ୟାଣ ସିଂହପୁର,୯/୧୨ (ନି.ପ୍ର): ରାୟଗଡା ଜିଲ୍ଲା କଲ୍ୟାଣ ସିଂହପୁର ପଞ୍ଚାୟତ ସମିତି ଅଧିନସ୍ଥ ନାରାୟଣପୁର ପଞ୍ଚାୟତ ସ୍ଥିତ ଶିରିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୦୨୪ ମଣ୍ଡଳ ସ୍ତରୀୟ ସର୍ଗିଫୁଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ପ୍ରତି ଯୋଗିତାରେ ମଣ୍ଡଳ ସ୍ତରରୁ ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରିମାନେ ଭାଗ ନେଇଥିଲେ । ଏଠାର ଭଲିବୋଲ, ବକ୍ତୃତା, ସମୂହ ନୃତ୍ୟ ଓ ବିଜ୍ଞାନ ମେଳା ଭଳି ଅନେକ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା । ସେଥିମଧ୍ୟରୁ ଶିରିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରିମାନେ ସମୂହ ନୃତ୍ୟ,ଭଲି ବୋଲ, ବକ୍ତୃତା ଓ ବିଜ୍ଞାନ ମେଳା ରେ କୃତିତ୍ୱ ହାସଲ କରି ରାୟଗଡା ଜିଲ୍ଲା ସ୍ତରରେ ହେବାକୁ ଥିବା ସର୍ଗିଫୁଲ ପ୍ରତିଯୋଗିତାକୁ ଯିବା ନିମନ୍ତେ ମୋନାନୀତ ହୋଇଥିବା ଜଣାପଡିଛି । ଏଥି ନିମନ୍ତେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଟା ରାଜେଶ,ସହ ଶିକ୍ଷକ ଗୁରୁ ପ୍ରସାଦ,ଖେଳ ଶିକ୍ଷୟତ୍ରୀ ଶ୍ରୀମତୀ ସାରଦା ପ୍ରସର୍ଣ୍ଣ ପଣ୍ଡା ଏବଂ ନାଗେଶ କୁମାର ପାତିକା ପିଲାଙ୍କୁ ସଫଳ କରିବା ନିମନ୍ତେ ବହୁ ମାତ୍ରାରେ ପରିଶ୍ରମ କରିଥିବା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଶିରିପୁର ବିଦ୍ୟାଳୟର ଛାତ୍ରି ମାନଙ୍କ ସଫଳତାକୁ ନେଇ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରୁଛନ୍ତି ।

# ସୁମଣ୍ଡଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ଏଡସ ଦିବସ ପାଳିତ



ବେଗୁନିଆପଡା, ୯/୧୨ (ନି.ପ୍ର): ଡିସେମ୍ବର ଏକ ହେଉଛି ବିଶ୍ୱ ଏଡସ ଦିବସ। ସାରା ବିଶ୍ୱରେ ପାଳିତ ହେଉଛି ଏହି ଦିବସ । ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି ନିର୍ଦ୍ଦେଶ କ୍ରମେ ଲିଙ୍କ ୱାର୍କର ସ୍କିମ ଅରୁଣା ତତ୍ତ୍ୱାବଧାନ ରେ ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ସକାଳ ୧୧ ଘଣ୍ଟ ସମୟରେ ଏହି ଦିବସ ପାଳିତ ହୋଇଯାଇଛି । ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାସିଷ୍ଟ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ଏ ଡି ଓ କପଲ ଦଣ୍ଡପାଣି, ଅରୁଣା ସୁପରଭାଇଜର ପ୍ରମୋଦ କୁମାର ଜେନା ଯୋଗଦେଇ ଏଡ଼ସ ର ଲକ୍ଷଣ, ସଚେତନ ଓ ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ । କେଉଁ ପରିସ୍ଥିତି ରେ ଏଡ଼ସ ହୋଇଥିବା , ସରକାରଙ୍କ କଣ ବ୍ୟବସ୍ଥା ଓ ସହାୟତା,ରୋଗୀଙ୍କୁ ଚିହ୍ନଟ ଓ ପରାମର୍ଶ ଓ ଏଥି ପ୍ରତି କିପରି ସଚେତନ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଏହାପରେ ଏକ ରାଲି ଅନୁଷ୍ଠିତ କରାଯାଇ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ର ବାର୍ତ୍ତା ଦେଇଥିଲେ । ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଆଶା ଦିଦି, ସ୍ୱାସ୍ଥ୍ୟ କର୍ମୀ ଅରୁଣା ର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ ।

# ସେଣ୍ଟ୍ରାଲ ଶାଖା ଏବଂ ଏମଏମଆଇ ନାରାୟଣ ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରିଚର୍ଚ୍ଚା

## ଯୋଗ ଦେଲେ ଟିଟିଲାଗଡ ବିଧାୟକ ନବୀନ ଜୈନ




ଟିଟିଲାଗଡ, ୯/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ଡି.ଏନ. ରିସୋର୍ଟ ଠାରେ ମାରୱାଡ଼ି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା ଏବଂ ଏମଏମଆଇ ନାରାୟଣ ହସ୍ପିଟାଲ ରାୟପୁର ଦ୍ୱାରା ମିଳିତ ଆନୁକୂଲ୍ୟରେ ଏକ ବିଶାଳ ସ୍ୱାସ୍ଥ୍ୟ ପରିଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ ବିଧାୟକ ଶ୍ରୀ ନବୀନ କୁମାର ଜୈନ, ଏମଏମଆଇ ନାରାୟଣ ହସ୍ପିଟାଲ ରାୟପୁରର ବରିଷ୍ଠ ହୃଦୟ ରୋଗ ବିଶେଷଜ୍ଞ ଡାକ୍ତର ସୁମନ୍ତ ଶେଖର ପାଢ଼ୀ, ଅର୍ଥୋପେଡିକ ବିଶେଷଜ୍ଞ ଡାକ୍ତର ପଙ୍କଜ କୁମାର ପଟେଲ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାର୍କେଟିଙ୍ଗ ହେଡ ସତନାମ ସିଂ, ମାରୱାଡ଼ି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖା ସଭାପତି ଅମିତ୍ ଶର୍ମା, କାର୍ଯ୍ୟକ୍ରମ ସଂଯୋଜକ ଅଙ୍କୁର କୁମାର ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ମଞ୍ଚ ପରିଚାଳନା ଶାଖା ସଚିବ ଯୁବା ଉମେଶ କନୋଡିଆ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ଜୈନ ଏଭଳି ଆୟୋଜନ କରୁଥିବା ମାରୱାଡି ଯୁବା ମଞ୍ଚ ସେଣ୍ଟ୍ରାଲ ଶାଖାକୁ ଧନ୍ୟବାଦ ଦେବା ସହ ଆଗକୁ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହୁ ଯାହା ଫଳରେ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନତା ବାର୍ତା ପହଞ୍ଚି ପାରିବ ବୋଲି କହିଥିଲେ। ଏହି ସ୍ୱାସ୍ଥ୍ୟ ଆଲୋଚନା କାର୍ଯ୍ୟକ୍ରମରେ ଡାକ୍ତର ଶ୍ରୀ ପାଢୀ ଏବଂ ଡାକ୍ତର ପଟେଲ ରୋଗ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ସମସ୍ତଙ୍କୁ ହୃଦୟ ରୋଗ ର କାରଣ ଏବଂ ଲକ୍ଷଣ ବିଷୟରେ ଅବଗତ କରିଥିଲେ । ଆଧୁନିକ ଯୁଗର ଲାଇଫ ଷ୍ଟାଇଲ, ଖାଇବାରୁ ଆରମ୍ଭ କରି ଶୋଇବା ଯାଏ କେମିତି ରହିବା କଥା ତାହା ଡାକ୍ତର ଟିକିନିଖି ରେ ବୁଝାଇଥିଲେ।କାର୍ଯ୍ୟକ୍ରମରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପି କେ ନାୟକ,ଡାକ୍ତର ବିଜୁ ଅଗ୍ରୱାଲ, ଡାକ୍ତର ଗୋପବନ୍ଧୁ ସାହୁ, ଡାକ୍ତର ବଳରାମ ସାହୁ, ଡାକ୍ତର ଓଁକାର ହୋତା କୁ ସମ୍ମାନିତ କରାଯାଇଥିଲା।

# କମନୱେଲଥ କରାଟେ ଚାମ୍ପିୟନସିପ

## ଦକ୍ଷିଣଆଫ୍ରିକାରେ କମାଲ ଦେଖାଇଲେ ପୁଲକ, ସୂର୍ଯ୍ୟ ଓ ଆର୍ଯ୍ୟବ୍ରତ



ବଣାଇ,୯/୧୨ (ନି.ପ୍ର): ଦକ୍ଷିଣ ଆଫ୍ରିକାର ଡର୍ବାନ ଠାରେ ୧୧ତମ କମନୱେଲଥ କରାଟେ ଚାମ୍ପିୟନସିପ ଉଦ୍ଯାପିତ ହେଇଯାଇ ଅଛି। ଏହି ଚାମ୍ପିୟନସିପ ପାଇଁ ମନୋନୀତ ଭାରତୀୟ ଦଳରରେ ଓଡିଶାରୁ ୨୫ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଏହି ଦଳରେ ରାଉରକେଲା ରୁ ସୂର୍ଯ୍ୟପ୍ରକାଶ ଘଡେଇ, ପୁଲକ ପାଢ଼ୀ ଓ ଆର୍ଯ୍ୟବ୍ରତ ବିଶ୍ୱାଳ ମନୋନୀତ ହୋଇ ଜୁନିଅର ପୁରୁଷ ବର୍ଗର ଟିମ କଟାରେ ଭାରତକୁ ପ୍ରତିନିଧିତ୍ୱ କରି ରୌପ୍ୟ ପଦକ ହାସଲ କରିଛନ୍ତି । ପୁଲକ ପାଢ଼ୀ, ବାସନ୍ତୀକଲୋନୀ ସ୍ଥିତ ଡିଏଭି ସ୍କୁଲ, ଆର୍ଯ୍ୟବ୍ରତ ବିଶ୍ୱାଳ ଦୀପିକା ଇଂଲିଶ ସ୍କୁଲ ଓ ସୂର୍ଯ୍ୟପ୍ରକାଶ ଘଡେଇ ବନ୍ଧମୁଣ୍ଡା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ରେ ପାଠ ପଢୁଛନ୍ତି । ଏହି ୩ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲ ଠାରେ ଜାତୀୟ ଓ ଅନ୍ତର୍ଜାତୀୟ ପଦକ ପ୍ରାପ୍ତ ତଥା ଏସିୟ କୋଚ ଓ ଜଜ ରାଜୀବ ସିଂ ଙ୍କ ଠାରେ ଦୀର୍ଘ ଦିନରୁ କରାଟେ ପ୍ରଶିକ୍ଷଣ ନେଉଛନ୍ତି । ଏଥିପାଇଁ ଓଡିଶା ରାଜ୍ୟ କରାଟେ ସଂଘ ର ସଭାପତି ହାଂଶୀ ଡ଼ ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ଼ ଗୌରୀ ମହାନ୍ତି ରାଉରକେଲା କରାଟେ ଆସୋସିଏସନ ର ସଭାପତି ତଥା ବିଧାୟକ ସାରଦା ନାୟକ, ବାସନ୍ତୀ ସାଂସ୍କୃତିକ ପରିଷଦ, ସହର ସେବା ସମିତି ର କର୍ମକର୍ତାଙ୍କ ସହ ସହରର ଅନେକ କ୍ରୀଡା ଓ ସାମାଜିକ ଅନୁଷ୍ଠାନ ଓ କ୍ରୀଡା ପ୍ରେମୀ କରାଟେକାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ବିଜୟୀ ଦଳ ଆସନ୍ତା ୫ ତାରିଖରେ ରାଉରକେଲା ରେ ପହଁଚିବେ ।

# ମାଫିଆ ଛୋଟୁ ଅଗ୍ରୱାଲ ବିରୁଦ୍ଧରେ ଓଡିଶାମାନବ ଅଧିକାର କମିଶନରେ ମାମଲା ରୁଜୁ

## ଟଙ୍କା ନେଇ ପୋଲିସ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗ ଆଣିଲେ ଗ୍ରାମବାସୀ



ବଲାଙ୍ଗୀର,୯/୧୨ (ନି.ପ୍ର): ରାଜ ଖରିଆର ମାଫିଆ ହିତେଶ ଅଗ୍ରୱାଲ ଓରଫ ଛୋଟୁ ଅବୈଧ ବ୍ଲାଷ୍ଟିଂ କରି ନିରୀହ ଲୋକଙ୍କୁ ଗୁଣ୍ଡା ଲଗେଇ ନିଷ୍ଠୁର ମାଡ଼ ମାରିଥିବା ବିଷୟକୁ ନେଇ ଓଡିଶା ମାନବ ଅଧିକାର କମିଶନ(ଓଏଚ୍ଆରସି)ରେ ଏକ ମାମଲା ରୁଜୁ କରାଯାଇଛି ।ମାଫିଆ ହିତେଶ ଅଗ୍ରୱାଲ ଓରଫ ଛୋଟୁର କାର୍ଯ୍ୟକଳାପକୁ ନେଇ ବଲାଙ୍ଗୀର ଜିଲାପାଳ ଏବଂ ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଏବଂ ପରିବହନ ବିଭାଗକୁ ଉତ୍ତର ମାଗିଛି ଓଏଚ୍ଆରସି । ସମ୍ପୃକ୍ତ ପତ୍ରକୁ ସନ୍ଦର୍ଭ ଦେଇ,ସମ୍ପ୍ରତି ୨୩.୦୪.୨୦୨୪ ତାରିଖରେ ଅଧିକାରୀ ଓଏଚ୍ଆରସି ଦ୍ୱାରା ଜାରିକୃତ ଆଦେଶ ଏବଂ ମାମଲା ନମ୍ବର ୩୩୯ ଅନୁସାରେ ବଙ୍ଗୋମୁଣ୍ଡା ତହସିଲ ବରଲାବାହାଲୀ ଗ୍ରାମର ଦୁର୍ଯୋଧନ ବାଗ ଓଡିଶା ମାନବ ଅଧିକାର କମିଶନରେ ଗ୍ରାମବାସିଙ୍କ ପକ୍ଷରୁ ଏକ ଅଭିଯୋଗ ଦାୟର କରାଯାଇଥିଲା । ଯେଉଁଥିରେ କେନାଲ ରାସ୍ତା ଉପରେ ଭାରି ଗାଡ଼ି ଚାଲାଇବା ଫଳରେ କେନାଲ ଭାଙ୍ଗିଯିବାର ଆଶଙ୍କା ଦେଖା ଦେଇଛି ତତ ସଙ୍ଗେ ସଙ୍ଗେ ଗାଁବାସୀଙ୍କର ଜୀବନକୁ ବିପଦ ରହିଥିବା ପତ୍ରରେ ଉଲ୍ଲେଖ ରହିଥିଲା ।ବଲାଙ୍ଗୀର ଜିଲ୍ଲାପାଳ,ବଲାଙ୍ଗୀର ଆରକ୍ଷୀ ଅଧିକ୍ଷକ ଏବଂ ବଲାଙ୍ଗୀର ଆର୍ଟିଓକୁ ଏହି ମାମଲା ଉପରେ ତଦନ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ବେଆଇନ ବ୍ଲାଷ୍ଟିଂ ଏବଂ ଖାଣି ଖନନ କରି ଓଭର ଲୋଡିଂ ହାଇୱା ମାନଙ୍କୁ ବରଲାବାହାଲୀ କେନାଲ ରାସ୍ତା ଉପରୁ ଓଭର ଲୋଡିଂ ହାଇବା ମାନଙ୍କୁ ବାରମ୍ବାର ନିଆ ଅଣା କରାଯାଉଛି ଏବଂ ମାଫିଆ ଶ୍ରୀ ହିତେଶ ଅଗ୍ରୱାଲ ରାଜ ଖାରିଆର ରୁ ଆସି ବରଲାବାହାଲୀ ଗାଁରେ ନିଜ ଆତଙ୍କ ସୃଷ୍ଟି କରି ଏକ ସ୍ଥାନରେ କ୍ରସର ଚଳାଉଛି। ସେଥିପାଇଁ ଗାଁ କୁ ୧ କିଲୋମିଟର ଥିବା ଜାଗା ଉପରେ ଭାରି ଗାଡ଼ି ନ ଚଲେଇବା ସହ ବ୍ଲାଷ୍ଟିଂ ବନ୍ଦ କରିବାକୁ ପତ୍ର ରେ ଉଲ୍ଲେଖ କରିବା ସହ ଏହାର ତଦନ୍ତ କରିବାକୁ ଅନୁରୋଧ ଜଣେଇଥିଲେ ।ତଦନ୍ତ ପରେ ପ୍ରଶାସନ ପକ୍ଷରୁ ଗୋଟିଏ ରିପୋର୍ଟ ପ୍ରାପ୍ତ ହୋଇଛି, ଯାହାରୁ ସ୍ପଷ୍ଟ ହେଉଛି ଯେ ଏକ ହାଇୱା ଗାଡ଼ି (ପଞ୍ଜିକରଣ ନମ୍ବର ସିଜି ୦୬ ଜିଡବ୍ଲୁ-୮୭୩୩)କୁ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ନାସନାଲ ପରମିଟ୍, ଓଏମଭି ଟାକ୍ସ ନଥିବା ଏବଂ ଓଭରଲୋଡ଼ ବୋଲି ପ୍ରତିଷ୍ଠିତ ହୋଇଥିଲା। ତେଣୁ, ସେହି ଗାଡ଼ି ପାଇଁ ୭୨,୭୮୦ ଟଙ୍କାର ଇ-ଚାଲାନ୍ ଜାରି କରାଯାଇଛି ଏବଂ ଗାଡ଼ିଟିକୁ ବାଙ୍ଗୋମୁଣ୍ଡା ପୋଲିସ୍ ଷ୍ଟେସନରେ ଜପ୍ତ କରାଯାଇଥିଲା ।ତତ ସଙ୍ଗେ ସଙ୍ଗେ ଏହି ସମ୍ପର୍କରେ, ବାରଲାବହାଲୀ ଗାଁରେ ପୋଲିସ୍ ପ୍ୟାଟ୍ରୋଲିଂ ତୀବ୍ର କରାଯାଇଛି ଯାହାଦ୍ୱାରା ଗାଁବାସୀଙ୍କ ଜୀବନ ସୁରକ୍ଷିତ ରହିବା ପାଇଁ ପ୍ରୟାସ କରାଯାଇଛି ଏବଂ ଏହି ଅଞ୍ଚଳରେ ଭାରି ଗାଡ଼ିଗୁଡ଼ିକୁ ନିୟମିତ ତଦନ୍ତ ଓ ନିରୀକ୍ଷଣ କରାଯାଇଛି ବୋଲି ପୋଲିସ ପ୍ରଶାସନ ଏବଂ ପରିବହନ ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଗ୍ରାମବାସି କହିଛନ୍ତି ଯେ ଓଭର ଲୋଡିଂ ହାଇବା ଜବତ କରି ଇ-ଚାଲାନ କରି ଫାଇନ କରିବା ସତ ହେଲେ ଦିଆ ଯାଇଥିବା ବାକିତକ ରିପୋର୍ଟ ମିଥ୍ୟା ବୋଲି କହିଛନ୍ତି ଗ୍ରାମବାସୀ ।ମାଫିଆ ହିତେଶ ଅଗ୍ରୱାଲ ଠାରୁ ମୋଟା ଅଙ୍କର ବଟି ନେଇ ପୋଲିସ ପ୍ରଶାସନ ଏବଂ ପରିବହନ ବିଭାଗ ଏଭଳି ମିଥ୍ୟା ରିପୋର୍ଟ ପ୍ରଦାନ କରିଛନ୍ତି ବୋଲି ବର୍ଲାବାହାଲୀ ଗ୍ରାମବାସୀ ପ୍ରକାଶ କରିଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ